R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୩
ତିଥି : ଚତୁର୍ଦ୍ଦଶୀ
୦୮ ଏପ୍ରିଲ ୨୦୨୪, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 183
08 April 2024, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ରେକର୍ଡ ମାର୍ଜିନରେ ଜିତିବ ବିଜେଡି : କାର୍ତ୍ତିକ

ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦିଅନ୍ତୁ

ନବୀନ ଓଡିଶା ଗଠନରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଶ୍ରମିକ କଲ୍ୟାଣକୁ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ପ୍ରାଥମିକତା

ଶ୍ରମିକଙ୍କ ମଜୁରୀ ସର୍ବାଧିକ ୧୦୦ ଟଙ୍କା ବୃଦ୍ଧି ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଥିଲା

ଭୁବନେଶ୍ୱର, ୭।୪ (ସବ୍ୟୁ) : ବିଜେଡି ଏଥର ୧୪୭ ବିଧାନସଭା ଆସନ ମଧ୍ୟରୁ ତିନି ଚତୁର୍ଥାଂଶ ଆସନରେ ରେକର୍ଡ ମାର୍ଜିନରେ ବାଜିମାତ କରିବ ବୋଲି ଆକଳନ କରିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ନବୀନ ଓଡିଶା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ଭୁବନେଶ୍ୱରଠାରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ କନଭେନସନରେ ଯୋଗ ଦେଇ ପାଣ୍ଡିଆନ ଏହା କହିଛନ୍ତି । ସେ କହିଛନ୍ତି ଯେ, ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେକର୍ଡ ମାର୍ଜିନରେ ବିଜୟୀ ହୋଇ ପୁଣି ଥରେ ସରକାରକୁ ଆସୁଛନ୍ତି । ବିଜେଡି ତିନି ଚତୁର୍ଥାଂଶ ଆସନରେ ବିଜୟୀ ହେବା ସୁନିଶ୍ଚିତ । ସେହିଭଳି ଲୋକସଭାରେ ମଧ୍ୟ ଗତଥରଠାରୁ ଭଲ ପ୍ରଦର୍ଶନ କରିବ ଦଳ । ସେଥିପାଇଁ ଲୋକଙ୍କଠୁ ଦୁଇଟି ଆଶୀର୍ବାଦ ଦରକାର । ଗୋଟିଏ ବିଧାନସଭା ପାଇଁ ଓ ଅନ୍ୟଟି ଲୋକସଭା ପାଇଁ । ପ୍ରାର୍ଥୀକୁ ଦେଖିବେ ନାହିଁ । ବରଂ ନବୀନ ପଟ୍ଟନାୟକ ଏବଂ ଶଂଖ ଚିହ୍ନକୁ ଦେଖିବେ । କାରଣ ୧୪୭ ବିଧାସଭା ଓ ୨୧ ଲୋକସଭା ଆସନରେ ନବୀନ ପଟ୍ଟନାୟକ ଏବଂ ଶଂଖ ଚିହ୍ନ ହିଁ ଛିଡା ହୋଇଛି ବୋଲି ସେ କହିଛନ୍ତି । ବିକାଶ ଧାରାକୁ ଆହୁରି ଆଗକୁ ନେବା ପାଇଁ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ବିଚାରରେ ସଶକ୍ତ ଓ ନବୀନ ଓଡିଶା ଗଠନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଶ୍ରମିକଙ୍କ । ସବୁ ବିକାଶ କାମ ପଛରେ ରହିଛି ଶ୍ରମିକଙ୍କ ହାତ । ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଶ୍ରମିକମାନଙ୍କୁ ପ୍ରାଥମିକତା ଓ ସମ୍ମାନ ଦେଇ ଆସିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ବିଜୁ ପଟ୍ଟନାୟକ ଗୋଟେ ସମୟରେ ୧୧ଟଙ୍କାରୁ ୨୫ ଟଙ୍କାକୁ ଦୈନିକ ମଜୁରୀ ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଏବେ ମଧ୍ୟ ନବୀନ ପଟ୍ଟନାୟକ ସର୍ବାଧିକ ୧୦୦ଟଙ୍କା ମଜୁରୀ ବୃଦ୍ଧି କରି ରେକର୍ଡ କରିଛନ୍ତି । ସରକାରଙ୍କ ବିଭିନ୍ନ ବିଭାଗ ୧୦୦ ଟଙ୍କ ମଜୁରୀ ବୃଦ୍ଧି ସପକ୍ଷରେ ନଥିଲେ । କାରଣ ୧୦୦ଟଙ୍କା ମଜୁରୀ ବୃଦ୍ଧି କଲେ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୫ରୁ ୬ହଜାର କୋଟି ଟଙ୍କାର ଅଧିକ ବୋଝ ପଡିବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତି ଥିଲା ଯେଉଁ ଶ୍ରମିକମାନେ ରାଜ୍ୟ ବିକାଶର ମୁଖ୍ୟ ବିନ୍ଧାଣୀ ସେମାନଙ୍କ ପାଇଁ ୫/୬ ହଜାର କୋଟିର ବୋଝ ନେବାକୁ ସରକାର ପ୍ରସ୍ତୁତ । ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

ଘଡ଼ଘଡ଼ି ସହ ବର୍ଷା, ଭିଜିଲା ରାଜଧାନୀ

ଭୁବନେଶ୍ୱର, ୭।୪ (ସବ୍ୟୁ) : ଲଗାତାର ଦୁଇ ଦିନ ଧରି ପ୍ରଚଣ୍ଡ ଖରା, ତତଲା ପବନ ଓ ଗୁଳୁଗୁଳି ପରେ ଆଜି ଅପରାହ୍ଣରେ ସାମାନ୍ୟ ଆଶ୍ୱସ୍ତି ମିଳିଛି । ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି । ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପ୍ରାୟ ୧ ଘଣ୍ଟା ଧରି ବଜ୍ରପାତ ସହିତ ହାଲୁକା ବର୍ଷା ହୋଇଛି । କାଳବେଶାଖୀ ବର୍ଷା ଯୋଗୁଁ ଭୁବନେଶ୍ୱରର ବହୁ ସ୍ଥାନରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି । ଆଗାମୀ ଦୁଇ ଦିନ ଯାଏଁ ବର୍ଷା ରାଜ୍ୟର କିଛି ସ୍ଥାନରେ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗତ ଦୁଇ ଦିନ ରାଜ୍ୟର ତାପମାତ୍ରା ୪୩. ୫ଡିଗ୍ରି ଛୁଇଁଥିଲା । ୫ ତାରିଖରେ ଭୁବନେଶ୍ୱର ଓ ୬ ତାରିଖରେ ଅନୁଗୁଳବାସୀ ୪୩.୫ ଡିଗ୍ରିରେ ସିଝିଥିଲେ । ସେହିପରି ୨୫ଟି ସହରରେ ପାରା ୪୦ ଡିଗ୍ରି ଅତିକ୍ରମ କରିଥିଲା । ଏହି ଅସହ୍ୟ ତାତି ଓ ଗୁଳୁଗୁଳି ପରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୬ଟି ଜିଲ୍ଲାକୁ ସତର୍କ (୯ ପୃଷ୍ଠାରେ)

ଭବାନୀପାଟଣା ଜେଲରୁ ଦୁଇ କଏଦୀ ଫେରାର

ଭବାନୀପାଟଣା, ୭।୪ (ସବ୍ୟୁ): ଭବାନୀପାଟଣା ଜେଲରୁ ଦୁଇ ଜଣ ବିଚାରାଧୀନ କଏଦୀ ଫେରାର ହୋଇ ଯାଇଥିବା ସୂଚନା ମିଳିଛି । ରବିବାର ସକାଳେ ଉଭୟେ ଜେଲରେ ନ ଥିବା ଜଣାପଡ଼ିଥିଲା। ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିଲେ ଜେଲ୍ କର୍ତ୍ତୃପକ୍ଷ । ଫେରାର ବିଚାରାଧୀନ କଏଦୀମାନେ ହେଲେ ସିକନ୍ଦର ଜାଲ ଓ ନୀଳମଣି ମାଝି । ସିକନ୍ଦର ନୂଆପଡ଼ା ଜିଲ୍ଲାର ହୋଇଥିବା ବେଳେ ନୀଳମଣି ଧର୍ମଗଡ ଅଞ୍ଚଳର ବୋଲି ଜଣାପଡ଼ିଛି । ସେମାନଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିବା ବେଳେ ବିଚାରାଧୀନ କଏଦୀ ଭାବେ ଜେଲରେ ଥିଲେ। ହେଲେ ସେମାନେ କିପରି ଓ କେତେବେଳେ ଫେରାର ହେଲା, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ ।

ବେଳାଭୂମିରେ ବଜ୍ରପାତ, ପର୍ଯ୍ୟଟକ ଆହତ

ବାଲେଶ୍ୱର, ୭।୪ (ସବ୍ୟୁ) : ରବିବାର ସନ୍ଧ୍ୟାରେ ପର୍ଯ୍ୟଟକ ବେଳା ଭୂମି ରେ ବୁଲୁ ଥିବା ସମୟରେ ବଜ୍ରପାତରେ ଗୁରୁତର ଆହାତ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବର୍ଷା ସହ ଘଡ଼ଘଡି ହୋଇଥିଲା। ଓଡିଶା ପଶ୍ଚିମବଙ୍ଗ ସୀମାନ୍ତ ଉଦୟପୁର ବେଳା ଭୂମିରେ ବଜ୍ରପାତରେ ୩ ଜଣ ଗୁରୁତର ଆହାତ ହୋଇଛନ୍ତି । ଗୁରୁତର ମାନଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ପଶ୍ଚିମ ବଙ୍ଗର ଦୀଘା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ମାନେ ହେଲେ ଭୋଗରାଇ ବ୍ଲକ ଉଦୟପୁର ଗ୍ରାମର ଜଣେ ଓ ଅନ୍ୟ ଦୁଇ ଜଣ ହେଉଛନ୍ତି ବାଙ୍ଗୀୟ ପର୍ଯ୍ୟଟକ ବୋଲି ଜଣା ଯାଇଛି।ରବିବାର ସନ୍ଧ୍ୟାରେ ଓଡିଶା ଉଦୟପୁର ବେଳାଭୂମିରେ ବର୍ଷା ହୋଇଥିଲା । ସେଇ ସମୟରେ ଉଦୟପୁର ଗ୍ରାମର ଜଣେ ଲୋକ ଓ ଅନ୍ୟ ଦୁଇ ଜଣ ବାଙ୍ଗୀୟ ପର୍ଯ୍ୟଟକ ବେଳା ଭୂମି ରେ ବୁଲୁ ଥିବା ସମୟରେ ବଜ୍ରପାତରେ ଗୁରୁତର ଆହାତ ହୋଇଥିଲେ ।

ପୂର୍ଣ୍ଣ ସୂର୍ଯ୍ୟପରାଗ, ଆଜି ଦିନରେ ଘୋଟିଯିବ ଅନ୍ଧାର!



ନୂଆଦିଲ୍ଲୀ, ୭।୪ : ଆସନ୍ତାକାଲି ମହାକାଶରେ ଦୃଶ୍ୟମାନ ହେବାକୁ ଯାଉଛି ବିରଳ ମହାଜାଗତିକ ଦୃଶ୍ୟ । ଦିନରେ ଆକାଶରେ ସୂର୍ଯ୍ୟ ଥାଇ ମଧ୍ୟ ଘୋଟିଯିବ ଅନ୍ଧକାର, ଫଳରେ ରାତି ପରି ଭ୍ରମ ସୃଷ୍ଟି ହେବ । ବୈଜ୍ଞାନିକଙ୍କ କହିବା ଅନୁସାରେ, ଆସନ୍ତାକାଲି ହେବାକୁ ଯାଉଥିବା ପୂର୍ଣ୍ଣ ସୂର୍ଯ୍ୟପରାଗ ଖୁବ୍ ବିରଳ । କାରଣ ଆମେରିକାରେ ଆଗାମୀ ୨୦ ବର୍ଷ ଅର୍ଥାତ୍ ୨୦୪୪ ମସିହା ପର୍ଯ୍ୟନ୍ତ ଏପରି ବିରଳ ସୂର୍ଯ୍ୟପରାଗ ଦୃଶ୍ୟମାନ ହେବାର ନାହିଁ । ଆମେରିକା ସମେତ ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ପୂର୍ଣ୍ଣ ସୂର୍ଯ୍ୟପରାଗ ଦୃଶ୍ୟମାନ ହେବ । କିନ୍ତୁ ଭାରତରେ ଏହାର ବିଶେଷ ପ୍ରଭାବ ପଡିବନି । ଆମେରିକାର ସ୍ପେସ୍ ଏଜେନ୍ସି ନାସା ସୂଚନା ଅନୁସାରେ, ପୂର୍ଣ୍ଣ ସୂର୍ଯ୍ୟପରାଗ ଆମେରିକା ବ୍ୟତୀତ କାନାଡା, ମେକ୍ସିକୋ ଏବଂ ଉତ୍ତର ଆମେରିକାର ଅନ୍ୟାନ୍ୟ ଅଞ୍ଚଳରେ ଦୃଶ୍ୟମାନ ହେବ ।

ଏହି ସୂର୍ଯ୍ୟପରାଗର ପ୍ରଭାବ ପାଖାପାଖି ୧୨ ଘଣ୍ଟା ରହିବ ବୋଲି ଜ୍ୟୋତିର୍ବିଦମାନେ ଆକଳନ କରିଛନ୍ତି । ଏପ୍ରିଲ ୮ ମଧ୍ୟାହ୍ନ ୨ଟା ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୯ ମଧ୍ୟ ରାତ୍ରି ୨ଟା ୨୨ରେ ଶେଷ ହେବ । ବିଶେଷଜ୍ଞଙ୍କ କହିବା ଅନୁସାରେ, ଏହି ସୂର୍ଯ୍ୟପରାଗକୁ ଖାଲି ଆଖିରେ ଦେଖିପାରିବେ । ପରାଗ ସମ୍ପୂର୍ଣ୍ଣ ଗ୍ରାସ କରିବା ପରେ ସୂର୍ଯ୍ୟଙ୍କୁ ଖାଲି ଆଖିରେ ଦେଖିହେବ । ଏଥିପାଇଁ କୌଣସି ସନ୍ ଗ୍ଲାସର ବ୍ୟବହାର ମଧ୍ୟ କରିବାକୁ ପଡ଼ିବନ । ପୂର୍ଣ୍ଣ ସୂର୍ଯ୍ୟପରାଗ ହେଉଛି ଏକ ଅବସ୍ଥା, ଯେତେବେଳେ ସୂର୍ଯ୍ୟ ଏବଂ ପୃଥିବୀ ମଧ୍ୟ ଦେଇ ଚନ୍ଦ୍ର ଗତି କରେ ସେତେବେଳେ ଏହି ଜାଗତିକ ଘଟଣା ଘଟେ । ଏହି ସମୟରେ ଚନ୍ଦ୍ର, ସୂର୍ଯ୍ୟଙ୍କ ଡିସ୍କକୁ ସମ୍ପୂର୍ଣ୍ଣ ରୂପେ ଅବରୋଧ କରି ଭୂପୃଷ୍ଠରେ ଏକ ବିରାଟ ଛାୟା ସୃଷ୍ଟି କରେ । ଯେଉଁ ସ୍ଥାନରୁ ଚନ୍ଦ୍ରର ଛାୟା ସମ୍ପୂର୍ଣ୍ଣ ରୂପେ ସୂର୍ଯ୍ୟଙ୍କୁ ଆଚ୍ଛାଦନ କରିଥାଏ, ଲୋକମାନେ ସେହି ସ୍ଥାନକୁ ଦେଖିପାରିବେ । ନାସା ଅନୁଯାୟୀ, ଏହି ସମୟ ମଧ୍ୟରେ ଆକାଶ ଅନ୍ଧକାର ହୋଇଯିବ । ପରାଗ ସମୟରେ ସକାଳ କିମ୍ବା ସନ୍ଧ୍ୟା ଭଳି ଅନୁଭବ ହେବ ।

୩୦ ଫୁଟ୍ ତଳକୁ ଖସିଲା ପିକ୍‌ଅପ୍ ଭ୍ୟାନ୍, ୩ ଗୁରୁତର

ବାଲେଶ୍ୱର, ୭।୪ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ୬୦ ନମ୍ବର ଜାତୀୟ ରାଜପଥର ରାଜଘାଟ ସ୍ଥିତ ଆରଏମସି ମୋବାଇଲ ଚେକ ପୋଷ୍ଟକୁ ଧକ୍କା ଦେଇ ଜାତୀୟ ରାଜପଥରୁ ୩୦ ଫୁଟ ତଳକୁ ଖସି ପଡ଼ିଛି ପିକଅପ୍।୩ ଜଣ ଆରଏମସି କର୍ମଚାରୀ ଗୁରୁତର।ବିବରଣୀରୁ ପ୍ରକାଶ ଯେ ୬୦ ନମ୍ବର ଜାତୀୟ ରାଜପଥର ରାଜଘାଟ ନିକଟରେ ରବିବାରି ଭୋର ସମୟରେ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା କାଗଜ ବୋଝେଇ ପିକଅପ୍ ଭାରସାମ୍ୟ ହରାଇ ଚେକ ପୋଷ୍ଟକୁ ଧକ୍କା ଦେଇ ଜାତୀୟ ରାଜପଥରୁ ୩୦ ଫୁଟ ତଳକୁ ଖସି ପଡ଼ିଥିଲା। ଜାତୀୟ ରାଜପଥ ପେଟ୍ରୋଲିଂ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ବସ୍ତା ହସପିଟାଲକୁ ନେଇଥିଲା। ସେଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସଙ୍କଟାପନ୍ନ ହେବାରୁ ପୁଣି ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା ପିକଅପ୍ ଚାଳକଙ୍କ ସ୍ଥାନୀୟ ଲୋକେ ଅଟକ ରଖି ବସ୍ତା ପୁଲିସ ଜିମାରେ ଦେଇଛନ୍ତି।ଦୁର୍ଘଟଣା ଘଟିଥିବା ସ୍ଥାନଟି ବସ୍ତା ଥାନା ସୀମାରେ ହୋଇ ଥିବାରୁ ବସ୍ତା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗୁରୁତରମାନେ ହେଉଛନ୍ତି ଗୋପାଳ ଚନ୍ଦ୍ର ସିଂ, ନିର୍ମଳ ଚନ୍ଦ୍ର ଘୋଷ ଓ ରତ୍ନାକର ମଣ୍ଡଳ।

୭ ବିଦେଶୀ ଛାତ୍ରଙ୍କୁ ହଷ୍ଟେଲ ଛାଡ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭।୪ : ଗୁଜରାଟ ବିଶ୍ୱବିଦ୍ୟାଳୟ ପରିସରରେ ନମାଜ ପିବା କାରଣରୁ କିଛି ବିଦେଶୀ ଛାତ୍ରଙ୍କୁ ଆକ୍ରମଣ କରାଯିବା ପରେ ଆଫଗାନିସ୍ତାନର ୬ ଜଣ ଏବଂ ପୂର୍ବ ଆଫ୍ରିକାର ଜଣେ ଛାତ୍ରଙ୍କୁ ହଷ୍ଟେଲ ରୁମ୍ ଖାଲି କରିବାକୁ କୁହାଯାଇଛି । ମାର୍ଚ୍ଚ ୧୬ ତାରିଖରେ ହୋଇଥିବା ଆକ୍ରମଣର କିଛି ଦିନ ପରେ ଆଫଗାନିସ୍ତାନ ଏବଂ ଏକ ଗାମ୍ବିଆ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ କୁଳପତିଙ୍କ ସହ ଏକ ବୈଠକରେ ଆଲୋଚନା କରିଥିଲେ ।

ବିଶ୍ୱବିଦ୍ୟାଳୟର କୁଳପତି ନୀରଜା ଗୁପ୍ତା କହିଛନ୍ତି, ଆଫଗାନିସ୍ତାନର ୬ ଜଣ ଏବଂ ପୂର୍ବ ଆଫ୍ରିକାର ଜଣେ ଛାତ୍ର ଅଧିକ ସମୟ ରହିବା ପରେ ସେମାନଙ୍କୁ ହଷ୍ଟେଲ ରୁମ୍ ଖାଲି କରିବାକୁ କୁହାଯାଇଥିଲା । ପ୍ରଶାସନିକ କାର୍ଯ୍ୟ ଅଟକି ରହିଥିବାରୁ ଏହି ବ୍ୟକ୍ତିମାନେ ପାଠପା ଶେଷ କରି ପୂର୍ବତନ ଛାତ୍ର ଭାବେ ହଷ୍ଟେଲରେ ରହୁଥିଲେ । ସେମାନଙ୍କୁ ଆଉ ହଷ୍ଟେଲରେ ରହିବାର ଆବଶ୍ୟକତା ନାହିଁ ବୋଲି ବିଶ୍ୱବିଦ୍ୟାଳୟ ସୁନିଶ୍ଚିତ କରିଛି ଏବଂ ସେମାନଙ୍କୁ ନିଜ ନିଜ ଦେଶକୁ ଫେରିବାର ବ୍ୟବସ୍ଥା କରିଛି ବୋଲି ଗୁପ୍ତା କହିଛନ୍ତି ।ଆମେ ଆବଶ୍ୟକ କାଗଜପତ୍ର ଶେଷ କରିସାରିଛୁ ଏବଂ ସେମାନେ ଏବେ ସୁରକ୍ଷିତ ଭାବେ ନିଜ ଦେଶକୁ ଫେରି ପାରିବେ । ଆମେ କୌଣସି ପୂର୍ବତନ ଛାତ୍ରଙ୍କୁ ଆମ ହଷ୍ଟେଲରେ ରଖିବାକୁ ଚାହୁଁନାହୁଁ ।ଆମେ ସମ୍ପୃକ୍ତ ଦେଶର ଦୂତାବାସଗୁଡ଼ିକୁ ଅବଗତ କରିଛୁ ଏବଂ ସେମାନେ ଏହି ଛାତ୍ରମାନଙ୍କୁ ହଷ୍ଟେଲ ଖାଲି କରିବାକୁ ମଧ୍ୟ ସେମାନେ ନିର୍ଦ୍ଦେଶ ଦେଇଛନ୍ତି ବୋଲି କୁଳପତି କହିଛନ୍ତି । ଗୁଜରାଟ ବିଶ୍ୱବିଦ୍ୟାଳୟରେ ୩୦୦ରୁ ଅଧିକ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ।

ଦକ୍ଷିଣ ଗାଜାରୁ ହଟିଲେ ଇସ୍ରାଏଲ୍ ସୈନ୍ୟ

ତେଲ୍ ଅଭିବ୍, ୭।୪ : ଗାଜାରେ କ୍ରମାଗତ ସାଧାରଣ ଜନତାଙ୍କ ମୃତ୍ୟୁ ଏବଂ ଇସ୍ରାଏଲୀ ବନ୍ଧକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଚାପ ବଢିଚାଲିଛି । ଏହାକୁ ନେଇ ଇସ୍ରାଏଲରେ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇଛନ୍ତି । ନିଜର ଦେଶରେ ବିକ୍ଷୋଭ ଓ ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ଏବେ ଦକ୍ଷିଣ ଗାଜାରୁ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ଘୋଷଣା କରିଛି ।

ଅନ୍ୟପକ୍ଷରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନାକ କହିଛନ୍ତି ଯେ ମାନବିକତା ଦୃଷ୍ଟିରୁ ଇସ୍ରାଏଲ-ହମାସ ବିବାଦକୁ ବନ୍ଦ କରାଯିବା ଉଚିତ । ଇସ୍ରାଏଲ ସେନାର ଜଣେ ମୁଖପାତ୍ର ରବିବାର କହିଛନ୍ତି ଯେ ସେନା ଦକ୍ଷିଣ ଗାଜା ଉପତ୍ୟକାରୁ ଅଧିକ ସ୍ଥଳସେନା ପ୍ରତ୍ୟାହାର କରିନେଇଛି ଏବଂ ଆକ୍ରମଣ ଆରମ୍ଭ ହେବାର ଛଅ ମାସ ପରେ ସେଠାରେ କେବଳ ଗୋଟିଏ ବ୍ରିଗେଡ୍ ରହିଛି । ୱାଶିଂଟନର ଚାପ ବଢୁଥିବାରୁ ଇସ୍ରାଏଲ ସେନା ମାନବିକ ସ୍ଥିତିରେ ସୁଧାର ଆଣିବା ପାଇଁ ଗାଜାରେ ସୈନ୍ୟ ସଂଖ୍ୟା ହ୍ରାସ କରୁଛି । ପ୍ରତ୍ୟାହାରର କାରଣ କିମ୍ବା ଏଥିରେ ସମ୍ପୃକ୍ତ ନମ୍ବର (୯ ପୃଷ୍ଠାରେ)

ଚଡ଼କ ଯାତ୍ରା : ଚନ୍ଦନେଶ୍ୱର ପୀଠ ଚଳଚଞ୍ଚଳ

ଭୋଗରାଇ, ୭।୪ (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସୀମାନ୍ତ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠରେ ବିଜେ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଗତ ୧ତାରିଖ ସୋମବାର ଠାରୁ ଆରମ୍ଭ ହୋଇଛି । ଏଥିନିମନ୍ତେ ଚନ୍ଦନେଶ୍ୱରପୀଠ ଚଳଚଞ୍ଚଳ ହେବା ସହିତ ଓଡ଼ିଶା ସମେତ ପଶ୍ଚିମବଂଗ, ଝାଡ଼ଖଣ୍ଡ ଓ ବାଂଲାଦେଶରୁ ହଜାର ହଜାର ଶୈବଭକ୍ତ ଶୈବପୀଠରେ ପହଞ୍ଚିବାରୁ ପୀଠରେ ଭକ୍ତମୟ ପରିବେଶ ସୃଷ୍ଟି ହୋଇଛି ।

ହୁଗୁଳି ଗ୍ରାମର ଅଧିଷ୍ଠିତ କୂଳ ପାଉନଥିବା ଜଳଯନ୍ତ୍ର ଦେବତାଙ୍କ ଠାରେ ଶ୍ରଦ୍ଧାଳୁଙ୍କ ପଞ୍ଚ ଅର୍ଘ୍ୟ ଉପବିତ ଧାରଣ ନିମନ୍ତେ ଜଳେଶ୍ୱର-ଚନ୍ଦନେଶ୍ୱର, ବୋର୍ଡର-ଚନ୍ଦନେଶ୍ୱର ରାସ୍ତାରେ ହଜାର ହଜାର ଶିବ ଭକ୍ତଙ୍କ ସୁଅ ଛୁଟୁଛି । ଭିଡ଼କୁ ନିୟନ୍ତ୍ରଣ କରିବା ନିମନ୍ତେ ୧୯ପ୍ଲାଟୁନ ପୁଲିସ୍ ଫୋର୍ସ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି । ଭକ୍ତଙ୍କ ଆଗମନ ଓ ପ୍ରସ୍ଥାନ ନିମନ୍ତେ ବିଜୁ ପଟ୍ଟନାୟକ ଗୋଲେଇ ଠାରୁ ମନ୍ଦିର ପର୍ଯ୍ୟନ୍ତ ବେରିକେଟ କରାଯାଇ ଧାଡ଼ିକିଆ ଦର୍ଶନ ନିମେନ୍ତ ଅନୁମତି ଦିଆଯାଇଛି । ମନ୍ଦିର ସମେତ ସିଂହ ଦ୍ୱାର ଓ ଦକ୍ଷିଣ ଦ୍ୱାରରେ ସିସି କେମେରା ଖଞ୍ଜାଯାଇଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ମହାଦେବଙ୍କ ମନ୍ଦିରକୁ ରଙ୍ଗୀନ ବିଦ୍ୟୁତ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ସେବାୟତ ପଣ୍ଡାମାନଙ୍କ ନୀତିକାନ୍ତି ପୂର୍ଜାଅର୍ଚ୍ଚନା ବିଶେଷ ଚଡ଼କ ସେବା ପୂଜା ହେଉଛି । ଘଣ୍ଟା,ଝାଲି, ମୃଦଙ୍ଗ, ଶଙ୍ଖ, ସାହାନାଇ, ବାଦ୍ୟ ଓ ଶିବଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନିରେ ପୀଠ ପ୍ରକମ୍ପିତ ହେଉଛି । ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରର ୪କି.ମି. ବ୍ୟାପ୍ତ ପରିଧି ମଧ୍ୟରେ ଆଗତ ଉପବିତ ଧାରୀ ଶିବ ଭକ୍ତମାନେ ବିଭିନ୍ନଘରଭଡ଼ା ଓ ଅସୁରକ୍ଷିତ ତମ୍ବୁ ତୋଳି ସେଠାରେ ରହି ମହାଦେବଙ୍କ ଆରାଧନା ନିମନ୍ତେ ବାସସ୍ଥାନ କରି ରହିଛନ୍ତି । ରବିବାର ୬ ଅର୍ଘ୍ୟରେ ମହାଦେବଙ୍କ ମୁଖ୍ୟ ସେବାୟତ ମୌରସୀ ଶ୍ରୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବେ (୯ ପୃଷ୍ଠାରେ)

ଅଶାନ୍ତ ମଣିପୁର : ରିଲିଫ୍ କ୍ୟାମ୍ପରେ ୨୪ ହ

ସମର ଡାଏଟ୍

ଭାରତୀୟ ମସଲାରେ ଏଭଳି କିଛି ମସଲା ରହିଛନ୍ତି, ଯେଉଁମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବ୍ୟବହାର ହୋଇଥାଆନ୍ତି । ଏମାନଙ୍କୁ ଖାଇବା ଦ୍ୱାରା ଆମର ବିଭିନ୍ନ ପ୍ରକାର ରୋଗ ଭଲ ହୋଇଥାଏ । ଖରାଦିନେ ସାଧାରଣତଃ ବଦହଜମି, ଗ୍ୟାସ ଆଦି ଦେଖିବାକୁ ମିଳିଥାଏ । ତେଣୁ ଏଭଳି କିଛି ମସଲା ବିଷୟରେ ଆସନ୍ତୁ ଜାଣିବା ଯାହାକୁ ଖରାଦିନେ ଖାଇବା ଲାଭ ଦାୟକ ହୋଇଥାଏ ।

ଧନିଆ– ଧନିଆକୁ ସାଧାରଣତଃ ଖାଦ୍ୟର ସ୍ୱାଦ ବଢିବା ପାଇଁ ବ୍ୟବହାର କରାଯାଇଥାଏ । ତେବେ ଏହାକୁ ଖରାଦିନିଆ ଖାଦ୍ୟରେ ବ୍ୟବହାର କରିବା ଦ୍ୱାରା ଆମର ପାଚନ ତନ୍ତ୍ରରେ ସୁଧାର ଆସିବ । ଖରାଦିନେ ଦେଖିବାକୁ ମିଳୁଥିବା ଗ୍ୟାସ, ବଦହଜମି ଭଳି ସମସ୍ୟାକୁ ସମାଧାନ କରିବାରେ ଧନିଆ ସହାୟକ ହୋଇଥାଏ ।

ପୋଦିନା– ଖରାଦିନେ ପେଟକୁ ଥଣ୍ଡା କରିବାରେ ପୋଦିନାର ଭୂମିକା ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହାକୁ ଆପଣ ଚଟଣି କରି ହେଉ କିମ୍ବା ସରବତରେ ମିଶାଇ ପିଇ ପାରିବେ । ଏହା ଆମ ପେଟକୁ ଥଣ୍ଡା ରଖିବାରେ ଖୁବ ସହାୟକ ହୋଇଥାଏ । ଏହା କେବଳ ଆମର ପେଟ ନୁହେଁ ଚର୍ମକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ସହାୟକ ହୋଇଥାଏ ।

ଜିରା– ଭାରତୀୟଙ୍କ ରୋଷେଇରେ ଜିରା ସବୁଠାରୁ ମୁଖ୍ୟ ସାମଗ୍ରୀ ହୋଇଥାଏ । ତେବେ ଏହା କେବଳ ଯେ ଖାଦ୍ୟର ସ୍ୱାଦ ବଢାଇଥାଏ ତାହା ନୁହେଁ । ଏହାକୁ ପେଟ ଥଣ୍ଡା କରିବା ପାଇଁ ମଧ୍ୟ ବିଭିନ୍ନ ଉପାୟରେ ବ୍ୟବହାର କରାଯାଇଥାଏ । ବିଭିନ୍ନ ସରବତରେ ଜିରାର ଉପଯୋଗ କରାଯାଇଥାଏ, ଯାହା ପେଟ ପାଇଁ ଖୁବ ଲାଭ ଦାୟକ ହୋଇଥାଏ ।

ସମୟକୁ ଉପଯୋଗ କରନ୍ତୁ

ସବୁବେଳେ ମିଳୁଥିବା ସମୟର ଉପଯୋଗ କରିବାର ଆବଶ୍ୟକତା ରହିଛି । ଆପଣ ନିଜର ସମୟକୁ କିଭଳି ଉପଯୋଗ କରୁଛନ୍ତି, ତାହା ହିଁ ଆପଣଙ୍କ ଜୀବନର ସ୍ତରକୁ ନିର୍ଦ୍ଧାରଣ କରିଥାଏ । ଆମକୁ ନିଜର ସମୟକୁ ନେଇ ଶକ୍ତ ହେବାର ଅଛି । ଯେଉଁ କାମର କୌଣସି ମହତ୍ତ୍ୱ ନାହିଁ, ସେହି କାମରେ ସମୟ ଅପଚୟ କରିବା ଦ୍ୱାରା ଆମେ ଜୀବନରେ ବିଫଳ ହେବାର ଆଶଙ୍କା ରହିଥାଏ । ଯେଉଁ ବ୍ୟକ୍ତି ନିଜ ସମୟର ସଦ୍‌ଉପଯୋଗ କରି ଥାଆନ୍ତି, ସେମାନେ ଜୀବନରେ ସବୁବେଳେ ସଫଳ ହୋଇ ଥାଆନ୍ତି ବୋଲି ଅନେକ ଉଦାହରଣ ଦେଖିବାକୁ ମିଳିଥାଏ । ସେହିଭଳି କେତେବେଳେ ବି କାହାର ଅନିଷ୍ଟ କରିବାରେ କିମ୍ବା ଭାବିବାରେ ନିଜ ସମୟକୁ ନଷ୍ଟ କରନ୍ତୁ ନାହିଁ । ସବୁବେଳେ ନିଜର କିଭଳି ଉନ୍ନତି ହେବ ଏବଂ କିଭଳି କାହାର କୌଣସି ଅନିଷ୍ଟ ହେବ ନାହିଁ ସେ ନେଇ ବିଚାର କରନ୍ତୁ । ନିଜର ଅବସର ସମୟରେ ନିଜ ପସନ୍ଦର କାର୍ଯ୍ୟ କରନ୍ତୁ ଏହା ଦ୍ୱାରା ଆପଣଙ୍କ ମନ ଭଲ ରହିବା ସହିତ ସମୟର ମଧ୍ୟ ସଦ୍‌ଉପଯୋଗ ହୋଇଥାଏ । ଖାଲି ସମୟରେ କୌଣସି ଭଲ ଜିନିଷ ଶିଖିବାକୁ ଚେଷ୍ଟା କରନ୍ତୁ, ଏହା ଦ୍ୱାରା ଆପଣଙ୍କର ଉନ୍ନତି ହେବ ଏବଂ ଜୀବନର ମାନ ବଢିବ ।

ମନେପଡେ

ରାଜ କପୁରଙ୍କୁ କହିଥିଲେ ନା

ହିନ୍ଦୀ ସିନେମା ଇତିହାସରେ ଅନେକ ନାୟିକା ଇତିହାସ ରଚିଛନ୍ତି, ସେଥିମଧ୍ୟରୁ ସୁଚିତ୍ରା ସେନ୍ ଅନ୍ୟତମ । ତାଙ୍କ ଅଭିନୟର ଆଜି ବି ଅନେକ ଫ୍ୟାନ ଅଛନ୍ତି । ଆଜି ମଧ୍ୟ ଦର୍ଶକ ତାଙ୍କ ଫିଲ୍ମ ଦେଖିବାକୁ ପସନ୍ଦ କରନ୍ତି । ତେବେ ତାଙ୍କ ଜୀବନରେ ମଧ୍ୟ ରହିଥିଲା କିଛି ଅଜଣା କଥା । ସୁଚିତ୍ରା ନିଜ ରିଅଲ ଲାଇଫ୍‌ରେ ଭାରୀ ସ୍ୱାଭିମାନୀ ଥିଲେ । ସେ ସମୟରେ ଶୋମେନ ରାଜ କପୁରଙ୍କ ଫିଲ୍ମ କରିବା ସମସ୍ତ ହିରୋଇନ୍‌ଙ୍କର ସ୍ୱପ୍ନ ଥିଲା । ହେଲେ ସୁଚିତ୍ରାଙ୍କୁ ରାଜ କପୁରଙ୍କ ଅନ୍ଦାଜ ପସନ୍ଦ ନଥିଲା, ତେଣୁ ସେ ତାଙ୍କ ଫିଲ୍ମ କରିବାକୁ ମନା କରିଦେଇଥିଲେ । ସୂଚନା ଅନୁସାରେ ସୁଚିତ୍ରାଙ୍କର ଷ୍ଟାର ଡମ୍ ତାଙ୍କ ବିବାହିତ ଜୀବନ ଭାଙ୍ଗିବାର କାରଣ ସାଜିଥିଲା । କୁହାଯାଏ ଗୋଟିଏ ଫିଲ୍ମ ଫ୍ଲପ୍ ହେବାରୁ ସେ ଫିଲ୍ମ ଇଣ୍ଡଷ୍ଟ୍ରୀ ଛାଡି ଦେଇଥିଲେ ଏବଂ ଗୋଟିଏ ଘରେ ନିଜକୁ ୩୬ ବର୍ଷ ପର୍ଯ୍ୟନ୍ତ କଏଦ କରି ରଖିଥିଲେ । ଏହି ସମୟରେ ତାଙ୍କୁ ଦାଦା ସାହେବ ଫାଲ୍କେ ଆୱାର୍ଡ ନେବାକୁ ଥିଲେ ମଧ୍ୟ ସେ ଆସିନଥିଲେ । ସୁଚିତ୍ରା ସେନ୍‌ଙ୍କ ବିବାହ ଦିବାନାଥ ସେନ୍‌ଙ୍କ ସହିତ ହୋଇଥିଲା, ସୁଚିତ୍ରାଙ୍କ ନାତୁଣୀ ରିମା ସେନ୍ ଓ ରାଇମା ସେନ୍ ବର୍ତ୍ତମାନ ବଲିଉଡ୍‌ରେ କାର୍ଯ୍ୟରତ ।



ଏଆଇ କରିବ ଥ୍ରିଡେ' ୱାର୍କ ଉଇକ୍

ବର୍ତ୍ତମାନ ଅନେକ କ୍ଷେତ୍ରରେ ଏଆଇର ବ୍ୟବହାର ବଢିବାରେ ଲାଗିଛି । ତେବେ ନିକଟରେ ଏଆଇ କର୍ମଚାରୀ ବା ସିଣ୍ଟେଟିକ୍ ଏମ୍ପଲଇଙ୍କୁ ନେଇ ଭବିଷ୍ୟବାଣୀ କରାଯାଇଛି । ଆଗକୁ ଏଆଇ କର୍ମଚାରୀ ଅନେକ ସେକ୍ଟରରେ ମଣିଷଙ୍କ ସ୍ଥାନ ନେବେ ବୋଲି ଜଣା ପଡିଛି । ସେହିଭଳି ଏହି ସିଣ୍ଟେଟିକ୍ ଏମ୍ପଲଇଙ୍କୁ ବ୍ୟବହାର କରି ଭବିଷ୍ୟତରେ ଥ୍ରିଡେ' ୱାର୍କ ଉଇକ୍ ମଧ୍ୟ ଫଲୋ କରାଯାଇ ପାରିବ ବୋଲି ଜଣା ପଡିଛି । ଯାହା କେତେକାଂଶରେ ଭଲ ହୋଇଥିବାବେଳେ କେତେକ କ୍ଷେତ୍ରରେ ଲାଭ ଦାୟକ ହେବ ନାହିଁ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଆଗକୁ ବିଭିନ୍ନ ଇଣ୍ଡଷ୍ଟ୍ରୀରେ ଆଡ୍‌ମିନ୍ ଷ୍ଟ୍ରେଟିଭ୍‌ଙ୍କ ସହିତ ରିସର୍ଚ ଡ୍ୟୁଟିରେ ସିଣ୍ଟେଟିକ୍ ଏମ୍ପଲଇଙ୍କୁ ଦେଖିବାକୁ ମିଳିବ ବୋଲି ସେମାନେ ଆକଳନ କରିଛନ୍ତି । ବିଶେଷ ଭାବେ ଏମାନଙ୍କୁ କର୍ପୋରେଟ୍ ସେକ୍ଟରରେ ଅଧିକ ବ୍ୟବହାର କରିହେବ ବୋଲି ମତ ପ୍ରକାଶ ପାଇଛି । ସେହିଭଳି ଆସନ୍ତା ୨ ବର୍ଷ ଭିତରେ ଏଆଇ ଇଣ୍ଡଷ୍ଟ୍ରୀରେ ଖୁବ ପରିବର୍ତ୍ତନ ଘଟିବ ଯାହା ଏହାକୁ ଆହୁରି ଆଡଭାନ୍ସଡ କରିବ । ସେହିପରି ୨୧୧୬ ସୁଦ୍ଧା ଅନେକ ସ୍ଥାନରେ କେବଳ ରୋବଟ କାମ କରୁଥିବେ ବୋଲି ଏହି ରିପୋର୍ଟରେ ଦର୍ଶା ଯାଇଛି ।

ଇତିହାସ

୧୮୨୦: ଗ୍ରୀସ୍‌ର ଏଜିମା ସାଗର ତଟରୁ ମିଳିଲା ଦୁନିଆର ସୁପ୍ରସିଦ୍ଧ ମୂର୍ତ୍ତି ମଧ୍ୟରୁ ଅନ୍ୟତମ ମୂର୍ତ୍ତି ଭିନସ ଡି ମେଲୋ ।
୧୮୫୭: ବ୍ରିଟିଶ ବିଦ୍ରୋହୀ ତଥା କ୍ରାନ୍ତିକାରୀ ସିପାହୀ ମଙ୍ଗଲ ପାଣ୍ଡେଙ୍କୁ ଫାଶୀ ।
୧୮୯୪: ଭାରତୀୟ ରାଷ୍ଟ୍ରୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ରଚୟିତା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ନିଧନ ।
୧୯୨୯: ଦିଲ୍ଲୀ ଆସେମ୍ବ୍ଲିରେ ବୋମା ପକାଇ ଗିରଫହେଲା ସଂଗ୍ରାମୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ।
୧୯୫୦: ଭାରତ ଓ ପାକିସ୍ତାନ ମଧ୍ୟରେ ଲିୟାକତ-ନେହେରୁ ଚୁକ୍ତି ସ୍ୱାକ୍ଷର ।
୧୯୭୩: ସ୍ପେନ୍‌ର ବିଶ୍ୱପ୍ରସିଦ୍ଧ ଚିତ୍ରକର ପାଲ୍‌ବୋ ପିକାସୋଙ୍କ ପରଲୋକ ।
୧୯୮୩: ସୁପ୍ରସିଦ୍ଧ ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଜନ୍ମ ।
୧୯୩୮: ସଂଯୁକ୍ତ ରାଷ୍ଟ୍ର ସଂଘର ପୂର୍ବତନ ମହାସଚିବ କୋଫି ଆନ୍ନନଙ୍କ ଜନ୍ମ ।
୨୦୦୫: ପୋପ୍ ଜନ୍ ପଲ ଦ୍ୱିତୀୟଙ୍କ ଅନ୍ତିମ ସଂସ୍କାର ।

ସୋସିଆଲ କୋଟ୍ସ

ଫିଲ୍ମରେ ଅଭିନୟ ପରେ ଫିଲ୍ମ ମେକିଂରେ କାମ କରିବାକୁ ଇଚ୍ଛା ଅଛି । ମୁଁ କାମ କରିବାକୁ ଭଲ ପାଇଥାଏ । ତେଣୁ ସବୁ ଫିଲ୍ମରେ କାମ କରିବାର ଇଚ୍ଛା ରହିଛି ।

ନୋରା ଫତେହି, ଅଭିନେତ୍ରୀ

ବର୍ତ୍ତମାନ ବାଇ ଫିଲ୍ମର ସୁଟିଂ ସରିଲା । ଏ ସୁଟିଂ ସରିଥିବାରୁ ମୁଁ ଆଗ ସୁଟିଂ ପାଇଁ ପ୍ରସ୍ତୁତ । ଆଶା କରୁଛି ପରିଶ୍ରମ ସଫଳ ହେବ ।

ଭିକ୍କି କୌଶଲ, ଅଭିନେତା

ମୋତେ ସବୁବେଳେ ଏକା ରହିବାକୁ ଭଲ ଲାଗିଥାଏ । ସେହିଭଳି ବଲିଉଡ୍‌ରେ ଯେତେବେଳେ ସେଟ୍‌ରେ ଲୋକ ଅନ୍ୟ ମାନଙ୍କ ସହିତ ମିଶନ୍ତି, ସେତେବେଳେ ମୁଁ ଏକାକୀ ରହିଥାଏ ।

ସୋନାଲି ବେନ୍ଦ୍ରେ, ଅଭିନେତ୍ରୀ

ଚିପ୍ସରେ କାର୍ ସଜା

ସାଧାରଣତଃ ବର ଯାଉଥିବା କାରକୁ ଫୁଲରେ ସଜା ଯାଇଥାଏ । ବେଳେବେଳେ ଏଥିରେ ବେଲୁନ୍ ମଧ୍ୟ ବ୍ୟବହାର ହୋଇଥାଏ । ହେଲେ ବର୍ତ୍ତମାନ ଇଣ୍ଟରନେଟ୍‌ରେ ଏକ ଭିଡିଓ ଭାଇରାଲ ହେଉଛି । ଏହି ଭିଡିଓରେ ଜଣେ ବରର କାରକୁ ଫୁଲ କିମ୍ବା ବେଲୁନ୍ ନୁହେଁ ବରଂ ଚିପ୍ସ ପ୍ୟାକେଟ୍ ସଜାଯାଇଥିବା ଦେଖିବାକୁ ମିଳିଛି । ଇଣ୍ଟନେଟ୍‌ରେ ପୋଷ୍ଟ ହୋଇଥିବା ଏହି ଭିଡିଓଟି ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଦେଖିବାକୁ ମିଳୁଛି, କାର ଆଗରେ ରଙ୍ଗବେରଙ୍ଗର ଅନେକ ପ୍ରକାରର ଚିପ୍ସ ଟଙ୍ଗା ଯାଇଛି । ଏଥିରେ ବିଭିନ୍ନ କମ୍ପାନୀର ବିଭିନ୍ନ ଫ୍ଲେବରର ଚିପ୍ସକୁ ସାମିଲ କରାଯାଇଛି । ଲୋକମାନେ ଏହି ଆଇଡିଆକୁ ବେଶ୍ ପସନ୍ଦ କରୁଥିବାର ଦେଖିବାକୁ ମିଳିଛି ।

ଖାଦ୍ୟ ସାହାଯ୍ୟରେ ଭୋଟ ସଚେତନ

ଆରମ୍ଭ ହୋଇଛି ନିର୍ବାଚନ, ବର୍ତ୍ତମାନ ଅନେକ ସ୍ଥାନରେ ବିଭିନ୍ନ ରାଜନୈତିକ ଦଳମାନେ ପ୍ରଚାର କରିବା ଆରମ୍ଭ କରିସାରିଛନ୍ତି । ସେହିଭଳି ଲୋକଙ୍କୁ ମଧ୍ୟ ଇଲେକସନ୍ କମିସନରଙ୍କ ତରଫରୁ ଭୋଟ ଦେବା ପାଇଁ ସଚେତନ କରାଯାଉଛି । ତେବେ ରାଜସ୍ଥାନର ଲୋକମାନଙ୍କୁ ସଚେତନ କରିବା ପାଇଁ ଏକ ସ୍ୱତନ୍ତ୍ର ଉପାୟ ଆପଣା ଯାଉଥିବାର ଦେଖିବାକୁ ମିଳିଛି । ଏଠାରେ ଫୁଡ୍ ଫେଷ୍ଟିବାଲ ଜରିଆରେ ଲୋକଙ୍କୁ ଭୋଟ ଦେବା ପାଇଁ ସଚେତନ କରାଯାଉଛି । ତେବେ ଏହି ଫୁଡ୍ ଫେଷ୍ଟିବାଲ ବିଭିନ୍ନ ଧରଣର ଖାଦ୍ୟକୁ ସାମିଲ କରାଯାଇଛି । ଏଥିରେ ସାମିଲ ହୋଇଥିବା ଖାଦ୍ୟରେ ରହିଛି ୮ କେଜିର ସିଙ୍ଗଡା, ପାଞ୍ଚ କେଜିର ପିଜ୍ଜା ଓ ୨୫ କେଜିର ବ୍ରେଡ୍ ସାମିଲ ହୋଇଛି । ଅନ୍ୟ ଖାଦ୍ୟରେ ୨୦ କେଜି ବର୍ଗର, ୪ କେଜିର ହଟ୍ ଡଗ୍ ଓ ୩୦ ଇଞ୍ଚର ପାମ୍ପଡକୁ ସାମିଲ କରାଯାଇଛି । ଏହି ସମସ୍ତ ଅଜବ ଓଜନର ଖାଦ୍ୟ ଲୋକଙ୍କୁ ଭୋଟ ଦେବା ପାଇଁ ସଚେତନ କରିବା ପାଇଁ ନିର୍ମାଣ କରାଯାଇଛି । କେବଳ ଲୁଣି ଖାଦ୍ୟ ନୁହେଁ ମିଠା ଖାଦ୍ୟରେ ମଧ୍ୟ ସଚେତନ କରାଯାଉଛି । ବେଙ୍ଗଲି ମିଠାରୁ ୩୧ କିଲୋ ଏଥିରେ ରଖାଯାଇଛି, ଯେଉଁଥିରେ ଭୋଟ ଦେବା ପାଇଁ ସଚେତନ କରାଯାଇଛି । ଅନ୍ୟ ଭିତରେ ଅଧା ଫୁଟର ଜିଲାପି ଏହି ଫୁଡ୍ ଫେଷ୍ଟିଭାଲରେ ସାମିଲ କରାଯାଇଛି ।

ଭାଗନେବେନି ମେଟ୍ ଗାଲାରେ

ଦୀପିକା ପାଦୁକୋନ ନିଜ ଅଭିନୟ ବଳରେ ଦର୍ଶକଙ୍କ ହୃଦୟରେ ରାଜ କରିଥାଆନ୍ତି । ବିଭିନ୍ନ ଶୋ'ରେ ତାଙ୍କ ପ୍ରେଜେନ୍ସକୁ ସମସ୍ତ ଦର୍ଶକ ଅପେକ୍ଷା କରି ରହିଥାଆନ୍ତି । ସେହିଭଳି ଦୀପିକା ମଧ୍ୟ ଦେଶକୁ ଅନେକ ବଡବଡ ଶୋରେ ରିପ୍ରେଜେଣ୍ଟ କରିଛନ୍ତି । ହେଲେ ସୂଚନା ଅନୁସାରେ ଆଗକୁ ଅନୁଷ୍ଠିତ ହେବାକୁ ଥିବା ମେଟ୍ ଗାଲାରେ ଦୀପିକା ନଜର ଆସିବେ ନାହିଁ । ଏହା ତାଙ୍କ ଫ୍ୟାନ୍‌ଙ୍କୁ ନିରାଶ କରିଛି । ଦୀପିକାଙ୍କର ଅନ୍ୟ କିଛି ୱାର୍କ କମିଟ୍‌ମେଣ୍ଟ ପାଇଁ ସେ ଚଳିତ ମେଟ୍ ଗାଲାରେ ଭାଗନେବେ ନାହିଁ ବୋଲି ଜଣା ପଡିଛି । ଫିଲ୍ମ ସିଙ୍ଘମ ଏଗେନ୍ ପାଇଁ ସୁଟିଂ ଡେଟ୍ ଥିବାରୁ ସେ ଚଳିତ ଥର ମେଟ୍ ଗାଲାରେ ଭାଗନେବେ ନାହିଁ ବୋଲି ସୂଚନା ମିଳିଛି । ନିକଟରେ ଦୀପିକା ଖୁବ ଜଲଦି ମା' ହେବା ଖବର ସାମନାକୁ ଆସିଥିଲା, ଯାହା ପରେ ତାଙ୍କ ଫ୍ୟାନ୍ ବେଶ୍ ଖୁସି ଅଛନ୍ତି ।

ବିଜେପି ଛାଡି ବିଜେଡିରେ ଯୋଗଦେଇଥିବା ଲେଖାଶ୍ରୀ ସାମନ୍ତସିଂହାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରୁଛନ୍ତି

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟୁଛନ୍ତି ବିଜେଡିର ସମର୍ଥକ

ଦେବଗଡର ତିଳେଇବଣିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ନିର୍ବାଚନ ପ୍ରଚାର

ଦେବଗଡ଼ ଜିଲ୍ଲାର ବିକାଶ ପାଇଁ ମୋଦୀ ଦେଇଛନ୍ତି ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା

ଭୁବନେଶ୍ୱର (ସବ୍ୟୁ): ମୋଦୀ ସରକାରଙ୍କ ୧୦ ବର୍ଷ ଶାସନରେ ଦେବଗଡ଼ ଜିଲ୍ଲାକୁ ଚାଉଳ, ଘର, ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସ, ମୁଦ୍ରା ଋଣ, ବାର୍ଦ୍ଧକ୍ୟ ଭତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ଏବଂ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ୭୩ ହଜାର ୭୧୭ଟି ପରିବାରକୁ ସର୍ବମୋଟ ୨, ୧୮୪ କୋଟି ଅର୍ଥାତ୍ ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମିଳିଛି । ଗରିବ କଲ୍ୟାଣ ଯୋଜନାରେ ଦେବଗଡ ଜିଲ୍ଲାର ପରିବାର ପିଛା ପାଖାପାଖି ୩ ଲକ୍ଷ ଟଙ୍କା ମୋଦି ସରକାର ଦେଇଛନ୍ତି ବୋଲି ଆଜି ଦେବଗଡରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରବିବାର ପ୍ରଥମେ ଦେବଗଡର ବିଜେପି କାର୍ଯ୍ୟାଳୟରୁ ତିଳେଇବଣି ନିକିତିମାଳ ସିଦ୍ଧେଶ୍ୱର ମନ୍ଦିରକୁ ଶତାଧିକ ଜନସାଧାରଣ ଓ ସମର୍ଥକଙ୍କ ସହ ବାଇକ ରାଲିରେ ଯାଇଥିଲେ । ପରେ ନିକିତିମାଳ ସ୍ଥିତ ଶ୍ରୀ ସିଦ୍ଧେଶ୍ୱର ମଦାଦେବ ମନ୍ଦିରରେ ଦର୍ଶନ କରିଥିଲେ । ସେଠାରୁ ଦେବଗଡ଼ ଜିଲ୍ଲା ତିଳେଇବଣିରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପି ପ୍ରତି ଦେବଗଡ଼ର ମାତୃଶକ୍ତି ଓ ଯୁବଶକ୍ତିଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଦେବଗଡରେ ପରିବର୍ତ୍ତନ ହୋଇଛି । ମୋଦି ସରକାରରେ ଦେବଗଡ଼ ଜିଲ୍ଲାର ବିକାଶ ପାଇଁ ୨୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆସିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେବଗଡ଼ର ୨.୬୩ ଲକ୍ଷ ହିତାଧିକାରୀଙ୍କୁ ୫୬୮ କୋଟି ଟଙ୍କା ମୂଲ୍ୟର ଚାଉଳ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳ ଓ ସହର ପାଇଁ ମୋଟ ୨୨୩ କୋଟି ଟଙ୍କାର ପ୍ରାୟ ୧୭ ହଜାର ଘର ପ୍ରଦାନ କରାଯାଇଛି । ସେହିପରି ସ୍ୱଚ୍ଛ ଭାରତ ଯୋଜନାରେ ୯୧ କୋଟି ଟଙ୍କା ବ୍ୟୟରେ ୩୫ ହଜାର ୧୬୫ଟି ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରେ ୨୦ ହଜାର ୫୨୯ ଜଣ ହିତାଧିକାରୀଙ୍କୁ ୩.୨୮ କୋଟି ଟଙ୍କା ମୂଲ୍ୟର ରନ୍ଧନ ଗ୍ୟାସ ଦିଆଯାଇଛି । ମନରେଗା ଯୋଜନାରେ ୧.୨୮ କୋଟି ଦିବସ ସୃଷ୍ଟି ସହ କାମ ୩୫୪.୮୮ କୋଟି ଟଙ୍କା ଦିଆଯାଇଛି । ମୁଦ୍ରା ଋଣରେ ୧ ଲକ୍ଷ ୩୯ ହଜାର ୮୬୯ ଜଣଙ୍କୁ ଋଣ ବାବଦକୁ ୫୫୪ କୋଟି ଟଙ୍କା ଦିଆଯାଇଛି । ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆରେ ଜନଜାତି ସମାଜର ଯୁବକଙ୍କୁ ଉଦ୍ୟମୀ କରିବା ପାଇଁ ୨.୫୬ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଛି । ସେହିପରି ଉଠା ଦୋକାନୀଙ୍କୁ ସ୍ୱନିଧି ଯୋଜନାରେ ୨.୩୨ କୋଟି ଟଙ୍କାର ସହାୟତା ଦିଆଯାଇଛି । ଏନଆରଏଲଏମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୨୩୪ କୋଟି ଟଙ୍କାର ଋଣ ବ୍ୟବସ୍ଥା ହୋଇଛି । ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ବାବଦକୁ ୧୬,୭୦୦ ଜଣ ହିତାଧିକାରୀଙ୍କୁ ୧୪୫ କୋଟି ଟଙ୍କା ପ୍ରଦାନ କରାଯାଇଛି । ୪ ଲକ୍ଷ ୧୯ ହଜାର ଏଲଇଡି ବଲ୍ବ ବିତରଣ ବାବଦକୁ ୫.୨ କୋଟି ଟଙ୍କା ଦିଆଯାଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ମୋଦୀ ଟଙ୍କା ପଠାଉଛନ୍ତି, କିନ୍ତୁ ଦେବଗଡ଼ରେ ପହଂଚିଲା ବେଳକୁ ଏହା କମିଯାଉଛି । ମୋଦୀ ଯାହା ଦେଉଛନ୍ତି ତାହା ଠିକ୍ ଠିକ୍ ଏଠାରେ ପହଂଚିବା ପାଇଁ ଡବଲ ଇଞ୍ଜିନ ସରକାର ଦରକାର । ଶୋଭାଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ଶ୍ରୀ ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଖୋର୍ଦ୍ଧା (ସବ୍ୟୁ): ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଏକ ଏକ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୪୪ଜଣ ରୋଗୀଙ୍କ ରର୍ବ ସର୍ଜରୀ, ରକ୍ତଚାପ, ଓଜନ, ଇସିଜି ଆଦି ମାଗଣାରେ ପରୀକ୍ଷା କରାଯାଇଥିଲା । ଏଥିରେ ଡାକ୍ତର ଅମୀୟ ଜେନାମଣି, ଡାକ୍ତର ରାଇସା ରାଉତରାୟ ସମସ୍ତ ରୋଗୀଙ୍କ ପରୀକ୍ଷା କରିବା ସହ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲର ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚ ସଭାପତି ତଥା ପ୍ରାକ୍ତନ ଏସପି ଦେବପ୍ରସାଦ ମଜୁମଦାର, ଉପସଭାପତି ବୈକୁଣ୍ଠନାଥ ମହାପାତ୍ର, ସମ୍ପାଦକ ରାମଶଙ୍କର, ରୋଟାରୀ କ୍ଲବ ସଭାପତି ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ ।ଶେଷରେ ହସ୍ପିଟାଲରେ ମ୍ୟାନେଜର ସଂଗୀତା ସାମନ୍ତ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

୩ କୁଖ୍ୟାତ ଚୋର ଗିରଫ

ଜଟଣୀ(ସବ୍ୟୁ): ଜଟଣୀ ପୁଲିସ ୩ କୁଖ୍ୟାତ ଚୋରଙ୍କୁ ଗିରଫ କରିଛି । ସେମାନେ ହେଲେ ବିଡିଏ କଲୋନୀ ଅଂଚଳର ସୁନୀଲ ସିଂ ଓରଫ ସୋନୁ, ବାଲିଛକ ମୁଣ୍ଡିଆ ସାହିର ବାବୁଲି ସିଂ ଓରଫ ବୁଲି ଓ ନୂଆଗାଁର ସଂଜୟ ନାୟକ ଓରଫ ବୁଇଁ । ସ୍ଥାନୀୟ ଶ୍ରୀହରିବିହାର ଅଂଚଳର ଅଭିଯୋଗକାରୀ ସୌମେନ୍ଦ୍ର ପଟ୍ଟନାୟକ କୌଣସି କାର୍ଯ୍ୟରେ ପରିବାର ସହିତ ଶନିବାର ପୂର୍ବାହ୍ନରେ ବାହାରକୁ ଯାଇଥିଲେ । କେହି ନଥିବା ସୁଯୋଗରେ ଅଭିଯୁକ୍ତମାନେ ତାଲା ଭାଙ୍ଗି ତାଙ୍କ ଘରେ ପଶି ସାଇକେଲ, ଗ୍ୟାସ ସିଲିଣ୍ଡର ଓ ୨ ହଜାର ଟଙ୍କା ଚୋରି କରିନେଇଥିଲେ । ଚୋରି କରିଯାଉଥିବା ସମୟରେ ସୌମେନ୍ଦ୍ରଙ୍କ ପଡୋଶୀ ଦେଖିପାରି ପାଟି କରିବାରୁ ଅଭିଯୁକ୍ତମାନେ ଚୋରି କରିଥିବା ସାମଗ୍ରୀ ଫିଙ୍ଗି ଦୌଡ଼ି ପଳାଇଥିଲେ । ଅଭିଯୋଗ ପରେ ପୁଲିସ ତନାଘନା କରି ସେମାନଙ୍କୁ ଧରିବା ସହ ସେମାନଙ୍କ ଠାରୁ ୧ ହଜାର ଟଙ୍କା ଜବତ କରିଛନ୍ତି । ଅଭିଯୁକ୍ତ ସୁନୀଲ ଓ ବାବୁଲି ନାମରେ ଜଟଣୀ, ଲମ୍‌ଫୋଭାଲି, ବ୍ରହ୍ମପୁର ଜିଆର୍‌ପି ଓ ପୁରୀ ସମୁଦ୍ରକୂଳ ଥାନାରେ ୧୦ଟି ମାମଲା ଥିବା ପୁଲିସ କହିଛି ।

ବିଜେଡିରୁ ଇସ୍ତଫା ଦେଲେ ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର

ବାରିପଦା/ମୋରଡ଼ା, (ସବ୍ୟୁ) : ରାଜ୍ୟ ବିଜୁ ଜନତା ଦଳ ସମ୍ପାଦକ ତଥା ମୋରଡା ନିର୍ବାଚନ ମଣ୍ଡଳୀର ଟାଣୁଆ ନେତା କୃଷ୍ଣଚନ୍ଦ୍ର ଦାସ ରବିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଏନେଇ କୃଷ୍ଣଚନ୍ଦ୍ରଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିରୁ ଇସ୍ତଫା ଦେବା ସମ୍ବନ୍ଧରେ ସୂଚନା ଦେବା ସହ ସେ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ । ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ୨୦୧୯ ମସିହାରେ ମଧ୍ୟ ଦଳ ପକ୍ଷରୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଆଶାୟୀ ଥିଲେ ମଧ୍ୟ ତାଙ୍କୁ ଦଳ ଟିକେଟ୍ ଦେଇନଥିଲା । ସେତେବେଳେ ତାଙ୍କୁ ଚାପ ପ୍ରୟୋଗ କରାଯାଇ ଟିକେଟ୍ ପ୍ରତିବଦଳରେ ଅର୍ଥ ପ୍ରଲୋଭନ ଓ ନିଗମ ଅଧ୍ୟକ୍ଷ ପଦବୀ ଯଚା ଯାଇଥିଲେ ମଧ୍ୟ ସେ ଗ୍ରହଣ କରିନଥିଲେ । ୨୦୨୪ ରେ ନିର୍ବାଚନ ଲଢିବାକୁ ସେ ମୋରଡା ନିର୍ବାଚନ ମଣ୍ଡଳୀରେ ଅହରହ କାର୍ଯ୍ୟ କରିଆସୁଥିଲେ ମଧ୍ୟ ତାଙ୍କୁ ଟିକେଟରୁ ବଞ୍ଚିତ କରାଗଲା । ଏଥିସହ ମୋରଡା ବିଧାୟକଙ୍କ ବିରୋଧରେ ଜନମତ ଥିବା ସର୍ତ୍ତେ ତାଙ୍କ ପତ୍ନୀଙ୍କୁ ଏଠି ପ୍ରାର୍ଥୀ କରି ଦଳ ଏକପ୍ରକାରର ପ୍ରାର୍ଥୀଙ୍କୁ ଲଦି ଦେଇଛନ୍ତି ବୋଲି କୃଷ୍ଣଚନ୍ଦ୍ର ଅଭିଯୋଗ କରିବା ସହ କଡା ପ୍ରତିକ୍ରିୟା ରଖିଛନ୍ତି । ଆଗାମୀ ଦିନରେ ସେ ଏହାର ଉଚିତ୍ ଜବାବ୍ ଦେବେ ଓ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ବୋଲି ମତ ରଖିବା ସହ ମୋରଡା ନିର୍ବାଚନବାସୀ ତାଙ୍କ ସହିତ ଅଛନ୍ତି ବୋଲି ଦୃଢ ଦାବି କରିଥିଲେ । ଅନ୍ୟପକ୍ଷରେ କୃଷ୍ଣଚନ୍ଦ୍ରଙ୍କ ଦଳରୁ ଇସ୍ତଫା ପ୍ରଦାନ ଆଗାମୀ ଦିନରେ ବିଜୁ ଜନତା ଦଳକୁ ମହଙ୍ଗା ପଡିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

ଓଇଏସ୍ ଏବଂ ଆର୍‌ଏସ୍‌ସି ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସ

'ଗୁଣାତ୍ମକ ପରିବେଶରେ ଉତ୍ତମ ସ୍ୱାସ୍ଥ୍ୟ ଆମ ଅଧିକାର'

ଭୁବନେଶ୍ୱର (ସବ୍ୟୁ): ପରିବେଶର ଗୁଣାତ୍ମକମାନ ଦିନକୁ ଦିନ ଅବକ୍ଷୟିତ ହୋଇଚାଲିଥିବାରୁ ସୁସ୍ଥ, ନିରୋଗ ଜୀବନଯାପନ କରିବା କ୍ରମଶଃ ଅସମ୍ଭବ ବୋଧ ହେଉଛି । ମାନବୀୟ ନକାରାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ଭାବରେ ପରିବେଶ ପ୍ରଦୂଷିତ ହୋଇଚାଲିଛି, ଯାହାର ସିଧାସଳଖ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡୁଛି । ହୃତପିଣ୍ଡରୋଗ, ଉଚ୍ଚରକ୍ତ ଚାପ, ଶ୍ୱାସକ୍ରିୟା ଜନିତ ସମସ୍ୟା, ହର୍ମୋନ୍ସମ୍ପର୍କିତ ରୋଗ, ପ୍ରଜନନ ସମସ୍ୟା ଏବଂ କର୍କଟରୋଗ କ୍ରମେ ଅଧିକରୁ ଅଧିକ ଲୋକଙ୍କୁ ପ୍ରଭାବିତ କରୁଛି । ପ୍ରଦୂଷଣ ପ୍ରଭାବରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକାରଣରୁ ୨୦୧୯ ମସିହାରେ ବିଶ୍ୱରେ ୯୦ଲକ୍ଷ ଲୋକଙ୍କର ଅକାଳ ମୃତ୍ୟୁ ଘଟିଥିଲା, ଯେଉଁଥିରେ ଭାରତର ୨୩ ଲକ୍ଷ ଲୋକ ଅନ୍ତର୍ଭୁକ୍ତ ଥିଲେ ଏବଂ ଭାରତ ବିଶ୍ୱରେ ଏକ ନମ୍ବର ରାଷ୍ଟ୍ରର କୁଖ୍ୟାତି ଅର୍ଜନ କରିଥିଲା । ୨୦୨୩ ମସିହାର ଅନ୍ୟ ଏକ ରିପୋର୍ଟ ପ୍ରକାଶକରିଛି ଯେ ବଙ୍ଗଳାଦେଶ ଏବଂ ପାକିସ୍ତାନ ପରେ ଭାରତ ହେଉଛି ତୃତୀୟ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର । ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ନିର୍ଦ୍ଧାରିତମାନ ଠାରୁ ଆମବାୟୁର ଗୁଣବତ୍ତା ଯଥେଷ୍ଟ ନିମ୍ନସ୍ତରରେ ରହୁଛି । ଏସବୁ ଦୃଷ୍ଟାନ୍ତ ସୂଚାଉଛି ଯେ ଯେପର୍ଯ୍ୟନ୍ତ ଆମ ପରିବେଶର ଗୁଣାତ୍ମକମାନ ପୁନଃସ୍ଥାପିତ ନହୋଇଛି, ସେତେ ପର୍ଯ୍ୟନ୍ତ ସୁସ୍ଥତାର ସହିତ ଜୀବନ ଯାପନ କରିବା ଏକ ଦିବା ସ୍ୱପ୍ନ ହୋଇ ରହିବ । କିନ୍ତୁ ଉତ୍ତମ ପରିବେଶରେ ଭଲ ସ୍ୱାସ୍ଥ୍ୟ ଧାରଣ କରି ବଂଚିବ । ଆମ ସମସ୍ତଙ୍କର ମୌଳିକ ଅଧିକାର ବୋଲି ଓଡିଶା ପରିବେଶ ସମିତି (ଓଇଏସ୍) ଏବଂ ଭୁବନେଶ୍ୱରସ୍ଥ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି ।

ବିଜ୍ଞାନ କେନ୍ଦ୍ରର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ ଏସସିବି ମେଡିକାଲ କଲେଜରଶଲ୍ୟ ଚିକିତ୍ସା ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ଶ୍ରୀକାନ୍ତ ପଣ୍ଡା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ଚଳିତ ବର୍ଷର ପ୍ରସଙ୍ଗ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନପିସିସିଏଫଡ଼. ବିଜୟ କେତନ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଚଳିତ ବର୍ଷର ବିଷୟ ବସ୍ତୁ ଉପରେ ଆୟୋଜିତ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଓଇଏସ୍ ଉପ-ସଭାପତି ଡ.ଲାଲା ଏ.କେ. ସିଂହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଓଡ଼ିଶା ପରିବେଶ ସମିତିର ସଂପାଦକ ଜେ.କେ ପାଣିଗ୍ରାହୀ ମଧ୍ୟ ବକ୍ତବ୍ୟ ରଖିଥିଲେ । ବିଜ୍ଞାନ କେନ୍ଦ୍ରର ଶିକ୍ଷାଅଧିକାରୀ ହିମାଂଶୁ ଶେଖର ଶତପଥୀ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଇଂ ମନୋ ରଞ୍ଜନ ମିଶ୍ର ଏବଂ ରବୀନ୍ଦ୍ର କୁମାର ମାରାଣ୍ଡି ପ୍ରତିଯୋଗିତା ଗୁଡିକ ର ଆୟୋଜନ କରିଥିଲେ । ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ସିଜିଏମ୍ ରମେଶ ପଣ୍ଡା, କବୟିତ୍ରୀ ସ୍ୱପ୍ନା ବେହେରା ଏବଂ ଇଂ ଦିଲ୍ଲୀପ ଶତପଥି ପ୍ରତିଯୋଗିତାର ବିଚାରପତି ରୂପେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ଷ୍ଟେସନ ରୋଡରେ ଲାଗିଲା ଷ୍ଟ୍ରିଟ ଲାଇଟ

ନିରାକାରପୁର,(ସବ୍ୟୁ):ଖୋର୍ଦ୍ଧା ରୋଡ଼ ଡିଭିଜନ ଅନ୍ତର୍ଗତ ପ୍ରମୁଖ ନିରାକାରପୁର ରେଳ ଷ୍ଟେସନରେ ବିଭିନ୍ନ ଦାବି ନେଇ କ୍ରିୟାନୁଷ୍ଠାନ କମିଟି ତରଫରୁ ୨ ମାସ ତଳେ ଗଣଧାରଣା ଦିଆଯାଇଥିଲା। ଏହି ଦାବି ଗୁଡ଼ିକ ମଧ୍ୟରେ ଷ୍ଟେସନ ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରିବା, ଟିକେଟ ଯାଞ୍ଚ କରିବା , ଷ୍ଟେସନରେ ଚାଲିଥିବା ଉନ୍ନତି ମୂଳକ କାର୍ଯ୍ୟ ର ତଦାରଖ କରିବା ଓ ୪ ନଂ ପ୍ଲାଟଫର୍ମରେ ଟିକେଟ କାଉଣ୍ଟର ପାଇଁ ପ୍ରଥମେ ଟିକେଟ ବିକ୍ରି ଉପରେ ଗୁରୁତ୍ୱ ଦେବା ପରେ ତା ଉପରେ ପଦକ୍ଷେପ ନିଆଯିବ ଓ ଅନ୍ୟ ଏକ୍ସପ୍ରେସ ଟ୍ରେନ ରହଣୀ ଉପରେ ଷ୍ଟେସନ ରେଳ ରାଜସ୍ୱ ଉପରେ ନିର୍ଭର କରୁଛି ।ଏହାକୁ ଦେଖି ପରେ ତାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏ ନେଇ ଷ୍ଟେସନ ମାଷ୍ଟର ଏକ ଲିଖିତ ପ୍ରତିଶ୍ରୁତି ଧାରଣାରତ କ୍ରିୟାନୁଷ୍ଠାନ କମିଟି କୁ ପ୍ରଦାନ କରିଥିଲେ। ଏହା ପରେ ଷ୍ଟେସନ ରୋଡରେ ଆଲୋକୀକରଣ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲାଛ ଆଜି ଷ୍ଟେସନ ରୋଡର କିଛି ଅଂଶ ଷ୍ଟ୍ରିଟ ଲାଗିବାରୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳ ବିଭାଗକୁ ଧନ୍ୟବାଦ୍ ଜଣାଯାଇଛି।

କଂଗ୍ରେସର ନିର୍ବାଚନୀ ଇସ୍ତାହାରରେ ୫ ନ୍ୟାୟ, ୨୫ ଗ୍ୟାରେଣ୍ଟି

କୃଷକ, ମହିଳା, ଶ୍ରମିକ ଓ ଯୁବବର୍ଗଙ୍କୁ ନ୍ୟାୟ ଦେବାକୁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର (ସବ୍ୟୁ): ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟଯାତ୍ରା ସମୟରେ ଜନସାଧାରଣଙ୍କ ସହିତ ତାଙ୍କର ଭାବ ବିନିମୟକୁ ଆଧାର କରି ଭାରତୀୟ ଜାତୀୟ କଂଗ୍ରେସ ତା'ର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି । ବିଶେଷ କରି ଯୁବ ନ୍ୟାୟ, ନାରୀ ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟ ଆଦି ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟି ଉପରେ ଏହି ଇସ୍ତାହାର ପ୍ରସ୍ତୁତ। ଏହି ନ୍ୟାୟପତ୍ର କେବଳ ନିର୍ବାଚନୀ ଘୋଷଣାପତ୍ର ନୁହେଁ, ଏହା ଦେଶର ଗରିବ ନିଷ୍ପେସିତ ଜନସାଧାରଣଙ୍କ ସ୍ୱର ବୋଲି ଏଆଇସିସି ଗଣମାଧ୍ୟମ ସଂଯୋଜିକା ବବିତା ଶର୍ମା କହିଛନ୍ତି ।

ରବିବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତି ଶର୍ମା କହିଲେ ଯେ ବର୍ତ୍ତମାନ ଦେଶରେ ଅନ୍ୟାୟର ଶିକାର ହେଉଥିବା କୃଷକ, ଯୁବବର୍ଗ, ମହିଳା, ଶ୍ରମିକ ଏବଂ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ ନିମନ୍ତେ କଂଗ୍ରେସ ପ୍ରତିଶ୍ରୁତି ବଦ୍ଧ । ବିଶେଷ କରି ପ୍ରତ୍ୟେକ ଶିକ୍ଷିତ ଯୁବକ ଯୁବତୀଙ୍କୁ ଆପ୍ରେଂଟିସିପ୍ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ, ୩୦ଲକ୍ଷ ନୂତନ ସରକାରୀ ଚାକିରି, ପ୍ରଶ୍ନପତ୍ର ପ୍ରଘଟ ବନ୍ଦ କରିବା, ଗିଗ୍ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ଏବଂ ଯୁବବର୍ଗଙ୍କ ପାଇଁ ୫୦୦୦ କୋଟି ଟଙ୍କାର ଷ୍ଟାର୍ଟଅପ୍ ପାଣ୍ଠି ଗଠନ କରିବାକୁ କଂଗ୍ରେସ ନିଷ୍ପତି ନେଇଛି। ସେହିପରି କୃଷକମାନଙ୍କୁ ଏମଏସ୍‌ପି ପ୍ରଦାନ, କୃଷିଋଣ ଛାଡ଼ ପାଇଁ ଆୟୋଗ ଗଠନ, ୩୦ଦିନ ଭିତରେ ଫସଲହାନୀର କ୍ଷତିପୂରଣ ପ୍ରଦାନ, ନୂତନ ଆମଦାନୀ ରପ୍ତାନୀ ନୀତି ଏବଂ କୃଷିକୁ ଜିଏସ୍

ବିଜେଡ଼ିରେ ରାଜ୍ୟ ବିଜେପି ଉପସଭାପତି ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର

ଓଡ଼ିଆଙ୍କ ଅସ୍ମିତା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ବିଜେପି ଉପସଭାପତି ଡକ୍ଟର ଲେଖାଶ୍ରୀ ସାମନ୍ତସିଂହାର ରବିବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡକ୍ଟର ସସ୍ମିତ ପାତ୍ର ଓ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ଡକ୍ଟର ସାମନ୍ତସିଂହାରଙ୍କୁ ଶ୍ରୀ ମଙ୍ଗରାଜ, ଡକ୍ଟର ପାତ୍ର ଓ ଶ୍ରୀ ଜେନା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଲେଖାଶ୍ରୀ ସାମନ୍ତସିଂହାରଙ୍କ ଯୋଗଦାନ ଫଳରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବବୋଲି ଶ୍ରୀ ମଙ୍ଗରାଜ, ଡକ୍ଟର ପାତ୍ର ଓ ଶ୍ରୀ ଜେନା କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଡକ୍ଟର ସାମନ୍ତସିଂହାର ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ଖୋଲାହୃଦୟରେ ବିଜେଡ଼ି ଗ୍ରହଣ କରିଥିବାରୁ ଧନ୍ୟବାଦ । ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି । ଓଡ଼ିଶାର ବିକାଶ ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ଓଡ଼ିଆଙ୍କ ଅସ୍ମିତା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଆ ଜାତିକୁ ବିଶ୍ୱସ୍ତରରେ ପରିଚିତ କରାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ପ୍ରଶଂସନୀୟ। ବିକାଶ କାମରେ ଗୁଣ୍ଡୁଚିମୂଷାର ଭୂମିକା ନିର୍ବାହ କରିବାକୁ ଚାହୁଁଛି । ଦୀର୍ଘ ୧୦ ବର୍ଷ ବିଜେପି ପାଇଁ ଶତ ପ୍ରତିଶତ ଦେଇଛି । ୧୦ ବର୍ଷ ପରେ ବି ବିଜେପିରେ ମୋର ଇଚ୍ଛା ପୂରଣ ହେଲାନି । ବିଜେପିରେ ଆଉ କାମ କରିବାର ସୁଯୋଗ ନଥିଲା । ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯାତ୍ରାରେ ସାମିଲ ପାଇଁ ନିଷ୍ପତ୍ତି ନେଲି । ରାଜନୀତିକୁ ଆସିବା ଉଦ୍ଦେଶ୍ୟ ବିଜେପିରେ ପୂରଣ ହୋଇପାରିଲାନି । ବିଜେଡ଼ିରେ ରହି ଓଡ଼ିଶାବାସୀଙ୍କ ସେବା କରିବି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଖଣ୍ଡପଡାରେ ରାଜନୈତିକ ବାତାବରଣ ଉଷ୍ମ

ଖଣ୍ଡପଡା,(ସବ୍ୟୁ): ନୟାଗଡ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରୁ ଅନ୍ୟତମ ସମ୍ମାନଜନକ ଖଣ୍ଡପଡାବିଧାନସଭା କ୍ଷେତ୍ର ପାଇଁ ଆସନ୍ତା ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ବିଜେପି ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁ ନିର୍ବାଚନ ମୈଦାନକୁ ଓହ୍ଲାଇ ଏକ ଶୋଭାଯାତ୍ରାଜରିଆରେ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିବା ଜଣାପଡିଛି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ସାମଗ୍ରୀକ ବିକାଶ ଓ ନେତୃତ୍ୱ ପରିବର୍ତନର ନାରା ଦେଇ ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ଓ ତାଙ୍କ ସମର୍ଥକମାନେ ଗାଁ ଗାଁରେ ସାଧାରଣ ଭୋଟରଙ୍କୁ ଭେଟୁଥିବା ଜଣାପଡିଛି । ଅପରପକ୍ଷେ ଶାସକ ବିଜେଡି ଦଳ ପକ୍ଷରୁ ଅଦ୍ୟାବଧି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନଥିଲେ ମଧ୍ୟ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ପଞ୍ଚାୟତରେ ଶୋଭାଯାତ୍ରାର ଆୟୋଜନ କରି ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି। ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ ତାଙ୍କ କାର୍ଯ୍ୟକାଳ ସମୟରେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ କରାଯାଇଥିବା ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହେବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି । ସେହିପରି ପୂର୍ବତନ ଭାପୁର ବ୍ଲକ ଅଧ୍ୟକ୍ଷ ଗୟାଧର ପରିଡା ମଧ୍ୟ ବିଜେଡ଼ି ସଂଗଠନକୁ ସୁଦୃଢ କରିବା ପାଇଁ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ପରିକ୍ରମା କରୁଥିବା ପରିଲକ୍ଷିତ ହେଉଛି । ତେବେ ଶାସକଦଳରୁ ପ୍ରାର୍ଥୀ ହେବା ପାଇଁ ଏକାଧିକ ବ୍ୟକ୍ତି ଆଶାୟୀ ଥିବାରୁ ବିଜେଡି ସୁପ୍ରିମୋ କାହା ଉପରେ ଆସ୍ଥା ପ୍ରକଟ କରିବେ ଏନେଇ ସାଧାରଣରେ ଚର୍ଚ୍ଚାଜୋର ଧରିଛି । ଜାତୀୟ କଂଗ୍ରେସ ଦଳ ପକ୍ଷରୁ ଅଦ୍ୟାବଧି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣାକରାଯାଇ ନଥିଲେ ମଧ୍ୟ ଗତ ୨୦୧୯ରେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବସନ୍ତ କୁମାର ମହାରଣା ପୁନର୍ବାର ଦଳ ପକ୍ଷରୁ ପ୍ରାର୍ଥୀ ହେବା ପାଇଁ ଉଦ୍ୟମ ଜାରି ରଖିଥିବା ଜଣାପଡିଛି । ୨ଟି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନଥିଲେ ମଧ୍ୟ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ସମୟାନୁକ୍ରମେ ଉଷ୍ମ ହେବାରେ ଲାଗିଛି ।

ସାଂସଦ ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କ ରୋଡ ସୋ

ଜଗତସିଂହପୁର(ସବ୍ୟୁ):ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇ ଆଜି ରୋଡ ସୋ ମାଧ୍ୟମରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି ।ରମାକାନ୍ତ ଭୋଇ ବିରିଡି ବ୍ଲକ ବିଜେଡି ପାର୍ଟୀ ଅଫିସରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରମାକାନ୍ତ ଭୋଇଙ୍କ ସହିତ ସାଂସଦ ପ୍ରାର୍ଥୀନୀ ଡାକ୍ତର ରାଜଶ୍ରୀ ମଲ୍ଲିକ ମଧ୍ୟ ଆଜି ବିରିଡି ବ୍ଲକରୁ ତାଙ୍କର ନିର୍ବାଚନୀ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।ଉଭୟ ନେତା ଧାନକୁଦ ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ କଇଜଙ୍ଗା ସ୍ଥିତ ମା କନକ ଦୁର୍ଗା ମନ୍ଦିରକୁ ଯାଇ ମାଙ୍କୁ ଦର୍ଶନ କରିଥିଲେ । ପରେ ଏକ ଖୋଲା ଜିପରେ ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ଓ ଗୋରେଖନାଥ ପୀଠ ଅଭିମୁଖେ ବାହାରିଥିଲେ ।ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ବିରିଡି,ରଘୁନାଥପୁର ଓ ତିର୍ତ୍ତୋଲ ବ୍ଲକକୁ ନେଇ ଗଠିତ ହୋଇଥିବା ବେଳେ ଶୋଭାଯାତ୍ରା ୩ ବ୍ଲକ ପରିକ୍ରମା କରିବା ଲକ୍ଷ୍ୟରେ ହାଜିପୁର, ବିରିଡି, ବାଲିଆଷ୍ଟୋର, ଅଣଖିଆ, ଧନୁପୁର, ରଘୁନାଥପୁର, ତାରପୁର, ଜଇପୁର ଦେଇ ଗୋରେଖନାଥ ପୀଠରେ ଦର୍ଶନ ପାଇଁ ପହଞ୍ଚିଥିଲେ ।ସେଠାରେ ଗୋରେଖନାଥ ଦର୍ଶନ କରିବା ପରେ

ଝଙ୍କଡ ସ୍ଥିତ ମା ଶାରଳା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ ।ଏହି ଶୋଭାଯାତ୍ରାରେ ଉଭୟ ପ୍ରାର୍ଥୀଙ୍କ ସମେତ ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର,ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହରା,ଜିଲ୍ଲା ବିଜୁ ଜନତା ଦଳ ସଭାପତି ରବି ନାରାୟଣ ଜେନା,ବିଜେଡି ବିରିଡି ବ୍ଲକ ସଭାପତି ରବିନ୍ଦ୍ର ରାଉଳ,ଦେବୀପ୍ରସାଦ ତ୍ରିପାଠୀ,ବରିଷ୍ଠ ବିଜେଡି ନେତା ନେତ୍ରାନନ୍ଦ ପାତ୍ର,ପ୍ରଦୀପ୍ତ ଭୂୟାଁ,ନିରଞ୍ଜନ ସେଠୀ,ଦେବାଶିଷ ତ୍ରିପାଠୀ,ବସନ୍ତ ମହାପାତ୍ର,ଅଶ୍ୱିନୀ ଦାସ,ଅମରଜ୍ୟୋତି ସାହୁ,ବିମଳ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଶତାଧୀକ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ରହି ଆଗାମୀ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ କିପରି ଅଧିକ ସମର୍ଥନ ମିଳିବ ସେଥିପାଇଁ ସମସ୍ତଙ୍କର ସହଯୋଗ ରହିବ ବୋଲି ଉଭୟ ପ୍ରାର୍ଥୀ କର୍ମୀମାନଙ୍କୁ କହିଥିଲେ ।

ଚୌଦ୍ୱାର କଟକ ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

କଟକ,(ସ୍ୱପ୍ର): ଆସନ୍ତା ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର କଟକ ବିଜୁ ଜନତା ଦଳର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରବିବାର ନୂଆବଜାର ପୋତାପୋଖରୀ ସ୍ଥିତ ନେତାଜୀ ଖେଳ ପଡିଆ ଠାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଖାନନଗର ସ୍ଥିତ କାଳୀ ମନ୍ଦିର ଠାରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ଜରିଆରେ ବାଦାମବାଡ଼ି, ଲିଙ୍କରୋଡ, ଓଏମପି, ଚାଉଳିଆଗଞ୍ଜ, ନୂଆବଜାର ଛକ ଦେଇ ପୋତାପୋଖରୀ ଠାରେ ପହଞ୍ଚିଥିଲା । ଏହି ସମୟରେ ବିଭିନ୍ନ ଛକରେ ଉପସ୍ଥିତ ବିଜେଡି ପ୍ରେମୀ ଓ ମହିଳାମାନେ ଶଙ୍ଖ ଫୁଙ୍କି ହୂଳହୁଳି ଦେଇ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଭୟ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ । ସାଂସଦ ପ୍ରାର୍ଥୀ ଏଥରକ ନବୀନ ବାବୁଙ୍କୁ ପୁନର୍ବାର ଗାଦି ଆସିନ କରିବା ସହ ପୂର୍ବଥର ଥିବା ବିଜେଡିର ବିଧାନସଭା ଆସନ ୧୧୩କୁ ୧୩୧ ଓ ସାଂସଦ ଆସନ ୧୨ କୁ ୨୧ରେ ପରିଣତ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ୫୪ନଂ ୱାର୍ଡ କର୍ପୋରେଟର ତାପସ ରଂଜନ ସାମନ୍ତରାୟ, ୪୩ ନଂ ୱାର୍ଡ କର୍ପୋରେଟର ପ୍ରମିଳା ମହାନ୍ତି, ଡେପୁଟି ମେୟର ଦମୟନ୍ତୀ ମାଝୀ , ଜିଲ୍ଲା ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ, ଚୌଦ୍ୱାର କଟକ ଯୁବ ସଭାପତି ଅଶୋକ ମିଶ୍ର, ଜିଲ୍ଲା କାର୍ଯ୍ୟକାରୀ ଛାତ୍ର ସଭାପତି ସିଦ୍ଧାର୍ଥ କୁମାର ନାୟକ, ଛାତ୍ର ସଭାପତି ଅଚ୍ୟୁତ ଘୋଷ, ନଗର ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ, ଯୁବ ସଭାପତି ସାରଦା କୁମାର ପରିଜା, ଚୌଦ୍ୱାର ନଗର ସଭାପତି ବିଷ୍ଣୁ ପରିଡ଼ା, ପ୍ରେମଚାନ୍ଦ ନାୟକ, ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ଟାଙ୍ଗୀ ଚୌଦ୍ୱାର ଉପାଧକ୍ଷା ସୁପ୍ରିୟା ଜେଠୀଙ୍କ ସମେତ ସିଟି କମିଟି, ଯୁବ କମିଟି, ଛାତ୍ର କମିଟି, ଚୌଦ୍ୱାର କଟକ ବିଜେଡି ମହିଳା କମିଟି ଓ ସମସ୍ତ କର୍ପୋରେଟର, ବରିଷ୍ଠ ବିଜେଡି ନେତୃମଣ୍ଡଳୀ ଏବଂ ବିଜେଡି କର୍ମୀଙ୍କ ସମେତ ଦଶ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ଏହି ସମ୍ବର୍ଦ୍ଧନା ସଭାରେ ସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା ।

ଦଳ ମିଶାଇଲା କିନ୍ତୁ ମନ ମିଶୁନି

ନିମାପଡା,(ସବ୍ୟୁ): ନିର୍ବାଚନ ଯେତିକି ପାଖେଇ ଆସୁଛି ନିମାପଡା ରାଜନିତୀ ସେତିକି ସରଗରମ ହେବାରେ ଲାଗିଛି । ଦଳ ମିଶାଇଲା କିନ୍ତୁ ଉଭୟ ନେତା ଓ କର୍ମୀଙ୍କ ମନ ମିଶୁନଥିବା ନେଇ ଚର୍ଚ୍ଚା ହେଉଛି । ଗତ ଗୁରୁବାର ଦିନ ବିଜେପି ଦଳ ଛାଡିଥିବା ନିମାପଡା ନିର୍ବାଚନ ମଣ୍ଡଳୀର ନେତା ଦିଲ୍ଲୀପ ନାୟକ ତାଙ୍କ ସମର୍ଥକଙ୍କ ସହ ଭୁବନେଶ୍ୱର ଶଙ୍ଖ ଭବନରେ ବିଜେଡି ଦଳରେ ସାମିଲ ହୋଇଥିଲେ । ଏହି ସାମିଲ ପର୍ବରେ ନିମାପଡା ବିଧାୟକ ସମୀର ରଂଜନ ଦାଶ ଉପସ୍ଥିତ ରହି ଦିଲ୍ଲୀପ ଏବଂ ତାଙ୍କ ସମର୍ଥକଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ଦିଲ୍ଲୀପ ମିଶିବା ପରେ ନିମାପଡାରେ ବିଜେଡି ଦଳ ଆହୁରୀ ଅଧିକ ଶକ୍ତିଶାଳୀ ହେଲା ବୋଲି ଆଲୋଚନା ହୋଇଥିଲା । ଦିଲ୍ଲୀପ ୨୦୧୯ ମସିହାରେ କଂଗ୍ରେସ ଦଳରୁ ଟିକେଟ ପାଇ ଏଠାରୁ ପରାଜିତ ହୋଇଥିଲେ । ପରେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ । ଚଳିତ ନିର୍ବାଚନରେ ସେ ଦଳରୁ ଟିକେଟ ଲଢିରେ ରହିଥିଲେ ।ତେବେ ଦଳ ତାଙ୍କୁ ଟିକେଟ ନଦେଇ ପ୍ରଭାତୀ ପରିଡାଙ୍କୁ ଟିକେଟ ଦେଇଥିଲା । ଟିକେଟ ନମିଳିବାରୁ ଦିଲ୍ଲୀପ ତାଙ୍କ ସମର୍ଥକଙ୍କ ସହିତ ବିଜେଡି ରେ ଯୋଗ ଦେଇଛନ୍ତି । ଏଠାରେ ବିଜେଡି ବିଧାୟକ ସମୀର ରଂଜନ ଦାଶଙ୍କ ଦବଦବା ରହିଛି । ଟିକେଟ ଦୌଡରେ ସମୀର ରହିଛନ୍ତି । ତେବେ ଦିଲ୍ଲୀପ ବିଜେଡିରେ ମିଶି ଟିକେଟ ପାଇବେ ବୋଲି ଆଶାବାଦୀ ଅଛନ୍ତି । ଦଳରେ ମିଶିବା ପରେ ସମୀର ତାଙ୍କ ପଂଚାୟତ ଓ ଏନ୍‌ଏସି ସ୍ତରୀୟ ବିଜେଡି ନେତା ଓ ଦଳରେ ନୂତନ କରି ଯୋଗ ଦେଇଥିବା ଦିଲ୍ଲୀପଙ୍କ ସମର୍ଥକଙ୍କୁ ଏକାଠି ବସାଇ ଏକ ମିଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଶନିବାର ସଂଧ୍ୟାରେ ବିଧାୟକ ଶ୍ରୀ ଦାଶ ଏବଂ ବିଜେଡି ନେତୃତ୍ୱ ମାନେ ଆସି ନିମାପଡା ବ୍ଲକ ଛକରେ ବସିଥିବା ବେଳେ ଦିଲ୍ଲୀପ ଏବଂ ତାଙ୍କ ସମର୍ଥକ ସେଠାକୁ ଆସିନଥିଲେ । ସମୀର ଦିଲ୍ଲୀପଙ୍କୁ ଅପେକ୍ଷା କରିବା ଏବଂ ଦିଲ୍ଲୀପ ଓ ସମର୍ଥକ ନଆସିବା ଘଟଣା ଦଳ ସିନା ମିଶାଇଲା କିନ୍ତୁ ଏଠାରେ ଉଭୟଙ୍କ ମନ ମିଶୁନି ବୋଲି ଆଲୋଚନା ଜୋର ଧରିଛି । ଦେଖାଯାଉ ଆଗକୁ କଣ ହେଉଛି ।

ଆଠମାସର ଗର୍ଭବତୀଙ୍କୁ ତଣ୍ଟିଚିପି ହତ୍ୟା ଅଭିଯୋଗ

କନ୍ଧମାଳ,(ସବ୍ୟୁ): କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ତେନ୍ତୁଳିଗଡ଼ ଗ୍ରାମରେ ଆଠମାସର ଗର୍ଭବତୀ ରେଶମା କହଁର (୧୯)ଙ୍କୁ ସ୍ୱାମୀ ଈଶ୍ୱର ନାୟକ (୩୬) ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗ ହୋଇଛି। ରେଶମାଙ୍କ ବାପା ଗୋକୁଳ କହଁର ଏନେଇ ଥାନାରେ ଏତଲା ଦେବା ପରେ କେସ୍ ନମ୍ବର ୫୭/୨୪ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଈଶ୍ୱରଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନାଧିକାରୀ କଲ୍ୟଣୀମୟୀ ଷେଣ୍ଠ ସୂଚନା ଦେଇଛନ୍ତା ।ଚକାପାଦ ବ୍ଲକ୍ ଶଙ୍କରାଖୋଲ ପଞ୍ଚାୟତ ଗୁଡ଼ିଗାଁର ବାସିନ୍ଦା ଗୋକୁଳଙ୍କ ଝିଅ ରେଶ୍ମା ବର୍ଷେ ତଳେ ଈଶ୍ୱରଙ୍କୁ ପ୍ରେମ ବିବାହ କରିଥିଲେ। ତେବେ କିଛିଦିନ ପରେ ଯୌତୁକ ଦାବିରେ ଈଶ୍ୱର ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏହାମଧ୍ୟରେ ରେଶ୍ମା ଗର୍ଭବତୀ ହୋଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଈଶ୍ୱର ହଠାତ୍‌ରାଗିଯାଇ ରେଶ୍ମାଙ୍କ ତଣ୍ଟି ଚିପି ମାରିଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଡାକ୍ତରଖାନାକୁ ପଠାଇଛି।

ଲୋକସଭା ନିର୍ବାଚନ ମଣ୍ଡଳୀ ଲାଗି ବିଜେଡିର ସଂଯୋଜକ

ଭୁବନେଶ୍ୱର (ସବ୍ୟୁ): ଲୋକସଭା ନିର୍ବାଚନ ମଣ୍ଡଳୀ ଲାଗି ବିଜେଡି ସଂଯୋଜକ ନିଯୁକ୍ତି କରିଛି। ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ଲୋକସଭା ଲାଗି ଚନ୍ଦ୍ର ଶେଖର ସାହୁଙ୍କୁ ସଂଯୋଜକ କରିଥିବାବେଳେ ଭଦ୍ରକ ଲାଗି ଦେବାଶିଷ ସାମନ୍ତରାୟ, କେନ୍ଦ୍ରପଡା ଲାଗି ପ୍ରତାପ ଜେନା, କଳାହାଣ୍ଡି ଲାଗି ସୁଜିତ୍ କୁମାର ଓ ପୁରୀ ପାଇଁ ସୁଭାଶିଷ ଖୁଣ୍ଟିଆଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେଡି ସାଧାରଣ ସଂପାଦକ ମାନସ ମଙ୍ଗରାଜ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି ।

ଜୟଦେବ ୱାକର୍ସ କ୍ଲବ୍ ର ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର (ସବ୍ୟୁ): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସ୍ଥାନୀୟ ଜୟଦେବ ୱାକର୍ସ କ୍ଲବ୍ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କୋଳଥିଆ ସ୍ଥିତ ସରସ୍ୱତୀ ମଲ୍ଟି ସ୍ପେସିଆଲିଟି କ୍ଲିନିକ୍ ରେ ଆୟୋଜିତ ହେଇଥିଲା । ଏହି ଶିବିର କୁ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସଂଯୁକ୍ତା ସୁନ୍ଦରାୟ ଉଦ୍ଘାଟନ କରିଥିଲେ । କ୍ଲବ୍ ର ସଭାପତି ୱାକର ନିରଦ ବରଣ ଖୁଣ୍ଟିଆ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିର ରେ ମୁଖ୍ୟ ବକ୍ତା ଭାବେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ବାସନ୍ତୀ ମହାପାତ୍ର ଯୋଗ ଦେଇଥିଲେଛ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଗଭର୍ଣ୍ଣର ଇଲେକ୍ଟ୍ର ୱାକର ମୁକ୍ତି କାନ୍ତ ଅଗସ୍ତି, କ୍ଲବ୍ ର ମୁଖ୍ୟ ଉପଦେଷ୍ଟା ୱାକର ସୁନ୍ଦର ନାରାୟଣ ପାତ୍ର,ପୂର୍ବତନ ଜିଲ୍ଲ ଗଭର୍ଣ୍ଣର ୱାକର ପ୍ରଦିପ୍ତ କୁମାର ମହାରଣା,ଏକାମ୍ର ୱାକର୍ସ କ୍ଲବ୍ ର ସ

ଅଙ୍ଗଦାନ ପାଇଁ ଚୁକ୍ତି କଲେ ନିରୋଜ ପୋଥାଳ

ବାରିପଦା, (ସବ୍ୟୁ) : ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଶ୍ରୀମଦ୍ ବାବା ବଳିଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାରିପଦାର ରକ୍ତଦାତା ତଥା ସମାଜସେବୀ ଡଃ ନିରୋଜ କୁମାର ପୋଥାଳ ନିଜର ଅଙ୍ଗଦାନ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ସହ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଫଳରେ ଭାରତ ସରକାରଙ୍କ ଉକ୍ତ ବିଭାଗରୁ ଶ୍ରୀ ପୋଥାଳଙ୍କୁ ଅଙ୍ଗଦାନ ଶପଥ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି ଓ ଚୁକ୍ତି ଅନୁସାରେ ସେ ତାଙ୍କ ଶରୀରର ବୃକକ, ଯକୃତ (ଲିଭର), ହୃତପିଣ୍ଡ, କ୍ଷୁଦାନ୍ତ୍ର (ଇଣ୍ଟେଷ୍ଟାଇନ) ଓ ଦୁଇ ଆଖିର କରନିଆ ଦାନ କରିଛନ୍ତି । ଏହା ପୂର୍ବରୁ ନିରୋଜ ୧୯୯୯ ମସିହାରେ ହାଇଦ୍ରାବାଦ ସ୍ଥିତ ଚକ୍ଷୁ ହସ୍ପିଟାଲରେ ନିଜର ଚକ୍ଷୁଦାନ କରିବା ପାଇଁ ଚୁକ୍ତି କରିସାରିଛନ୍ତି । ପ୍ରକାଶଥାଉକି ଶ୍ରୀ ପୋଥାଳ ନିୟମିତ ଭାବରେ ରକ୍ତଦାନ କରିବା ସହ ୧୦୯ ଥର ରକ୍ତଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି । ତତ୍‌ସହିତ ରକ୍ତଦାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଚାଲୁ ରଖିବା ସହ ନିୟମିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ ମଧ୍ୟ କରିଆସୁଛନ୍ତି । ତାଙ୍କର ଏହି ପଦକ୍ଷେପ ମାନବସେବା ଦିଗରେ ଯୁବପୀଢ଼ିଙ୍କୁ ନିଶ୍ଚିତ ଭାବେ ଅନୁପ୍ରାଣିତ କରିବ ବୋଲି ସମାଜସେବୀ ଅମର କୁମାର ସେଠୀ, ସୋମନାଥ ସିଂହଙ୍କ ସମେତ ନାରାୟଣ ସେବା ଟ୍ରଷ୍ଟ, ପଶୁ ପକ୍ଷୀ ଓ ପ୍ରକୃତି ପ୍ରେମୀ ପରିବାର ତଥା ବାରିପଦା ରକ୍ତଦାତା ପରିବାରର ସଦସ୍ୟଗଣ ପ୍ରକାଶ କରିଛନ୍ତି ।

ଭଞ୍ଜସେନା ମହିଳା ଶାଖାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ଅଗ୍ରଣୀ ତଥା ସଂଗ୍ରାମୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ରବିବାର ଦିନ ସଂଗଠନ ମହିଳା ଶାଖାର ଜିଲ୍ଲା ସାଧାରଣ ସମ୍ପାଦିକା ଭାବେ ଫୁଟବଲ ଖେଳର ମହିଳା ଭାଷ୍ୟକାର ସୁଭଦ୍ରା ହେମ୍ବ୍ରମ ଏବଂ ବାରିପଦା ସହର ମହିଳା ଶାଖା ସଭାନେତ୍ରୀ ଭାବେ ରୁପାଲୀ ରୂପନୀତା ବେହେରାଙ୍କୁ ମନୋନୀତ କରାଯାଇଛି ବୋଲି ଜିଲ୍ଲା ମହିଳା ଶାଖା ସଭାନେତ୍ରୀ କନିକା ବୋଷ ଏକ ପ୍ରେସ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ।

୧୩ ଦଣ୍ଡର ମହାମିଳନ ସମାରୋହ : ହଜାର ହଜାର ଭକ୍ତଙ୍କ ସମାଗମ

ବାଲିଗୁଡା, (ସବ୍ୟୁ) : କନ୍ଧମାଳ ଜିଲ୍ଲା ବାଲିଗୁଡାରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ବର୍ଷ ପୂର୍ତ୍ତି ଅବସରରେ ୩୫ ତମ ବାର୍ଷିକ ତେର ଦଣ୍ଡର ମହାମିଳନ ସମାରୋହ ବିପୁଳ ଉତ୍ସାହ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି । ଦଣ୍ଡଯାତ୍ରାର ଏହି ମହାମିଳନକୁ ଦେଖିବା ଲାଗି ବାଲିଗୁଡା ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ରବିବାର ସକାଳେ ମା' ପାଙ୍ଖଣ୍ଡା ମନ୍ଦିରରେ ତେରଦଣ୍ଡ ଥଳଙ୍କୁ ବରଣ କରାଯାଇ ଥିଲା ଝ ମଧ୍ୟାହ୍ନ ସମୟରେ ଟାଉନର ମୁଖ୍ୟ ରାସ୍ତା ରେ ଧୂଳିଦଣ୍ଡରେ ତେର ଦଣ୍ଡନାଚ ରୁଷିପୁତ୍ର ତଥା ଦଣ୍ଡୁଆମାନେ ନିଜ ନିଜ ସ୍ଥାନରେ ପହଁଚି ବୀଣାକାର ଢୋଲ ଓ ମହୁରୀର ତାଳେତାଳେ ଦଣ୍ଡନାଚର ସମସ୍ତ ବିଧିବିଧାନକୁ ସୁଲଳିତ ସ୍ୱରରେ ଗାନ କରିଥିଲେ ।

ମଧ୍ୟାହ୍ନରେ ଅନୁଷ୍ଠିତ ଧୂଳିଦଣ୍ଡରେ ଦଣ୍ଡୁଆଙ୍କ ବିଭିନ୍ନ କାଠୁରିଆ ନୃତ୍ୟ ଜଙ୍ଗଲ ସୁରକ୍ଷା ଏବଂ ଜନ୍ତୁ ସୁରକ୍ଷା ନେଇ ବାଘନାଟ ,ବୀଣାକାର, ବିଲରେ ଧାନରୁଆ ଇତ୍ୟାଦି ନାଟକ ବେଶ୍ ଆକର୍ଷିତ କରିଥିଲା । ଅପରାହ୍ନରେ ଆଦର୍ଶ ପୁଷ୍କରିଣୀ ରେ ପାଣିଦଣ୍ଡ ପରେ ସନ୍ଧ୍ୟାରେ

ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେର ଦଣ୍ଡର ଏକ ମହା ମିଳନରେ ଢୋଲିଆ, ପାଟଭୁକ୍ତା, ମହୁରିଆ ଙ୍କ ମିଳନ ହୋଇଥିବା ବେଳେ ଯାହାକୁ ହଜାର ହଜାର ଭକ୍ତ ଓ ଦର୍ଶକ ଉପଭୋଗ କରିଥିଲେ । ଏଥିରେ ବାଲିଗୁଡ଼ା, ମେଲସିକିଆ, କତେରୀଭଟ୍ଟା, ରେବିଙ୍ଗିଆ, ରୁଡୁଙ୍ଗିଆ, ଗୁଡ୍ରିଗାଁ, ଦଣ୍ଡପଦର, ପୋଖରୀବନ୍ଧ, ବାଟାଗୁଡା, ବାରଖମା, ସିଟୁପଡ଼ି ଓ ପ୍ରଥମ ଥର ପାଇଁ ଜିଲ୍ଲା ବାହାରୁ ଅର୍ଥାତ ରାୟଗଡା ଜିଲ୍ଲା ମୁନିଗୁଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ମୋହନଗିରି ଅଞ୍ଚଳର ଦଣ୍ଡ ନାଚ ଦଳ ଯୋଗ ଦେଇ ନିଜ ନିଜର ନାଚ ପରିବେଷଣ କରିଥିଲେ । ସଏହି ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଡ. ରୀନା ପ୍ରଧାନ, ଡିଏଫଓ ବିଶ୍ୱରାଜ ପଣ୍ଡା ଙ୍କ ସମେତବହୁ ପଦାଧିକାରୀ ଉପସ୍ଥିତ ରହି ମିଳନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

ସମିତିର ସଭାପତି କିଶୋର କୁମାର ପାଳ, ଉପସଭାପତି ସୁଜିତ କୁମାର ପାଳ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ସହ ସମ୍ପାଦକ ଭଗବାନ ପଣ୍ଡା, କୋଷାଧକ୍ଷ ବଂଶୀଧର ପଣ୍ଡା, ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାନ୍ତି, ସହଯୋଗୀ ଉପଦେଷ୍ଟା ଲୋକନାଥ ପାଢ଼ୀ, ହିମାଂଶୁ ଶେଖର ଦାସ, ମଦନ ମୋହନ ପାଢ଼ୀ, ରାଜ କିଶୋର ଦାସ, ସଂଗ୍ରାମ କେଶରୀ ସାବତ,ଦଣ୍ଡ ଅଧିକାରୀ ଶିବରାମ ପ୍ରାଧନୀ, ସହ ଦଣ୍ଡ ଅଧିକାରୀ ଜଗନ୍ନାଥ ରାଓ, ତବତିଆ ମହାରଣା, ଅଧିକାରୀ ମନୋଜ କୁମାର ପାଳ ପ୍ରମୁଖଙ୍କ ସମେତ ସମିତିର ସମସ୍ତ ସଦସ୍ୟ, ମହିଳା ସଂଘ ଯୁବକ ସଂଘ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ପ୍ରବଳ ଖରା କୁ ଦୃଷ୍ଟି ରେ ରଖି ଟାଉନ ର ବିଭିନ୍ନ ସ୍ଥାନରେ ବେହେରା ବ୍ୟବସାୟୀ ସଂଘ, ସତ୍ୟସାଇ ସେବା ସମିତି, କଳିଙ୍ଗାର ସ୍ନେହା ଫାଉଣ୍ଡେସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଷ୍ଟଲ କରି ଦିନ ତମାମ ପଣା ସହ ପାନୀୟ ଜଳ ବଣ୍ଟନ କରିଥିବା ବେଳେ ମା 'ଦକ୍ଷିଣକାଳୀ ହାଟ ବେପାରୀ ସଂଘ ତରଫରୁ ରବିବାର ରାତ୍ରରେ ଅନ୍ନ ବଣ୍ଟନ କରିଥିଲେ ।

ଏହି ତେର ଶମ୍ଭୁ ଦଣ୍ଡ ନାଚକୁ ଆଖି ଆଗରେ ରଖି ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ପୋଷ୍ଟ ଅଫିସ ଛକ ନିକଟରେ ଏକ ଅସ୍ଥାୟୀ ପୋଲିସ କେନ୍ଦ୍ର ଖୋଲିବା ସହ ଟାଉନର ପ୍ରତ୍ୟେକ ଛକ ଓ ଗହଳି ପୂର୍ଣ୍ଣ ସ୍ଥାନରେ ପୋଲିସ ମୁତୟନ କରାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତାଧିନ କରିଥିଲେ ।

ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ଆସିକା, (ସବ୍ୟୁ) : ଆସିକାର ଆରାଧ୍ୟ ଦେବୀ ମା ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା ପାଇଁ ଶନିବାର ସନ୍ଧ୍ୟାରେ ରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ମାହେନ୍ଦ୍ର ବେଳାରେ ନୀତି ଅନୁଯାୟୀ ପୂଜାବିଧି ଆରମ୍ଭ କରାଯାଇଥିଲା। ଧ୍ୱଜା ପୂଜା ପରେ ମନ୍ଦିର ପରିକ୍ରମା କରାଯାଇ ମନ୍ଦିର ବେଢାରେ ଥିବା ବୃକ୍ଷପୂଜା ସରିବା ପରେ ଧ୍ୱଜା ବନ୍ଧା କାର୍ଯ୍ୟ ସରିବା ପରେ ଶୁଭଖୁଣ୍ଟି (ଧର୍ମଝାଣ୍ଡା)କୁ କୟାଁ ଗଛରେ ସ୍ଥାପନ କରାଯାଇଥିଲା। ଶୁଭ ଖୁଣ୍ଟି ସ୍ଥାପନ ବେଳେ ଘଣ୍ଟ ଘଣ୍ଟା, କୀର୍ତ୍ତନ, ଢୋଲ, ମହୁରୀ ଓ ବାଦ୍ୟ ସାଙ୍ଗକୁ ଶଙ୍ଖ ଏବଂ କାହାଳୀ ଧ୍ୱନୀରେ ମନ୍ଦିର ପ୍ରକମ୍ପିତ ହୋଇଥିଲା। ପ୍ରଥା ଅନୁଯାୟୀ ଯାତ୍ରା ଅନୁକୂଳ କାର୍ଯ୍ୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମଟି ସଭାପତି ନିମେଇ ପାଣିଗ୍ରାହୀ, ପରିଚାଳନା କମିଟି ସଭ୍ୟ ସଚ୍ଚିଦାନନ୍ଦ ଖଟେଇ, ମୁଖ୍ୟ ପୂଜକ ମନୋଜ ମୁନୀ, ନରସିଂହ ମୁନୀ, ମୁନା ମୁନୀ, ଟୁଲୁ ମୁନୀ, ବାବୁଲା ମୁନୀ, ପ୍ରଶ୍ନ ମୁନୀ, ଗ୍ରାମବାସୀ ଓ ବାରିକ ମାନେ ଶୁଭଖୁଣ୍ଟି ସ୍ଥାପନରେ ସାମିଲ ଥିଲେ।

ଶିବ-ପଦ୍ମା ଦଳପତି ଭବନ ଭୂମି ପୂଜନ

ବ୍ରହ୍ମପୁର, (ସବ୍ୟୁ) : ଜଗନ୍ନାଥ ରାଉତଙ୍କ ପୌରହିତ୍ୟରେ , ଖୋଡାସିଂଗି ଗ୍ରାମସ୍ଥିତ ଉଦ୍ଧିଷ୍ଟ ଜାଗାରେ ଶିବ- ପଦ୍ମା ଦଳପତି ଭବନ ନିର୍ମାଣ କରିବା ନିମନ୍ତେ ,ଭୂମି ପୂଜନ ଓ ଭିତ୍ତୀ ପ୍ରସ୍ତର ସ୍ଥାପନ କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ ସ୍ୱର୍ଗତ ଶିବରାମ ରାଉତଙ୍କ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ତାଙ୍କ ସୁପୁତ୍ର ତଥା ଦଳପତି କ୍ରିୟାନୁଶୀଳ କମିଟିର ଅଧ୍ୟକ୍ଷ, ଶ୍ରୀ ଜଗନ୍ନାଥ ରାଉତ ଉକ୍ତ ଜାଗାରେ ନିଜ ଧର୍ମପତ୍ନୀଙ୍କ ସହ, ଶୁଭବେଳାରେ ଦଳପତି ଭବନ ନିର୍ମାଣ ଉଦ୍ଦେଶ୍ୟରେ, ଭୂମି ପୂଜନ କାର୍ଯ୍ୟ ଆନୁଷ୍ଠାନିକ ଭାବେ କରିଛନ୍ତି । ଏଥିରେ, ଦଳପତି ଅନୁଷ୍ଠାନର ଆବାହକ ତଥା ପୂର୍ବତନ ବିଧାୟକ ଶିବଶଂକର ସାହାଣୀଙ୍କ ସମେତ, ସର୍ବଶ୍ରୀ ପର୍ଶୁରାମ ଜେନା, ନିରଂଜନ ଜେନା, ସୂର୍ଯ୍ୟକାନ୍ତ ପାତ୍ର, ଶାଇପ୍ରସାଦ ପାତ୍ର ,ବୀରଜା ପ୍ରସାଦ ପାତ୍ର, ଦଣ୍ଡପାଣି ପାତ୍ର, ଶାନ୍ତନୁ ପାତ୍ର, ସୁରେଶ ଜେନା, ଡା.ସୁରଥ ପାତ୍ର, ସନ୍ତୋଷ ପାତ୍ର, ଲକ୍ଷ୍ମୀକାନ୍ତ ଜେନା , ଅଶୋକ ଦଳେଇ, ପ୍ରମୋଦ ବିଶ୍ୱାଳ , ଗୌର ପାତ୍ର, ରମେଶ ଦଳେଇ, ଦେବରାଜ କୋଠିଆ ଓ ଦଳପତି ଜାତିର ବହୁ ବିଶିଷ୍ଟ ବ୍ୟକ୍ତିମାନେ ସହଯୋଗ କରି ଉକ୍ତ କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲୋଦଳପତି ପରିବାରର ସମସ୍ତ ସଦସ୍ୟ ,ଶ୍ରୀ ରାଉତ ଓ ତାଙ୍କ ପରିବାର ର ସଦସ୍ୟବୃନ୍ଦଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ପ୍ରଦାନ କରିଥିଲେ ।

ନୂତନ ଏସ୍‌ପିଙ୍କ ଯୋଗଦାନ

ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲାର ନୂତନ ଏସ ପି ଭାବେ ଡ଼ା ଉମାଶଙ୍କର ଦାଶ ଶନିବାର ଅପରାହ୍ନରେ ଯୋଗଦାନ କରିଛନ୍ତି । ୨୦୦୮ ବ୍ୟାଚର ଆଇପିଏସ ଅଫିସର ଜିଲ୍ଲା ପୁଲସ କାର୍ଯ୍ୟାଳୟରେ ପହଂଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । କାର୍ଯ୍ୟରେ ଯୋଗ ଦେବା ପରେ ମୁଖ୍ୟାଳୟରେ ଅଧିକାରୀମାନଙ୍କୁ ସକ୍ରିୟ ଓ ନିରପେକ୍ଷ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବତନ ଏସପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଗତ ୨ ତାରିଖ ଦିନ ଭାରତୀୟ ନିର୍ବାଚନ କମିଶନ ବଦଳି କରାଇଥିଲେ ।

କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି

ବ୍ରହ୍ମପୁର, (ସବ୍ୟୁ) : ସ୍ଥାନୀୟ ବାପୁଜୀ ଆଶ୍ରମ ସ୍ଥିତ ଗଞ୍ଜାମ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରବିବାର ଅପରାହ୍ନରେ ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ସମସ୍ତ ବିଧାନସଭାର ନେତା ମାନଙ୍କୁ ନେଇ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ଦୀପକ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ରଶ୍ମି ରଞ୍ଜନ ପଟ୍ଟନାୟକ, ପାରଳାଖେମୁଣ୍ଡି ପ୍ରାର୍ଥୀ ବିଜୟ ପଟ୍ଟନାୟକ, ସମ୍ପାଦକ ଶାରଦା ସ୍ୱାଇଁ, ଚିକିଟି ବିଧାୟକ ପ୍ରାର୍ଥୀ ରବି ଦ୍ୟାନ ସାମନ୍ତରାୟ, ଛତ୍ରପୁର ଭାଗିରଥି ବେହେରା, ଦିଗପହଣ୍ଡି ଅଶ୍ରୋଧର ଦେଓ, ବୃନ୍ଦାବନ ଖଟେଇ, ବ୍ରହ୍ମପୁର ମହାନଗର ସଭାପତି ଅତୁଲ୍ୟ ପାଢ଼ୀ, ମହିଳା ସଭାନେତ୍ରୀ ବନଜା ପଣ୍ଡା, ଯୁବ ସଭାପତି ବିକାଶ ନାୟକ, ମିଡିଆ ସେଲ ଅଧକ୍ଷ ତତସ୍ ସୁବୁଦ୍ଧି, ଭାସ୍କର ବାଙ୍ଗାରି, ପିସିସି ସାଧାରଣ ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ପରିପ୍ରେକ୍ଷୀରେ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ମାନେ ଦଳର ସମସ୍ତ ନେତା ଓ କର୍ମୀ ମାନଙ୍କ ସହ ପ୍ରତ୍ୟେକ୍ଷ ଭାବେ ସାକ୍ଷାତ କରି ଆଗାମୀ ନିର୍ବାଚନକୁ କିଭଳି ଭାବେ ପାର୍ କରି ଦେଶରେ ଓ ରାଜ୍ୟ ସରକାର ଗଠନ କରିବା ସହ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲାରେ ମଧ୍ୟ ସମସ୍ତ ପ୍ରାର୍ଥୀଙ୍କୁ ବହୁ ମାତ୍ରାରେ ବିଜୟୀ କରି ଜୟଯୁକ୍ତ କରିବା ସେନେଇ ବୈଠକରେ ଗୁରୁମନ୍ତ୍ର ଦେଇଥିଲେ । ଏଆଇସିସି ସମ୍ପାଦକ ତଥା ଓଡ଼ିଶା ଇଞ୍ଚାର୍ଜ ବିକାଶ ବୁଦେନିଆ ଓ ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହାସହ ଏହି ନିର୍ବାଚନକୁ କିଭଳି ବହୁ ମାତ୍ରାରେ ଭୋଟ ପାଇ ବିଜୟୀ ହୋଇ ଜନ ସାଧାରଣଙ୍କ ସେବା କରିପାରିବା ସେ ବିଷୟରେ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମହାନଗର ସଭାପତି ସୂଜୟ ଆଚାର୍ଯ୍ୟ, ଜିଲ୍ଲା ସାଧାରଣ ସମ୍ପାଦକ ମହେଶ୍ୱର ପାତ୍ର, ଇୟୁ ଅମିର ଖାନ୍, ଅତିଷ ଦଳାଇ, ନରେଶ ଘଡେଇ, ସିଦ୍ଧାର୍ଥ ଦଳାଇ, ମହେଶ ଗୌଡ଼, ବରିଷ୍ଠ ନେତା ପଦ୍ମ ସାହୁ, ବୁଟୀ ବାବୁ, ମହାନଗର ଯୁବ ସଭାପତି ସିଦ୍ଧାନ୍ତ ସାହୁଙ୍କ ସମେତ ସମସ୍ତ ଏନଏସି ଓ ବ୍ଲକ୍ ସଭାପତି ଏବଂ ଯୁବ ଛାତ୍ର ଓ ମହିଳା କଂଗ୍ରେସ କର୍ମୀ ମାନେ ଉପସ୍ଥିତ ଥିଲେ।

କାଳବୈଶାଖୀ ପ୍ରଭାବ: ବର୍ଷା ଓ କୁଆପଥର ମାଡ

ବୁଗୁଡା, (ସବ୍ୟୁ) : ଏଇ କିଛି ଦିନ ହେଲା ଗ୍ରୀଷ୍ମ ପ୍ରବାହ ହେତୁ ପ୍ରବଳ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିଲା ବେଳେ ରବିବାର ଅପରାହ୍ନରେ କାଳବୈଶାଖି ପ୍ରଭାବରେ ବର୍ଷା ଯୋଗୁଁ ବୁଗୁଡା ଅଞ୍ଚଳବାସୀଙ୍କୁ ଗରମରୁ ସାମାନ୍ୟ ଆସ୍ୱସ୍ତି ମିଳିଛି। ଅନ୍ୟପକ୍ଷରେ ଆଜିର କାଳବୈଶାଖି ପ୍ରଭାବରେ ବର୍ଷା ଓ ପବନ ବହିବା ସାଙ୍ଗକୁ କୁଆପଥର ମାଡ ହୋଇଥିଲା ବେଳେ ଅପରାହ୍ନ ସମୟରେ ରାତି ଭଳି ଅନ୍ଧକାର ହୋଇଯାଇଥିଲା ।

ପ୍ରବଳ ବେଗରେ ପବନ ବହିବା ଯୋଗୁଁ ରାସ୍ତା କଡସ୍ଥ ଅନେକ ଗଛର ଶାଖାପ୍ରଶାଖା ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା ଏବଂ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିଲା । ବିଦ୍ୟୁତ କାଟ ଯୋଗୁଁ ଚାରିଆଡ଼େ ଘନ ଅନ୍ଧକାର ଘୋଟିଥିଲା ଛ ଏବେ ପବିତ୍ର ଦଣ୍ଡଯାତ୍ରା ଚାଲିଥିବାରୁ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଦଣ୍ଡୁଆମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

ଓଏସଏପି ଅଷ୍ଟମ ବାଟାଲିୟନରେ ଦୁର୍ଗପତିଙ୍କୁ ସମର୍ଦ୍ଧନା

ରମ୍ଭା , (ସବ୍ୟୁ) : ଗଞ୍ଜାମ ସହର ଅନତିଦୂରରେ ରହିଥିବା ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ବଡାଖାନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁର୍ଗପତି ଶାରଦା ପ୍ରସାଦ ଦାଶ ଯୋଗଦେଇ ବାଟାଲିୟନ ରେ କାର୍ଯ୍ୟରତ ସମସ୍ତ ଅଫିସର, ହାବିଲଦାର, ସିପାହୀ, ଓ ଓଡ୍ରାପ ବାହିନୀ ଙ୍କ ସୁଖ ସମୃଦ୍ଧି କାମନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ଏସ ପି ଜଗ ମୋହନ ମିନା ଯୋଗଦେଇ ବାଟାଲିୟାନ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ନିମନ୍ତ୍ରିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ ।

ଏହି ଅବସରରେ ନୃତ୍ୟ ଗୀତରେ ଆସର ଜମିଥିଲା । ସୁସ୍ୱାଦୁ ଖାଦ୍ୟ ରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା। ଗଞ୍ଜାମ ସହରବାସୀଙ୍କ ପକ୍ଷରୁ ଦୁର୍ଗପତି ଶ୍ରୀ ଦାଶଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ସମୟରେ ପ୍ରମୋଦ କୁମାର ପଣ୍ଡା, ଗିରିଶ ଆଚାର୍ଯ୍ୟ, ଦୁର୍ଗା ମାଧବ ପାଣିଗ୍ରାହି, ଉମାକାନ୍ତ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ

ଧୋବଣୀନନ୍ଦର ଗ୍ରାମରେ ଏନ୍‌ଆରଇଜିଏସ୍ କାର୍ଯ୍ୟ ଅଧାପନ୍ତରିଆ

ହିନ୍ଦୋଳ ,(ସବ୍ୟୁ) : ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର ଗ୍ରାମରେ ଏନ୍‌ଆରଇଜିଏସ ଯୋଜନାରେ ରାସ୍ତା କାମ ଠିକାଦାରଙ୍କ ସଂପୂର୍ଣ୍ଣ ମନମାନିରେ ଚାଲୁ ଥିବା ନେଇ ବିଡ଼ିଓଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି ଗ୍ରାମର ଅବିନାଶ ସାହୁ । ଅବିନାଶଙ୍କ ଲିଖିତ ଅଭିଯୋଗ ମୁତାବକ ଗ୍ରାମରେ ଜନୈକ ଠିକାଦାର ଏନ୍‌ଆରଇଜିଏସ ଯୋଜନାରେ ଜାରି ରଖି ଥିବା ମୋରମ ମେଣ୍ଟାଲ ମିଶା ରାସ୍ତା କାମ ଅତି ନିମ୍ନ ମାନର ହୋଇଛି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରଦା ଅର୍ଥରେ ଗ୍ରାମର ଶନି ମନ୍ଦିର ଠାରୁ କାହ୍ନୁ ବସନ୍ତ ରାସ୍ତା କାର୍ଯ୍ୟ ଚାଲୁ ରହିଛି । ତେବେ ଫଳକରେ କେତେ କାର୍ଯ୍ୟ ଦିବସ ସୃଷ୍ଟି ଏବଂ କେତେ ସଂଖ୍ୟାରେ ଅଣକୁଶଳୀ ଶ୍ରମିକ ନିୟୋଜିତ ହେବେ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଉଲ୍ଲେଖ କରାଯାଇ ନାହିଁ ।

ଅଗ୍ନିକାଣ୍ଡ ଘଟି ଘର ପୋଡି ପାଉଁଶ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ବେତେରାସାହି ଠାରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ମିଳିଥିବା ସୂଚନା ମୁତାବକ ବେତରୋସାହିର ଦୁର୍ଯ୍ୟଧନ ନାଏକଙ୍କ ଘରେ ଗୁରୁବାର ଅପରାହ୍ନ ୫ଟା ବେଳେ ବିଦ୍ୟୁତ ସଟସର୍କିଟ ଯୋଗୁଁ ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ଆଠମଲିକ ଦମକଳ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲା । ଶ୍ରୀ ନାଏକଙ୍କ ସମସ୍ତ ଖାଦ୍ୟ ପଦାର୍ଥ , ଲୁଗାପଟା ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି । ସେ ଜଣେ ଗରୀବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

ସହରରେ ମାଟି ପାତ୍ରର ଚାହିଦା ବଢୁଛି

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସହରରେ ମାଟି ପାତ୍ରର ଚାହିଦା ବଢୁଛି। ସହରର ବେହେରାମାଳ, ଟିଏମ ମନମୋହନ ସ୍କୁଲ ନିକଟ ମୁଖ୍ୟ ରାସ୍ତା ସମେତ ସରବାହାଲ ଅଞ୍ଚଳରେ ମାଟି ପାତ୍ରର ଚାହିଦା ବଢୁଛି। ଝାରସୁଗୁଡ଼ାରେ ଗତ ସାତ ଦିନ ହେବ ତାପମାତ୍ରା ୩୮ ଉପରେ ରହୁଥିବା ବେଳେ ଗୁରୁବାର ଦିନ ତାପମାତ୍ରା ୪୨ ରହିଥିଲା । ଲୋକେ ପ୍ରବଳ ଖରାରେ କଳବଳ ହେଉଛନ୍ତି । ବର୍ତମାନ ସମୟରେ ଲୋକେ ଫ୍ରିଜ ପାଣି ପିଉଥିବା ବେଳେ ମାଟି ପାତ୍ରର ପାଣି ନିଆରା । ବର୍ତମାନ ସମୟରେ ପ୍ରବଳ ଗରମରୁ ତୃଷା ମେଣ୍ଟାଇବା ପାଇଁ ମାଠିଆ ସୁରେଇର ପାଣି ପିଇବା ପାଇଁ ଲୋକ ସୁରେଇ କିଣୁଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ଜଙ୍ଗଲ ଅବକ୍ଷୟ କଂକ୍ରିଟ ରାସ୍ତା ସମେତ ପରିବେଶ ପ୍ରଦୂଷଣ ଯୋଗୁଁ ମାଟି ନ ମିଳିବାରୁ କୁମ୍ଭାର କାରିଗର ମାନେ ମାଟି ପାତ୍ର ପୂର୍ବଭଳି ନିର୍ମାଣ କରି ନ ପାରିବାରୁ ପେଟ ପୋଷିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ସହରର ସରାହାଲ କୁମ୍ଭାରପଡ଼ା ଅଞ୍ଚଳର ପାଞ୍ଚ ପରିବାର ମାଟି ପାତ୍ର ନିର୍ମାଣ କରୁଥିବା ବେଳେ ବର୍ତମାନ ମାଟି ଅଭାବରୁ ନାହିଁ ନଥିବା ସମ୍ମୁଖୀନ ହେଉଛନ୍ତି । ଖେରୁଆଲ ଅଂଚଳର ଉଦିଆ ରଣା ସାଇକେଲ ଯୋଗେ ସହରକୁ ମାଠିଆ ଆଣି ବିକ୍ରି କରୁଥିବାବେଳେ ଉଚିତ ମୂଲ୍ୟ ପାଉନଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ କୁମ୍ଭାର ମାନଙ୍କ ଜୀବନ ଜୀବୀବା ସହ ପାରମ୍ପରିକ ବେଉଷା କୁବଞ୍ଚାଇ ରଖିବା ପାଇଁ ଉଚିତ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି ।

ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘର ପ୍ରତିଷ୍ଠା ଦିବସ, ବାର୍ଷିକ ସାଧାରଣ ସଭା

ବଲାଙ୍ଗିର,(ସବ୍ୟୁ) : ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘର ପଞ୍ଚମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ସାଧାରଣ ସଭା ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ପ୍ରଫେସର ଟହଲୁ ସାହୁ, ମହାସଚିବ ପ୍ରହଲ୍ଲାଦ ମହାପାତ୍ର, ଉପସଭାପତିଦ୍ୱୟ ପ୍ରଫୁଲ୍ଲ କୁମାର ହୋତା ଓ ପ୍ରଭାକର ମିଶ୍ର, ମୁଖ୍ୟ ଅତିଥି ଭାବରେ ନାଗରିକ କମିଟିର ସଭାପତି ଡ. ଶ୍ରୀକର ମିଶ୍ର, ମୁଖ୍ୟବକ୍ତା ଭାବରେ ଛତିଶଗଡ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ସଭାପତି ଚନ୍ଦ୍ର ପ୍ରକାଶ ଦେଓରାସ, ସମ୍ମାନିତ ଅତିଥି ଭାବରେ ଉକ୍ତ ରାଜ୍ୟର ଉପସଭାପତି କମଳ ମୁଖର୍ଜି, ବଲାଙ୍ଗିର ଜିଲ୍ଲା ସଭାପତି ନାରାୟଣ ପାଢୀ ଓ ସାଧାରଣ ସଂପାଦକ ଅଶୋକ ଚାନ୍ଦ । ସ୍ୱାଗତ ଭାଷଣ ଦେଇଥିଲେ ପ୍ରଭାକର ମିଶ୍ର । ସମ୍ପାଦକୀୟ ବିବରଣୀ ପଠନ କରିଥିଲେ ମହାସଂଘ ମହାସଚିବ ପ୍ରହଲ୍ଲାଦ ମହାପାତ୍ର ଓ ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧକ୍ଷ କେଦାର ମିଶ୍ର । ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତାକୁ ସମାଜର ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଆଲୋଚନା ହୋଇଥିଲା । ସଭାପତି ଶ୍ରୀ ସାହୁ ପ୍ରକାଶ କରିଥିଲେ ଯେ ପଶ୍ଚିମ ଓଡିଶା ଅନ୍ତର୍ଗତ ସମସ୍ତ ଜିଲ୍ଲାର ବରିଷ୍ଠ ନାଗରିକ ସଂଗଠନ ଗୁଡିକ ମହାସଂଘ ସହ ଅନୁବନ୍ଧିତ ହୋଇ କାର୍ଯ୍ୟ କରି ଆସୁଛନ୍ତି । ସଂଗଠନ ଗୁଡିକର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଓକିଲ ଅଶୋକ କୁମାର ମିଶ୍ରଙ୍କୁ ମହାସଂଘର ଉପଦେଷ୍ଟା ଭାବରେ ମନୋନୀତ କରାଯାଇଥିଲା । ପୂର୍ବରୁ ସାଧାରଣ ପରିଷଦ ବୈଠକରେ ଉପ-ସଭାପତି ଭାବରେ ପ୍ରଭାକର ମିଶ୍ରଙ୍କୁ ମନୋନୀତ କରାଯାଇଥିଲା ତାହାକୁ ଆଜିର ସଭାରେ ନବୀକରଣ କରାଗଲା । ବରିଷ୍ଠ ନାଗରିକ ସମ୍ମାନ ୨୦୨୪ ପଣ୍ଡିତ କୁଳମଣି ମହାପାତ୍ର ବରଗଡ ଜିଲ୍ଲା, ସୁନିତା ମୁଣ୍ଡ ବରପାଲି ଓ ଶୁଧାଂଶୁ ଶେଖର ଦର୍ଜି ବଲାଙ୍ଗିରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହାସଂଘର ଏହି କାର୍ଯ୍ୟକ୍ରମକୁ ସଂଗଠନ ସଂପାଦକ ନାରାୟଣ ନାୟକ ପରିଚାଳନା କରିଥିଲେ । ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

ଖାକିରେ କଳଙ୍କ, କାର ଓ ଗଞ୍ଜେଇ ସହ ପୋଲିସ ଗିରଫ

ହରଭଙ୍ଗା,(ସବ୍ୟୁ): ଦେବଗଡ଼ ଗ୍ରାମ ନିକଟ ରାସ୍ତାରୁ ରବିବାର ଦିନ ଏକ କାର ଓ ଗଞ୍ଜେଇ ସହ ଜଣେ ପୋଲିସ ଡ଼ିଭିଏଫ ଯବାନ ଗିରଫ ହୋଇଛନ୍ତି । ଖାକିରେ ଲଗାଇଲେ କଳଙ୍କ । ପୋଲିସର ଡ଼ିଭିଏଫ ଯବାନ ନିଜେ ଏକ କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧରା ପଡିଛନ୍ତି । ଗିରଫ ହୋଇଥିବା ଯବାନ ଜଣକ ହେଲେ ବୌଦ୍ଧ ପୋଲିସର ଡିଙ୍ଗର ମାଝୀ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ପୋଲିସ , ଅବକାରୀ ବିଭାଗ ଓ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗଠିତ ଏକ ମିଳିତ ଟିମ ଲାଣ୍ଡିବନ୍ଧ ଗ୍ରାମ ନିକଟରେ ଜଗି ରହିଥିଲେ । ମିଳିତ ଟିମ ଯବାନ ଡିଙ୍ଗର ମାଝୀଙ୍କ କାରକୁ ପିଛା କରି ଦେବଗଡ଼ ଗ୍ରାମ ନିକଟ ରାସ୍ତାରୁ ଧରିଥିଲେ । କାର ତଲାସୀ କରିବାରେ ସେଥିରୁ ୫୮ କେଜି ୩୦୦ ଗ୍ରାମ ଗଞ୍ଜେଇ ବାହାରିଥିଲା । କାର ଓ ଗଞ୍ଜାଇ ଜବତ କରାଯିବା ସହ ଡ୍ରଏ ଯବାନ ଡିଙ୍ଗର ମାଝୀଙ୍କୁ ଗିରଫ କରାଯାଇଛି । ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ।

ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ବରଗଡ଼,(ସବ୍ୟୁ): ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତାକୁ ନେଇ ଏକ ଶୋଭଯାତ୍ରା କରାଯାଇଥିଲା । ବରଗଡ଼ ନିଶାମଣି ହାଇସ୍କୁଲ ପଡ଼ିଆଠାରୁ ଏହି ସଚେତନତା ରାଲି ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା । ଶୋଭାଯାତ୍ରାରେ କଲେଜରେ ଡାଇରେକ୍ଟର ଫକୀର କର୍ଣ୍ଣ, ଅଧକ୍ଷ ସୁନିତା ରାଣୀ ବାଗ, ଡ଼.ଅରୂପାନନ୍ଦ ସାହୁଙ୍କ ସମେତ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ଶୀର୍ଷକକୁ ଆଧାର କରି ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା । ଉତ୍ତମ ଓ ନିରୋଗ ସ୍ୱାସ୍ଥ୍ୟ ହେଉଛି ମଣିଷର ମୌଳିକ ଅଧିକାର ଏବଂ ଦୈନନ୍ଦିନ ଜୀବନଚର୍ଯ୍ୟା । ଏହାକୁ ଯଦି ଉତ୍ତମ ଭାବରେ ମଣିଷ ନିର୍ବାହ କରିବ ତେବେ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ ବୋଲି ଛାତ୍ରଛାତ୍ରୀମାନେ ଏକ ବ୍ୟଙ୍ଗ ନାଟକ ମାଧ୍ୟମରେ ଲୋକଙ୍କୁ ବୁଝାଇଥିଲେ ।

ମହିଳା ଡାକ୍ତରଙ୍କୁ ଅସଦାଚରଣ ! ଟାଉନ ଥାନାରେ ଲିଖିତ ଅଭିଯୋଗ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ ଏଡ଼ିଏମଓଙ୍କ ବିରୋଧରେ ସଂଗୀନ ଅଭିଯୋଗ। ଅଭିଯୋଗ ଆଣିଛନ୍ତି ମେଡିକାଲରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତର। କଥା ହେବା ବାହାନାରେ ମହିଳା ଡାକ୍ତରଙ୍କ ଗାଲ ଓ ପିଠିରେ ଏଡ଼ିଏମଓ ହାତ ମାରୁଥିବା ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ଏଡିଏମଓ ପ୍ରକାଶ ବଳ ଅନେକ ସମୟରେ ମହିଳା ଡାକ୍ତରଙ୍କ ଗାଲରେ ଓ ପିଠିରେ ହାତ ମାରିଥିବା ଅଭିଯୋଗ ହୋଇଛି। ମହିଳା ଡାକ୍ତରଙ୍କ କହିବା ଅନୁସାରେ ୨୦୨୨ରୁ ଏଡିଏମଓ ଏପରି କରିଆସୁଛନ୍ତି। ତେବେ ଏହି ନିର୍ଯ୍ୟାତନା ଅସହ୍ୟ ହେବାରୁ ଥାନା ଦ୍ୱାରସ୍ଥ ହୋଇଛି ବୋଲି କହିଛନ୍ତି । ମହିଳା ଡାକ୍ତରଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏଡିଏମଓ ପ୍ରକାଶ ବଳ । ସେ କହିଛନ୍ତି ଦାନ୍ତ ବିଭାଗରେ ୭ ଜଣ ଡାକ୍ତର ଅଛନ୍ତି। ତେଣୁ ଅଭିଯୋଗ କରିଥିବା ଡାକ୍ତରଙ୍କୁ ମାତୃ ଓ ଶିଶୁ ବିଭାଗକୁ ପଠାଯାଇଥିଲା। ସେଠାରେ ସେ କାମ ନ କରି କିଛି କର୍ମଚାରୀଙ୍କୁ ଏକଜୁଟ କରି ଏହି ମିଥ୍ୟା ଅଭିଯୋଗ ମୋ ନାଁରେ ଆଣିଛନ୍ତି।

ବସ୍ ଷ୍ଟାଣ୍ଡ ଦାବିରେ ୧୦ରେ କଣ୍ଟାବାଞ୍ଜି ବନ୍ଦ ଡ଼ାକରା

କଣ୍ଟାବାଞ୍ଜି,(ସବ୍ୟୁ): କଂଟାବାଞ୍ଜି ସହରର ଅସ୍ଥାୟୀ ଭାବେ ରହିଥିବା ବସ୍ ଷ୍ଟାଣ୍ଡ ରେ ରହିଛି ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ । ଏଥିରେ ୩ସହରୁ ଅଧିକ ଦୋକାନୀ ଜୀବୀକା ହରାଇବେ। ଏହାକୁ ନେଇ ସମଲେଶ୍ୱରୀ ମାର୍କେଟ କମ୍ପ୍ଲେକ୍ସ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଛି । ସଭାପତି ସଚିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଅନେକ ଦୋକାନୀ ଯୋଗଦେଇ ବସ୍ ଷ୍ଟାଣ୍ଡ ସ୍ଥାନାନ୍ତରିତକୁ ନେଇ ଆଲୋଚନା ହୋଇଥିଲା । କମିଟି କହିବାନୁସାରେ ୫୦ବର୍ଷରୁ ଅଧିକ ହେଲା ଏହି ସ୍ଥାନରେ ସପ୍ତାହିକ ବଜାର ରହିବା ସହ ଦୋକାନ ଗୁଡିକ ବ୍ୟବସାୟ କରୁଛନ୍ତି । ଏହା ସହ ଅସ୍ଥାୟୀ ଭାବେ ରହିଥିବା ବସ୍ ଷ୍ଟାଣ୍ଡ ପାଇଁ ଲୋକେ ଯାତାୟତ କରିବା ଏବଂ ବସ୍ ଷ୍ଟାଣ୍ଡକୁ ଆସିବାରୁ ଦୋକାନ ଗୁଡିକ ନିର୍ଭର କରୁଛି । ତେବେ ନୂତନ ବସ୍ଷ୍ଟାଣ୍ଡ ପାଇଁ କୌଣସି ବିଜ୍ଞପ୍ତି ନ ଦେଇ ଓଡିଶା ହାଉସିଂ କରପୋରେସନ୍ କେମିତି ସହରରୁ ୩କିମି ଦୂର ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ସମ୍ମୁଖରେ ନୂତନ ବସ୍ ଷ୍ଟାଣ୍ଡ ତିଆରି କରୁଛି ସେଥିପାଇଁ ଅସନ୍ତୋଷ ବଢୁଛି ବୋଲି ଆଲୋଚନା ହେଉଛି । ଏହା ସହ ଯଦି ଏହି ବସ୍ ଷ୍ଟାଣ୍ଡ କୁ ପ୍ରଶାସନ ଉନ୍ନତିକରଣ କରି ସୌନ୍ଦର୍ଯ୍ୟକରଣ କରିବା ବଦଳରେ ଅନ୍ୟତ୍ର ବସ୍ ଷ୍ଟାଣ୍ଡକୁ ନେଉଛନ୍ତି ବୋଲି କମିଟି ସଦସ୍ୟ ପ୍ରଶ୍ନ କରିଛନ୍ତି । ଏହାକୁ ନେଇ କମିଟି ପକ୍ଷରୁ ଏକ ଦାବି ପତ୍ର ମଧ୍ୟ ଦିଆଯାଇଛି । ଏହି ସବୁ ଦାବି ନେଇ ପ୍ରଶାସନ ଆଉ ଥରେ ବିଚାର କରିବା କଥା ଉଲ୍ଲେଖ କରିବା ସହ ଏହାକୁ ପ୍ରତିବାଦ ନେଇ ଆଗାମୀ ୧୦ତାରିଖ ସକାଳ ୬ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦେଇଛି କମିଟି । ଏଥିରେ ସରାକାରୀ ବେସରକାରୀ କାର୍ଯ୍ୟାଳୟ ସମେତ ବ୍ୟାଙ୍କ, ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ ରହିବ । ବୈଠକରେ ସଭାପତି ଶ୍ରୀ ମିଶ୍ର, ତୁଲସୀ ବେହେରା, ସନ୍ତୋଷ ନନ୍ଦ, ସତ୍ୟନାରାୟଣ ମିଶ୍ର, ଦେବାର ବାରିକ, ପ୍ରହଲ୍ଲାଦ ଦ୍ରିପାଠୀ, ଗୋପାଳ ନାଗ, ନିତ୍ୟା ସାହୁ, ବୈରଭ ମହାନ୍ତି, ବଣ୍ଟୁ ମହାଳିଙ୍ଗ, ଲାଲୁ ଟାହାଣୀ, ଶ୍ୟାମ ବାରିକ ସହ ଅନ୍ୟ ସଦସ୍ୟ ମାନେ ସାମିଲ ଥିଲେ ।

ଖଣ୍ଡହତା ପ୍ରିମିୟର ଲିଗ୍ କ୍ରିକେଟ ଗ୍ରୀନ ଗେଲେକ୍ସି ଚାମ୍ପିଅନ

ବରଗଡ,(ସବ୍ୟୁ) : ବରଗଡ ବ୍ଲକ ଖଣ୍ଡହତା ପୁରୁଷୋତ୍ତମ ଖେଳ ପଡିଆରେ ଖଣ୍ଡହତା ପ୍ରୀମୀୟର ଲିଗ୍ କ୍ରିକେଟ ପ୍ରତି ଯୋଗିତାର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇ ଯାଇଛି । ତିନି ଦିନ ଧରି ଅନୁଷ୍ଠିତ ଏହି ପ୍ରତି ଯୋଗିତାରେ ଲାୟନ୍ସ ଷ୍ଟାର ,ପାୱାର ହିଟର, ଗ୍ରୀନ ଗେଲେକ୍ସି ଖଣ୍ଡହତା ୱାରିଆର ପ୍ରମୁଖ ଚାରୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳରେ ପାୱାର ହିଟର ଦଳକୁ ଗ୍ରୀନ ଗେଲେକ୍ସି ୧୩ ରନରେ ପରାସ୍ତ କରି ଚମ୍ପିଆନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିୟାନ ଦଳକୁ ଟ୍ରଫି ଓ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅଡଗାଁ କୃଷି ସେବା ସମବାୟ ସମିତି ଅଧ୍ୟକ୍ଷ ଅଶ୍ୱିନୀ ତ୍ରିପାଠୀ ଓ ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ ଯୋଗଦେଇ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ପ୍ରତ୍ୟହ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

ଟାଙ୍ଗିଆରେ ହାଣି ପତ୍ନୀକୁ ହତ୍ୟା ଘଟଣା : ସ୍ୱାମୀ ଗିରଫ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ଚମ୍ପାପୁର ଟିକିରାସାହି ଠାରେ ସ୍ତ୍ରୀକୁ ହାଣି ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ଗୁରୁବାର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ମାମଲାରୁ ପ୍ରକାଶ ଚମ୍ପାପୁର ଟିକିରାସାହି ଠରେ ସନାତନ ନାଗ (୫୦) ନିଜର ଦ୍ୱିତୀୟ ପତ୍ନୀ ଅମୃତି ଅଦର (୪୦) ଙ୍କୁ ପାରିବାରିକ କଳହ ଯୋଗୁଁ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଟାଙ୍ଗିଆରେ ନିର୍ମମ ଭାବେ ହାଣି ହତ୍ୟା କରିଥିଲା । ସ୍ତ୍ରୀକୁ ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ସନାତନ ଫେରାର ହୋଇଯାଇଥିଲା । ବୌଦ୍ଧ ପୁଲିସ ଗୁରୁବାର ଅଭିଯୁକ୍ତ ସ୍ୱାମୀକୁ ବାମଣ୍ଡା ନିକଟରୁ ସକାଳେ ଗିରଫ କରିଛି । ଏନେଇ ବୌଦ୍ଧ ଥାନା ଅଧିକାରୀ ରଂଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

ବାଇକକୁ ଧକ୍କା ଦେଲା କାର,ମାଆ ମୃତ ପୁଅ ଗୁରୁତର

ବୌଦ୍ଧ,(ସବ୍ୟୁ): ବୌଦ୍ଧ-କିଆକଟା ମହାନଦୀ ସେତୁ ଉପରେ ଆଜି ଏକ କାର ବାଇକକୁ ଧକ୍କା ଦେବା ଫଳରେ ବାଇକରେ ଯାଉଥିବା ମାଁ ପୁଅଙ୍କ ମଧ୍ୟରୁ ମାଁର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଛି । ସୂଚନା ମତେ, ଆଜି ପୂର୍ବାହ୍ନରେ ଅନୁଗୁଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ କାଦପଡା ଗ୍ରାମର ଅଜିତ ପ୍ରଧାନ ଓ ତାଙ୍କ ମାଁ ଗୁରୁବାରୀ ପ୍ରଧାନ ଏକ ବାଇକ ଯୋଗେ ବୌଦ୍ଧ ଆଡକୁ ଆସୁଥିବା ସମୟରେ ମହାନଦୀ ସେତୁ ଉପରେ ଏକ କାର ବାଇକକୁ ଧକ୍କା ଦେଇଥିଲା । ଫଳରେ ବାଇକରେ ଯାଉଥିବା ମାଁ,ପୁଅ ଗୁରୁତର ଆହତ ହୋଇଥିଲେ । ଆହତମାନଙ୍କୁ ବୌଦ୍ଧ ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଗୁରୁବାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଜିତଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି । ଖବର କିଆକଟା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛଦ ପାଇଁ ପଠାଇ ତଦନ୍ତ ଜାରିରଖିଛି ।

ପ୍ରାଚୀନ ଲୋକ ସଂସ୍କୃତିର ସ୍ୱାକ୍ଷର ଦଣ୍ଡଯାତ୍ରା

ବୌଦ୍ଧ,(ସବ୍ୟୁ): ପ୍ରାଚୀନ ଲୋକ ସଂସ୍କୃତିର ସ୍ୱାକ୍ଷର ବୌଦ୍ଧଜିଲ୍ଲାର ଦଣ୍ଡଯାତ୍ରା । ବୌଦ୍ଧଜିଲ୍ଲାର ଦଣ୍ଡଯାତ୍ରାର ଏକ ସ୍ୱତନ୍ତ୍ରତା ବଜାଇ ରଖିଛି । ଏହି ଦଣ୍ଡଯାତ୍ରା ବୌଦ୍ଧଜିଲ୍ଲାରେ କେଉଁ ଆବାହନ କାଳରୁ ଆରମ୍ଭ ହୋଇଛି କହିବା କଷ୍ଟ କର । ଏହି ଦଣ୍ଡଯାତ୍ରା ଚୈତ୍ରମାସରେ ହୋଇଥାଏ । ଦଣ୍ଡଯାତ୍ରାରେ ଶିବ ଓ ଶକ୍ତିଙ୍କ ଆରାଧନା ଓ ପ୍ରଭୁକୃପା ଲାଭ କରିବା । ବୌଦ୍ଧଜିଲ୍ଲାରେ ମହା ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ୨୧ ଦିନ, ୧୬ ଦିନ ଓ ୧୩ ଦିନ ପୂର୍ବରୁ ଯାତ୍ରା ଆରମ୍ଭ ହୋଇଥାଏ । ଯାତ୍ରା ଆରମ୍ଭ ଦିନ ସମାଜର ବ୍ରାହ୍ମଣ ଠାରୁ ଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକ ହୋଇ ଶିବ ଶାକ୍ତ ପୀଠରୁ ଅତ୍ୟନ୍ତ କାଷ୍ଠାରେ ରହି ବ୍ରତ ଧାରଣ କରି ଗୋଟିଏ ପରିବାରର ସଦସ୍ୟ ଭଳି ଏକାକାର ହୋଇଯାନ୍ତି । ଅତ୍ୟନ୍ତ ନିଷ୍ଠା ଓ କାଷ୍ଠାର ସହ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଶିବ ଶିବାଙ୍କୁ ଆରାଧନା କରିଥାନ୍ତି । ଏହି ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଥିବା ବେଳେ ପ୍ରଚଣ୍ଡ ଖରା ଓ ଝାଂଜି ପବନରେ ଛତର, ବାନା, ବୈରଖ ଧରି ଗ୍ରାମକୁ ଗ୍ରାମ ବୁଲିବା ସହ ମନ୍ଦିର ବେଢା କିମ୍ବା ଗଛମୂଳେ ଯେଉଁଠି ସ୍ଥାନ ମିଳିଲା ସେଠାରେ ରହି ଦିନସାରା କେବଳ ପଣାପାଣି ଗ୍ରହଣ କରିଥାନ୍ତି ଏବଂ ରାତ୍ରିରେ ଅନ୍ନଭୋଗ ଗ୍ରହଣ କରିଥାନ୍ତି । ଯେଉଁ ଶ୍ରଦ୍ଧାଳୁ ଭକ୍ତ କିମ୍ବା ଗ

ବିକଳାଙ୍ଗ ମହିଳାକୁ ଦୁଷ୍କର୍ମ ପରେ ଗର୍ଭବତୀ ମାମଲା
ଅଭିଯୁକ୍ତକୁ ଆଜୀବନକାରାଦଣ୍ଡ

ଭବାନୀପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅଧିନ ଲାବଡେ ବିଲେଇକୁନୀ ଗ୍ରାମର ଜୈନିକା ବିକଳାଙ୍ଗ ମହିଳା ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଉକ୍ତ ଗ୍ରାମର ନକୁଳ ଶବର ବିକଳାଙ୍ଗ ମହିଳାକୁ ଏକୁଟିଆ ଦେଖି ଜୋର ଜବରଦସ୍ତି ଦୁଷ୍କର୍ମ କରିଥିଲା । ଫଳରେ ମହିଳା ଜଣକ ୫ମାସର ଗର୍ଭବତୀ ହୋଇଥିଲେ । ଏ ସମ୍ପର୍କରେ ଧର୍ଷିତା ୧୯/୬/୨୦୨୧ ଭବାନୀପାଟଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସଦର ଥାନା କେସ ନମ୍ବର ୨୧୪ /୨୦୨୧ ଅନୁଯାୟୀ ମାମଲା ରୁଜୁ କରିବା ସହିତ ପୋଲିସ ତଦନ୍ତ କରି ଅଭିଯୁକ୍ତ ନକୁଳ ଶବରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଉକ୍ତ ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଶ୍ରୁତିଲେଖା ବାରିକ ବିଚାର କରି ଅଭିଯୁକ୍ତ ନକୁଳ ଶବରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ତରଫରୁ ସରକାରୀ ଓକିଲ ବଜ୍ରକୃଷ୍ଣ ଆଚାର୍ଯ୍ୟ ମାମଲା ପରିଚାଳନା କରିଥିଲେ ।

ପୋଲିସର ଚଢ଼ାଉ, ୯ ଜୁଆଡି ଗିରଫ

କୋକସରା,(ସବ୍ୟୁ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରୁ ସୁପାଡ଼ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଏକ ପରିତ୍ୟକ୍ତ ରାଇସ ମିଲରେ ଘୁଡୁଘୁଡି ପଟି ଜୁଆ ଖେଳ ଶୁକ୍ରବାର ବିଳମ୍ବିତ ରାତିରେ ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ କୋକସରା ପୁଲିସ ଅତର୍କିତ ଭାବେ ଚଢ଼ାଉ କରିଥିଲା । ଜୁଆଡି ମାନେ ପୁଲିସ ଆସିବା ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ପୁଲିସ ପକ୍ଷରୁ ଘୁଡୁଘୁଡି ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ସହ ୧୫ ବାଇକ ଓ ନଗଦ ୩୩ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି । ରାତିରେ ୯ ଜଣ ଜୁଆଡିଙ୍କୁ ଅଟକ ରଖି ପରେ ଥାନା ବେଳ ବଣ୍ଡରେ ଛଡା ଯାଇଥିବା ସୂଚନା ମିଳିଛି। ଏନେଇ କୋକସରା ଥାନା ତଦନ୍ତକାରୀ ପୁଲିସ ଅଧିକାରୀଙ୍କ ପ୍ରତିକ୍ରିୟା ନେବାରୁ ସୂଚନା ମିଳିବା ପରେ ଶୁକ୍ରବାର ରାତିରେ ଚଢ଼ାଉ ହୋଇଥିଲା । ୧୫ ବାଇକ ସହ ୩୩ ହଜାର ଟଙ୍କା ଓ ଘୁଡୁଘୁଡି ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଏ ସଂକ୍ରାନ୍ତରେ କୋକସରା ଥାନା କେଶ ନମ୍ବର ୮୩/୨୪ ଓ (୩) ଓପିଜି ଧାରାରେ କେଶ ପଞ୍ଜିକୃତ ହୋଇ ତଦନ୍ତ ଜାରି ରହିଥିବା ନେଇ ସୂଚନା ଦେଇଛନ୍ତି। ଆମପାଣି ଥାନା ଅଞ୍ଚଳରେ ମଧ୍ୟ ଏଭଳି ଜୁଆ ଖେଳ ଗାଁ ଗାଁରେ ଚାଲିଥିବା ବେଳେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକତା ଥିବା ବୁଦ୍ଧିଜୀବୀ ମାନେ କହିଛନ୍ତି ।

ମନ୍ତ୍ରୀ ପ୍ରଦିପ ଅମାତଙ୍କ ପିତୃ ବିୟୋଗ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ବିଧାୟକ ତଥା ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ବାପା ଗୌରିଶଙ୍କର ଅମାତଙ୍କ ବୁଧବାର ବିଳମ୍ବିତ ରାତିରେ ଭୁବନେଶ୍ୱର ସ୍ଥିତ ସରକାରୀ ବାସ ଭବନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା । କିଛିଦିନ ପୂର୍ବରୁ ଘରେ ପଡିଯିବାରୁ ତାଙ୍କର ଗୋଡ ଭାଙ୍ଗିଯାଯାଇଥିଲା। ସେ ଭୁବନେଶ୍ୱରରେ ଚିକିତ୍ସାଧିନ ଥିବାବେଳେ ବୁଧବାର ରାତ୍ରିରେ ପରଲୋକ ହୋଇଯାଇଥିଲା । ପିତାଙ୍କ ମୃତ୍ୟୁ ସମୟରେ ମନ୍ତ୍ରୀ ଶ୍ରୀ ଅମାତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବୌଦ୍ଧରେ ଥିଲେ । ଖବର ପାଇ ଭୁବନେଶ୍ୱର ଯାଇ ପିତାଙ୍କ ମରଶରୀରକୁ ଗୁରୁବାର ଦିନ ବୌଦ୍ଧ ଆଣିଥିଲେ । କଣ୍ଟାମାଳ ବିଧାୟକ ମହୀଧର ରଣା, ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, କନ୍ଧମାଳ ସାଂସଦ ପ୍ରତିନିଧି ତାରେଣି ମହାପାତ୍ର, ଜିଲ୍ଲା ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ,ନାରାୟଣ ପ୍ରଧାନ,ସୁବୋଧ କୁମାର ପ୍ରଧାନ,ଅଶୋକ କୁମାର ସାହୁ, ଜିଲ୍ଲାପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ବିଦ୍ୟାଧର ସ୍ୱାଇଁ,ସୁବାସ ଚନ୍ଦ୍ର ସାହୁ,ରବିନ୍ଦ୍ର କୁମାର ରାଉତ,ଯୋଗେଶ ପ୍ରସାଦ ନାୟକଙ୍କ ସମେତ ବହୁ ସଂଖ୍ୟାରେ ବନ୍ଧୁବାନ୍ଧବ, ସହରର ବୁଦ୍ଧଜିବୀ ଶ୍ରୀଅମାତଙ୍କ ବାସଭବନରେ ପହଞ୍ଚି ତାଙ୍କର ସ୍ୱର୍ଗତ ପିତାଙ୍କ ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ବୌଦ୍ଧ ଶଶ୍ମାନ ଘାଟରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

ମୋ ଜୀବନୀ ପୁସ୍ତକ ଉନ୍ମୋଚିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କୁଞ୍ଜେଲପଡା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଗୋପୀନାଥ ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ ମୋ ଜୀବନୀ ପ୍ରଥମ ଖଣ୍ଡ ଉନ୍ମୋଚିତ ହୋଇଯାଇଛି। ସିଦ୍ଧେଶ୍ୱରୀ ଧର୍ମ ସଂସଦ ସମ୍ବଲପୁର ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଅମୀୟ କୁମାର ପାଣି ସଭାପତିତ୍ୱ କରିଥିଲେ । ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ଗୋପୀନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଶଙ୍କର୍ଷଣ ଆଚାର୍ଯ୍ୟ, ଦୁଷ୍ମନ୍ତ ସାହୁ, ସୁବର୍ଣ୍ଣ ମେହେର, ସବିତା ମିଶ୍ର, ସବିତା ଷଡ଼ଙ୍ଗୀ ପ୍ରମୁଖ ଉନ୍ମୋଚିତ ପୁସ୍ତକ ଉପରେ ଆଲୋଚନା କରିଥିଲେ।

ହାତରନ୍ଧା ମଦ, ପୋଚ, ବିଦେଶୀ ମଦ ଜବତ

ବରଗଡ଼,(ସବ୍ୟୁ) : ବରଗଡ଼ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବରପାଲି ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ହାତରନ୍ଧା ମଦ, ମହୁଲି ପୋଚ , ବିଦେଶୀ ମଦ ଜବତ କରାଯାଇଛି । ବରପାଲି ବ୍ଲକ କନବାରରେ ଅବକାରୀ ବିଭାଗ ପକ୍ଷରୁ ୫୫୦୦ ଲିଟର ମହୁଲ ପୋଚ ଏବଂ ୪୫୦ ଲିଟର ହାତରନ୍ଧା ଦେଶୀ ମଦ ଜବତ କରାଯାଇଥିଲା । ସେହିପରି ଭଟିଗାଁ ରେ ୩୭ ଲିଟର ହାତରନ୍ଧା ମଦ ଏବଂ ୫ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୨ ମାମଲା ରୁଜୁ କରାଯାଇଛି । ଜିଲ୍ଲା ଅବକାରୀ ଅଧିକ୍ଷକ ସୁବନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ତଥା ବରଗଡ଼ ରେଂଜ ଅବକାରୀ ଇନସପେକ୍ଟର ବିକାଶ ଟପ୍ପୋଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉରେ ଅବକାରୀ ମୋବାଇଲ ୟୁନିଟ ତଥା ବିଭାଗୀୟ କର୍ମଚାରୀ ସାମିଲ ଥିଲେ ।

କଲାର ସମାଜର ବାର୍ଷିକ ସାଧାରଣ ବୈଠକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କନ୍ଧବାହାଲ ଗ୍ରାମରେ ପାଟଣାରାଜ ଦଣ୍ଡସେନା କଲାର ସମାଜର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସୁରେଶ ଚନ୍ଦ୍ର ନେଓରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଖଗେଶ୍ୱର ଦଣ୍ଡସେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବୈଠକରେ ପାଟଣାରାଜ ଅଞ୍ଚଳରେ ବସବାସ କରୁଥିବା କଲାର ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ନାରୀ ଶିକ୍ଷାର ବିକାଶ ସହିତ ସମାଜରୁ କୁସଂସ୍କାର ଦୂର କରିବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା । କୋଷାଧ୍ୟକ୍ଷ ରାଜେଶ ନେଓରା ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଯୋଗେଶ୍ୱର ସୁନାନୀ, ରମେଶ ନେଓରା, ଆଶିଷ ନେଓରା, ଜୟଲାଲ ଦଣ୍ଡସେନା, ମାୟାରାମ ଦଣ୍ଡସେନା, ଦୁର୍ଯ୍ୟୋଧନ ଦଣ୍ଡସେନା, ଡିଙ୍ଗର ନେଓରା, ମୋହନ ନେଓରା, ପ୍ରଦୀପ ନେଓରା, ବିଶ୍ୱମ୍ଭର ଦଣ୍ଡସେନା, ଧନସିଂହ ଦଣ୍ଡସେନା,ପୁରନ୍ଦର ନେଓରା, ଅର୍ଜୁନ ଦଣ୍ଡସେନା, ଟେକରାମ ସୁନାନୀ ଓ ଭାଗିରଥି ସାହାଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

'ମହାନଦୀର ଚରିତ୍ରରେ ପରିବର୍ତ୍ତନ ଓ ମାନବ ସମାଜ ଉପରେ ପ୍ରଭାବ'ନେଇ କର୍ମଶାଳା

ସୋନପୁର:(ସବ୍ୟୁ): ଓଡିଶାର ଜୀବନ ରେଖା ମହାନଦୀର ଚରିତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି ଏବଂ ସେହି ପରିବର୍ତ୍ତନର ହାର ଓ ବ୍ୟାପକତା ଆହୁରି ବଢିବଢି ଚାଲିଛି ବୋଲି ସୋନପୁରରେ 'ମହାନଦୀର ଚରିତ୍ରରେ ପରିବର୍ତ୍ତନ ଏବଂ ଜନସମୁଦାୟ ଓ ନଦୀ ଉପରେ ତାହାର ପ୍ରଭାବ' ଶୀର୍ଷକ କର୍ମଶାଳାରେ ମତ ପ୍ରକାଶ ପାଇଛି । ନଦୀର ଚରିତ୍ରରେ ଘଟିଥିବା ଓ ଘଟୁଥିବା ସେହିସବୁ ପରିବର୍ତ୍ତନ ତଥା ଅନ୍ୟ ସାମାଜିକ ଓ ରାଜନୈତିକ କାରଣ ଯୋଗୁଁ ନଦୀ ନିଜେ ବିପଦଗ୍ରସ୍ତ ହେବା ସହିତ ନଦୀ ସହିତ ଜଡିତ ଅନେକ ଜନସମୁଦାୟର ଜୀବନ ଓ ଜୀବିକା ଅନେକ ମାତ୍ରାରେ ପ୍ରଭାବିତ ହୋଇଛି । ସୋନପୁର ସହିତ ମହାନଦୀର ଅତି ଅନ୍ତରଙ୍ଗ ସମ୍ପର୍କ ରହିଛି । ସେହି ସମ୍ପର୍କ ଅତି ବ୍ୟାପକ । ନଦୀ ସହିତ ସୋନପୁରର ଜୀବନ-ଜୀବିକା ଯୋଡି ହୋଇ ରହିଛି, ସୋନପୁରର ଇତିହାସ ଓ ସଂସ୍କୃତି ନଦୀ ପର୍ଯ୍ୟବେସିତ ହୋଇ ରହି ଆସିଛି । ନଦୀର ଚରିତ୍ରରେ ବିଭିନ୍ନ ପରିବର୍ତ୍ତନ ଅନେକ କ୍ଷେତ୍ରରେ ବାରି ହୋଇଯାଉଛି ବୋଲି ଆଲୋଚନା ହୋଇଥିଲା । ଜୀବିକା, ଜୀବନ, ଚଳଣି, ସଂସ୍କୃତି, ସଭ୍ୟତା, ବିପର୍ଯ୍ୟୟ ଆଦି ପ୍ରସଙ୍ଗ ସହିତ ପ୍ରଦୂଷଣ, ନଦୀ ପରିଚାଳନା, ନଦୀ ଉପରେ ଅଧିକାର ତଥା ନଦୀର ନିଜର ଅଧିକାର ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ଜୀବିକା ଉପରେ ଚର୍ଚ୍ଚା ହୋଇଥିଲା । ନଦୀରେ ବ୍ଲାଷ୍ଟିଙ୍ଗ ଓ ବିଷ ପ୍ରୟୋଗ କରି ଅବାଧ ମାଛ ଧରା କାରଣରୁ ପରିବେଶ ଓ ଜୀବିକାର ଅପୂରଣୀୟ କ୍ଷତି ବିଷୟରେ ବିଷଦ ଚର୍ଚ୍ଚା ହୋଇଥିଲା । କର୍ମଶାଳାରେ ଅନେକ ପ୍ରମୁଖ ପ୍ରସଙ୍ଗ ସହିତ ପ୍ରଭାବିତ ହୋଇଥିବା ଜନସମୁଦାୟଙ୍କ ବିଷୟରେ ଆଲୋଚନା ହୋଇଥିଲା । ସମ୍ଭାବ୍ୟ ପ୍ରତିକାର ଓ ନଦୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସଭ୍ୟତା ଓ ବିକାଶ ସହିତ ନଦୀର ନିବିଡ ସମ୍ପର୍କ ଥିବା ସତ୍ତ୍ୱେ ନଦୀ ସହ ସମ୍ପର୍କକୁ ନେଇ ବିଶେଷ ନୀତି ଓ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ ବୋଲି ମତ ପ୍ରକାଶ ପାଇଥିଲା । ନଦୀର ପରିଚାଳନା ତଥା ନଦୀ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର ତଥା ପଂଚାୟତ ଭଳି ସ୍ଥାନୀୟ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ସୋନପୁରର ଇଙ୍କଫେଷ୍ଟ ଓ ପୁରୀର ଜନମଙ୍ଗଳ ମହିଳା ସମିତି ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋନପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ ଗତିକୃଷ୍ଣ ମିଶ୍ରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନର ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେରଙ୍କ ସ୍ୱାଗତ ବକ୍ତବ୍ୟ ପରେ ଜନମଙ୍ଗଳ ମହିଳା ସମିତିର ସଚିବ ସନ୍ଦୀପ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ରଖିଥିବା ବେଳେ ବିମଳ ପାଣ୍ଡିଆ ମହାନଦୀର ଚରିତ୍ରକୁ ନେଇ ପ୍ରାରମ୍ଭିକ ଉପସ୍ଥାପନା ରଖିଥିଲେ। ଗୌରୀଶ୍ୟାମ ପଣ୍ଡା ସୋନପୁର ସହିତ ମହାନଦୀର ସମ୍ପର୍କକୁ ଉପସ୍ଥାପନା ରଖିଥିଲେ । ଏହାପରେ ବିଶିଷ୍ଟ ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଖୋଲା ଅଧିବେଶନରେ ସୋନପୁର ଏବଂ ବୌଦ୍ଧ ଜିଲ୍ଲାର ବିଭିନ୍ନ ବର୍ଗରୁ ଆସିଥିବା ବ୍ୟକ୍ତିମାନେ ନିଜ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ: ଦେବାଶିଷ ପାଣ୍ଡିଆ, ଅଧିବକ୍ତା ତଥା ସଂସ୍କୃତି କର୍ମୀ ଶ୍ୟାମ ଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, କେଉଟ, କୈବର୍ତ୍ତ ଓ ଝରା ସମୁଦାୟର ପ୍ରତିନିଧି , ଚାଷୀ ପ୍ରତିନିଧି , ପଂଚାୟତ ପ୍ରତିନିଧି ,ସାମାଜିକ ଅନୁଷ୍ଠାନର ପ୍ରତିନିଧି ଯୋଗ ଦେଇଥିଲେ ।

ମହାବିଷ୍ଣୁ ଯଜ୍ଞ ପାଇଁ କଳସଯାତ୍ରା

କୋକସରା,(ସବ୍ୟୁ): ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜାଙ୍କ ପ୍ରତିଷ୍ଠିତ କାଳୀକୃଷ୍ଣ ସଂଘର ୪୧ତମ ବାର୍ଷିକ ଉତ୍ସବ ଚଳିତ ବର୍ଷ କୋକସରା ବ୍ଲକ ଆମପାଣି ପଞ୍ଚାୟତ ଅନ୍ତର୍ଗତ କନ୍ଦାଗଡ ଖେଳ ପଡିଆ ଠାରେ ଅପ୍ରେଲ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ବାର୍ଷିକୋତ୍ସବ ଅବସରରେ ନବକୁଣ୍ଡୀୟ ବିଶ୍ୱଶାନ୍ତି ମହାବିଷ୍ଣୁ ଯଜ୍ଞ, ମୁଣ୍ଡନ, କୁଣାବରୀ, ବ୍ରତ, ବିବାହ, ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବା ଏକ ଭବ୍ୟ କଳସଯାତ୍ରା ଯଜ୍ଞ ବେଦୀରୁ ବାହାରି ସ୍ଥାନୀୟ ମୁଟରା ନଦୀରେ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ଜଳ ଉଠାଇ ଘଣ୍ଟ ଶଙ୍ଖ କାହାଳି, ଘୁମୁରା, ସଂକୀର୍ତ୍ତନ ଦଳର ହରିନାମ ବୋଲରେ ନଗର ପରିକ୍ରମା କରାଯାଇ ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ। ୧ହଜାର ୧ଶହ ୧୧ କଳସ ସହ ସଂକୀର୍ତ୍ତନ, ଘୁମୁରା, ଘଣ୍ଟଦଳ ସାମିଲ ହୋଇଥିଲେ। କଳସଯାତ୍ରା କାର୍ଯ୍ୟକ୍ରମରେ ସଂଘ ପ୍ରମୁଖ ଶ୍ରୀ ଜଗଦାନନ୍ଦଜୀଙ୍କୁ ସ୍ୱାଗତ କରାଯିବା ପରେ କଳସଯାତ୍ରା ଆରମ୍ଭ ହୋଇଥିଲା। କଳସଯାତ୍ରାକୁ ସଂଘର ବେଦବ୍ରହ୍ମା, ପ୍ରଜାପତି, ଆଚାର୍ଯ୍ୟ ପୂଜନ ପରିଚାଳନା କରିଥିଲେ। ମୁଖ୍ୟସଂଘ କାର୍ଯ୍ୟକର୍ତ୍ତା ସମେତ ବିଜେଡି ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଓ ବିଜେପି ବିଧାୟକ ପ୍ରାର୍ଥୀ ସୁଧୀର ପାଟ୍ଟଯୋଷୀ ପ୍ରମୁଖ କଳସ ଯାତ୍ରା ଓ ମହାବିଷ୍ଣୁ ଯଜ୍ଞ ଉଦଘାଟନି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆମପାଣି ପଞ୍ଚାୟତର ସମସ୍ତ ଗ୍ରାମ ଓ ପଡୋଶୀ ପଞ୍ଚାୟତର ଗ୍ରାମର ହଜାର ହଜାର ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

ପାତାଲ୍ ବୋରିଂର ବିଭିନ୍ନ ସାମଗ୍ରୀ ଚୋରି, ୨ ଚୋର ଗିରଫ

ବରଗଡ,(ସବ୍ୟୁ) : ବରଗଡ଼ ଜିଲ୍ଲାର ସୋହେଲା ଓ ଭଟଲି ବ୍ଲକରେ ଯେଉଁ ପରିମାଣରେ ପାତାଲ୍ ବୋରିଂରେ ଚାଷ ହେଉଛି ସେହି ବ୍ଲକରେ ଚାଷୀର ଜମିରେ ଥିବା ପାତାଲ୍ ବୋରିଂର ମୋଟର,ସୋଲାର ପ୍ୟାନେଲ ତଥା କେବୁଲ୍ ଚୋରୀ ଚାଷୀ ମାନଙ୍କ ର ମୁଣ୍ଡ ବ୍ୟଥା ର କାରଣ ପାଲଟିଛି। ପ୍ରାକୃତିକ ଦୁର୍ବିପାକ, ରୋଗ ପୋକ ତଥା ବିଦ୍ୟୁ ବିଭାଗର ଲୋ ଭୋଲଟେଜ ସମସ୍ୟା ବ୍ୟତୀତ ପାତାଲ ବୋରିଂର ମୋଟର୍ ଚୋରୀରେ ଚାଷୀ କେତେ ଉତକ୍ଷୀପ୍ତ ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡା ଗ୍ରାମରେ ତାହା ଦେଖିବାକୁ ମିଳିଛି। ଗ୍ରାମର ଯୁବକ ଚାଷୀ ମାନେ ନିଜସ୍ୱ ଉଦ୍ୟମରେ ଦୁଇ ଚୋରକୁ ଧରି ସୋହେଲା ପୋଲିସକୁ ଜିମା ଦେଇଥଲେ । ଏହି ଦୁଇ ଚୋର ଶ୍ରୀଗିଡା ଗ୍ରାମର ପ୍ରସାନ୍ତ ସା (୨୨) ଏବଂ ଲଲିତ ସିଂ (୪୨) ବୋଲି ଜଣାପଡିଛି। ଏପ୍ରିଲ ୨ ତାରିଖ ରାତିରେ ଶ୍ରୀଗିଡା ଗ୍ରାମର ମୁକେଶ ପଧାନ ଙ୍କ ସୋଲାର ପ୍ୟାନେଲ ଚୋରୀ ହେବା ପରେ ଗାଁ ର ଯୁବ ଚାଷୀମାନେ ଚତୁରତାର ସହ ଚକରକେନ୍ଦ ଛକରେ ଥିବା ଏକ କବାଡି ଖାନାରେ ଗୁପ୍ତ ଭାବରେ ତନଖି କରି ଜାଣିବାକୁ ପାଇଲେ ଯେ ଚୋରୀ ହୋଇଥିବା ସୋଲାର ପ୍ୟାନେଲ ସେହିଠାରେ ବିକ୍ରି ହୋଇଛି । ଶ୍ରୀଗିଡା ଗ୍ରାମର ପ୍ରସାନ୍ତ ସା ଏବଂ ଲଳିତ ସିଂ ବିକ୍ରି କରିଥିବା ଜାଣିବା ପରେ ସକାଳେ ଉତ୍ଖୀପ୍ତ ଚାଷୀମାନେ ଗାଁ ର ଜଗନ୍ନାଥ ମନ୍ଦିର ପରିସରରେ ଉଭୟ ଚୋରଙ୍କୁ ବାନ୍ଧି ପଚରା ଉଚୁରା କଲା ପରେ ସେମାନେ ଚୋରୀ କରିଥିବା ସ୍ୱୀକାର କରିଥିଲେ । ଉଭୟଙ୍କୁ ପୋଲିସକୁ ଜିମା ଦେଇଥିଲେ। ଏମାନଙ୍କ ସହିତ ଏକ ବଡ଼ ଗ୍ୟାଙ୍ଗ ଥିବା ଉଭୟ ଚୋର ଗ୍ରାମ ବାସୀଙ୍କ ଆଗରେ ସ୍ୱିକାର କରିଛନ୍ତି।ଏହି ଚୋର ଗ୍ୟାଙ୍ଗକୁ ଧରିବା ସହ ଚୋରୀ ସାମଗ୍ରୀ ଚାଷୀ ମାନଙ୍କୁ ଫେରାଇବାରେ ପୋଲିସ୍ କେତେ ସକ୍ରିୟତାର ସହ କାମ କରୁଛି ତାହା ଚାଷୀମାନେ ଅପେକ୍ଷା କରିଛନ୍ତି।

ଆୟନ ଅଲ ଇଣ୍ଡିଆ ଇଂଲିଶ ଅଲମ୍ପିଆଡ଼ରେ ନ୍ୟାସନାଲ ଟପ୍ପର

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଡିଏଭିର ନବମ ଶ୍ରେଣୀ ଛାତ୍ର ଆୟନ ପୋବି ଅଲ ଇଣ୍ଡିଆ ଇଂଲିଶ ଅଲିମ୍ପିଆଡ଼ରେ ଚମତ୍କାର ପ୍ରଦର୍ଶନ କରିବା ସହ ନ୍ୟାସନାଲ ଟପ୍ପର ହୋଇ ଜାତୀୟ ରେକର୍ଡ଼ ସୃଷ୍ଟି କରିଛନ୍ତି । ଗତ ଫେବୃଆରୀ ମାସରେ ଡିଏଭି ସି.ଏମ.ସି. ଦ୍ୱାରା ଆୟୋଜିତ ଅଲ ଇଣ୍ଡିଆ ଇଂଲିଶ ଅଲିମ୍ପିଆଡ଼ରେ ଦେଶତମାମ ହଜାର ହଜାର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆୟନ ଇଂଲିଶ ଅଲିମ୍ପିଆଡ଼ ପାଇଁ ଦମଦାର ପ୍ରସ୍ତୁତି କରିଥିଲେ ଓ ତଦନୁଯାୟୀ ପରୀକ୍ଷା ଦେଇଥିଲେ । ଇଂରାଜୀରେ ନିଜ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଆୟନ ସର୍ବଭାରତୀୟ ସ୍ତରରେ ସମସ୍ତଙ୍କୁ ଟପିଯାଇ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଆୟନଙ୍କ ବିଶେଷ ଜାତୀୟ କୃତିତ୍ୱ ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀବୃନ

(ଶ୍ରୀମଦ୍ଭଗବଦ୍ ଗୀତା ୫/୦୧)

–କର୍ମ୍ମସନ୍ୟାସଯୋଗଃ–

(ଅର୍ଜ୍ଜୁନ ଉବାଚ)

ସନ୍ୟାସଂ କର୍ମ୍ମଣାଂ କୃଷ୍ଣ ! ପୁନର୍ଯୋଗଞ୍ଚ ଶଂସସି ।
ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୁହି ସୁନିଶ୍ଚିତମ୍ ॥୧॥

ଅର୍ଜ୍ଜୁନ କହିଲେ, ହେ କୃଷ୍ଣ ! କର୍ମଯୋଗ ଉପଦେଶ ଦେଉଛ କିନ୍ତୁ ପରସ୍ପର ବିରୁଦ୍ଧ କର୍ମସନ୍ୟାସ ଓ କର୍ମଯୋଗ ଏକ ବ୍ୟକ୍ତି ପକ୍ଷରେ ଏକ ସମୟରେ ଅସମ୍ଭବ । ଅତଏବ ଏ ଦୁହିଁଙ୍କ ମଧ୍ୟରେ ଯାହା ମୋ ପକ୍ଷରେ ଶ୍ରେୟ, ସେହି ଗୋଟି, ମୋତେ ନିଶ୍ଚୟ କରି ରହ ॥୧॥

ସମ୍ପାଦକୀୟ

ବିସ୍ତାରବାଦୀ ରଣନୀତି

ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶ ଉପରେ ନିଜର ଦାବିକୁ ଦୃଢ କରିବା ପାଇଁ ଚୀନ ଭିନ୍ନ ଭିନ୍ନ ଉପାୟ କରୁଛି ଏବଂ ସେଥିମଧ୍ୟରୁ ୩୦ଟି ସ୍ଥାନର ପୁନଃ-ନାମକରଣ କରିବା ଗୋଟିଏ ସୁଚିନ୍ତିତ ପଦକ୍ଷେପ ନିଶ୍ଚୟ । ଚୀନ ଓ ତିବ୍ଦତୀୟ ନାଁ କୁ ନାମକରଣ ସମୟରେ ପ୍ରାଧାନ୍ୟ ଦିଆଯାଇଛି । ଏହା ଚତୁର୍ଥ ଥର ପାଇଁ ଚୀନ୍ ଏକପାଖିଆ ଭାବରେ ସ୍ଥାନଗୁଡିକର ନାମ ପରିବର୍ତ୍ତନ କରିଛି । ଚୀନ୍ ସମସ୍ତ ଅରୁଣାଚଳ ପ୍ରଦେଶକୁ 'ଦକ୍ଷିଣ ତିବ୍ଦତ' ବୋଲି ଦାବି କରେ । ଚାଇନାର ମାନଚିତ୍ରଗୁଡିକ ମଧ୍ୟ ଅରୁଣାଚଳକୁ ଚୀନର ଏକ ଅଂଶ ଦର୍ଶାଇ ଆସୁଛନ୍ତି, ଯାହାକୁ ଭାରତ ବାରମ୍ବାର ପ୍ରତ୍ୟାଖ୍ୟାନ କରିଆସୁଛି । ଅନ୍ୟପକ୍ଷରେ, ଅରୁଣାଚଳ ପ୍ରଦେଶରେ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଦେଖି ଚୀନ ଆହୁରି ହତୋତ୍ସାହିତ ହେବାରେ ଲାଗିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅରୁଣାଚଳ ପ୍ରଦେଶ ଯାଇ ସେଠାରେ ସେଲା ପାସ୍ ଅଧୀନରେ ନିର୍ମିତ ସେଲା ଟନେଲର ଉଦ୍‌ଘାଟନ କରିବାର ଅଳ୍ପ କିଛି ଦିନ ପରେ ଚୀନ ଏହି ପୁନଃ-ନାମକରଣ ପ୍ରୟାସ ଆରମ୍ଭ କରିଛି । ଗୌହାଟୀ ଏବଂ ତାୱାଙ୍ଗ ମଧ୍ୟରେ ବର୍ଷର ସବୁ ସମୟରେ ସଂଯୋଗକୁ ସୁନିଶ୍ଚିତ କରିବା ପାଇଁ ଏହି ଟନେଲ୍ ନିର୍ମାଣ କରାଯାଇଛି ଏବଂ ସେହି ସେକ୍ଟରର ସୀମା ରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ତଥା ସାଧାରଣ ନାଗରିକଙ୍କ ପାଇଁ ଏହା ଯୋଗାଯୋଗ କ୍ଷେତ୍ରରେ ଥିବା ଅନେକ ଅସୁବିଧାକୁ ଦୂର କରିବାରେ ସହାୟକ ହେବ । ଅତୀତରେ ମଧ୍ୟ ଚୀନ ନାଁ ବଦଳେଇବା ପାଇଁ ପ୍ରୟାସ କରିଛି ଯାହାକୁ ଦିଲ୍ଲୀ ଦୃଢ଼ ଭାବରେ ନିନ୍ଦା କରିଛି ଏବଂ ନାଁ ବଦଳେଇ ଦେଲେ ଯେ' ଏହା ଚୀନର ଅଂଶ ହେଇଯିବ ତାହା ଭାବିବା ଭୁଲ ବୋଲି ସ୍ପଷ୍ଟ କରିଛି ଭାରତ । କାରଣ ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି ଯେ ନାମ ପରିବର୍ତ୍ତନ କରିବା ଦ୍ୱାରା ଅରୁଣାଚଳକୁ ଚୀନ ନିଜ ଅଞ୍ଚଳ କରିପାରିବ ନାହିଁ । ଭାରତ-ଚୀନ ମଧ୍ୟରେ ଉପୁଜୁଥିବା ଏହି ସମସ୍ୟାର କାରଣ ହେଉଛି ଦୁଇ ଦେଶ ମଧ୍ୟରେ ସୀମା ନେଇ କୌଣସି ସମାଧାନ ହେଇପାରିନାହିଁ । ଏହାର ମାନଚିତ୍ରରେ ଭାରତୀୟ ଅଞ୍ଚଳ ଅନ୍ତର୍ଭୁକ୍ତ କରିବା ଏବଂ ସେମାନଙ୍କୁ ଚାଇନିଜ୍ ନାମ ଦେବା ଭଳି କାର୍ଯ୍ୟ ମାଧ୍ୟମରେ ବେଜିଂ ବାରମ୍ବାର ସଙ୍କେତ ଦେଉଛି ଯେ' ଏହା ସୀମା ସମାଧାନ କରିବାକୁ ଏହା ଆଗ୍ରହୀ ନୁହେଁ । ଉଭୟ ଦେଶ ମଧ୍ୟରେ, ଇଷ୍ଟର୍ଣ୍ଣ ଲଦାଖରେ, ସାମରିକ ଗ୍ରାଉଣ୍ଡ କମାଣ୍ଡର ସ୍ତରୀୟ କଥାବାର୍ତ୍ତା ହୋଇଥିଲା ଏବଂ ଉଭୟ ସ୍ଥାନରେ 'ବଫର୍-ଜୋନ୍' ସୃଷ୍ଟି ହୋଇଥିଲା । କିନ୍ତୁ ବାରମ୍ବାର ଚୀନ ଏହା ଭିତରକୁ ବିଭିନ୍ନ ବାହାନାରେ ପ୍ରବେଶ କରୁଛି । ସୀମା ଅଞ୍ଚଳରେ ଶାନ୍ତି ଭଙ୍ଗ ପାଇଁ ଚୀନ ଚେଷ୍ଟା କରିଚାଲିଛି । କିନ୍ତୁ ଏ ପର୍ଯ୍ୟନ୍ତ ମୋଟାମୋଟି ଭାବରେ ସଫଳ ହେଇପାରିନାହିଁ । ମାନଚିତ୍ରରେ ଭାରତ ଅଂଶକୁ ନିଜ ଅଂଶ ଭାବରେ ଦେଖାଇବା ଏବଂ କେତେକ ସ୍ଥାନର ନାଁ ପରିବର୍ତ୍ତନ କରିବା ପରି କାର୍ଯ୍ୟ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ପ୍ରଭାବିତ କରିଚାଲିଛି । ଏହା ଚୀନର ଗୋଟିଏ ପ୍ରକାରର ରଣକୌଶଳ । ତାଇୱାନ କ୍ଷେତ୍ରରେ ମଧ୍ୟ ସମାନ ରଣନୀତି ଆପଣେଇଛି ଚୀନ ଏବଂ ବିଭିନ୍ନ ପ୍ରକାରର ଧମକ-ଚମକ ଦେଉଛି । ଚୀନ୍ ସ୍ୱୟଂଶାସିତ ତାଇୱାନକୁ ଏକ ବିଚ୍ଛିନ୍ନ ପ୍ରଦେଶ ଭାବରେ ଦେଖେ, ଯାହା ଶେଷରେ ବେଜିଂ ଅଧୀନରେ ରହିବ ଏବଂ ଏହି ଦ୍ୱୀପକୁ ନେବା ପାଇଁ ଚୀନ ବଳ ପ୍ରୟୋଗ ମଧ୍ୟ କରିପାରେ । କିନ୍ତୁ ତାଇୱାନ ନିଜ ସମ୍ବିଧାନ ତଥା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ନେତାଙ୍କ ସହ ଚୀନ୍ ଠାରୁ ଭିନ୍ନ ବୋଲି ମନେ କରେ । ତାଇୱାନକୁ ନିଜ ନିୟନ୍ତ୍ରଣକୁ ଆଣିବା ଆଇଁ ଚୀନ 'ଗୋଟିଏ ଚୀନ୍'ର ସ୍ଲୋଗାନ ଦେଇଚାଲିଛି ଯାହାକୁ ଭାରତ ସମର୍ଥନ କରୁନାହିଁ ଏବଂ ତାଇୱାନର ନିଜସ୍ୱ ପରିଚୟକୁ ଭାରତ ପରୋକ୍ଷରେ ସମର୍ଥନ କରିଆସିଛି । ସରକାରୀ ବିବୃତ୍ତିରେ 'ଗୋଟିଏ ଚୀନ୍'ର ସ୍ଲୋଗାନକୁ ଭାରତ ସ୍ଥାନ ଦିଏ ନାହିଁ । ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଦକ୍ଷିଣ ଚୀନ୍ ସାଗରରେ ଚୀନର ବିବାଦୀୟ କାର୍ଯ୍ୟକଳାପ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି ଏବଂ ଫିଲିପାଇନ୍ସର ଅଧିକାରକୁ ସମର୍ଥନ କରିଛନ୍ତି । ଦକ୍ଷିଣ ଚୀନ୍ ସାଗରରେ ତିକ୍ତତା ବଢୁଥିବାରୁ ଭାରତ ଫିଲିପାଇନ୍ସକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇଛି । ମାନିଲାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ଭାରତ-ପ୍ରଶାନ୍ତ ମହାସାଗରରେ ଫିଲିପାଇନ୍ସକୁ ଶାନ୍ତି ଏବଂ ସ୍ୱାଧୀନତା ରକ୍ଷା କରିବାରେ ଭାରତର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି । ତେବେ, ଚୀନ୍‌ର ବିସ୍ତାରବାଦୀ କାର୍ଯ୍ୟକ୍ରମ, ଦୁଇ ଦେଶର ସମ୍ପର୍କକୁ ଆହୁରି ଖରାପ କରିବାରେ ଲାଗିଛି ଏବଂ ଦୁଇ ଦେଶ ମଧ୍ୟରେ ଅନେକ ସମୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଉଛି, ଯାହା ବାସ୍ତବିକ ସମଗ୍ର ଦକ୍ଷିଣ ଏସିଆ ଅଞ୍ଚଳକୁ ଅଶାନ୍ତ କରିଚାଲିଛି ।

ବଢୁଛି ତାପମାତ୍ରା

ତାପମାତ୍ରା ବଢିଚାଲିଛି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଛି । ରାଜ୍ୟର ଅନେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ । ଖାଲି ରାଜ୍ୟ ନୁହେଁ, ଦେଶର ଅଧିକାଂଶ ଅଞ୍ଚଳରେ ଲୋକେ ତାପମାତ୍ରା ପାଇଁ ବ୍ୟତିବ୍ୟସ୍ତ ହେଇପଡ଼ିଛନ୍ତି । କୋଇଲା ଏବଂ ଅନ୍ୟାନ୍ୟ ଜୈବ ଇନ୍ଧନ ଭଳି ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ଶୋଷଣର ପରିଣାମ ସ୍ୱରୂପ, ବର୍ଷକୁ ବର୍ଷ ତୀବ୍ରତା ବଢିଚାଲିଛି ଓ ହିଟ୍‌ୱେଭ ପ୍ରବାହିତ ହେବାରେ ଲାଗିଛି । ଏହିପରି ତୀବ୍ର ହିଟ୍‌ୱେଭ ହେଉଛି ସ୍ପଷ୍ଟ ସୂଚକ ଯାହା ଜଳବାୟୁ ପରିବର୍ତ୍ତନ କିପରି ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥାଏ । ଗତ କିଛି ବର୍ଷ ମଧ୍ୟରେ ଦେଶର ଅଧିକାଂଶ ଭାଗରେ ବସନ୍ତ ଋତୁ ହ୍ରାସ ପାଇଛି ବା ସଂକୁଚିତ ହେଇଛି । ବିଶେଷଜ୍ଞମାନେ ଅତ୍ୟଧିକ ତାପମାତ୍ରା ଠାରୁ ଅଧିକ ଅସୁରକ୍ଷିତ ଲୋକଙ୍କୁ ରକ୍ଷା କରିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବର୍ତ୍ତମାନ ଚେତାବନୀ ଦେଇଛି ଯେ ଅତୀତରେ ଚାରିରୁ ଆଠ ଦିନ ପରିବର୍ତ୍ତେ ହିଟ୍‌ୱେଭର ପ୍ରଭାବ ୧୦-୨୦ ଦିନ ରହିପାରେ । ଚଳିତ ବର୍ଷ ଦକ୍ଷିଣ ଭାରତର ଅନେକ ଭାଗରେ ସାଧାରଣ ମାର୍ଚ୍ଚ ଅପେକ୍ଷା ଅଧିକ ଉତ୍ତାପ ଅନୁଭୂତ ହୋଇଥିଲା । ଜଳବାୟୁ ପରିବର୍ତ୍ତନ ଯୋଗୁଁ 'ଚରମ ପାଣିପାଗ ଅବସ୍ଥା' ବାରମ୍ବାର ହେବା ସହ ତୀବ୍ରତା ବୃଦ୍ଧି ପାଇଛି । ଗ୍ଲୋବାଲ୍ ୱାର୍ମିଂର ପ୍ରତ୍ୟେକ ଅତିରିକ୍ତ ବୃଦ୍ଧି ପାଇଁ, 'ଚରମ ପାଣିପାଗ ଅବସ୍ଥା' ମଧ୍ୟ ଆହୁରି ସାଙ୍ଘାତିକ ହେଇପାରେ । ତେବେ ପାଣିପାଗର ଚରମ ପରିସ୍ଥିତିରୁ ଦେଶକୁ ରକ୍ଷା କରିବା ପାଇଁ, ଆମକୁ ଗୁରୁତର ସହ ଚିନ୍ତା କରିବାକୁ ପଡିବ ଏବଂ ସେହି ଅନୁସାରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପଡିବ । ନଭେମ୍ବର ୨୦୨୧ରେ ଗ୍ଲାସ୍ଗୋରେ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ପାଇଁ ବର୍ଦ୍ଧିତ ଜଳବାୟୁ ଲକ୍ଷ୍ୟ ଘୋଷଣା କରିଥିଲେ – ଅଣ ଜୀବାଶ୍ମ ଶକ୍ତି କ୍ଷମତାକୁ ୫୦୦ ଗିଗାୱାଟକୁ ବୃଦ୍ଧି କରିବା ଏବଂ ୨୦୩୦ ସୁଦ୍ଧା ନବୀକରଣଯୋଗ୍ୟ ଉତ୍ସ ମାଧ୍ୟମରେ ଦେଶର ୫୦ ପ୍ରତିଶତ ଶକ୍ତି ଆବଶ୍ୟକତାକୁ ପୂରଣ କରିବା । ଭୟ ହେଉଛି ଯେ ଏହି ସମୟସୀମା ମଧ୍ୟରେ ଆମେ ଆମ ଲକ୍ଷ୍ୟ ପଥରେ ପହଞ୍ଚି ପାରିବା କି ନାହିଁ କାରଣ ଅନେକ ରାଜ୍ୟ ସେମାନଙ୍କର ଅଣ ଜୀବାଶ୍ମ ଶକ୍ତି କ୍ଷମତାକୁ ବୃଦ୍ଧି କରିବାକୁ ଯଥେଷ୍ଟ କାର୍ଯ୍ୟ କରୁନାହାଁନ୍ତି । ଭାରତରେ ସୌର ଶକ୍ତିର ବିପୁଳ ସମ୍ଭାବନା ରହିଛି । ବର୍ଷର ଅଧିକାଂଶ ଦିନ ଏଠାରେ ଖରାଦିନ ଲାଗିରହେ । କିନ୍ତୁ ଏ ପର୍ଯ୍ୟନ୍ତ ଆମେ ଏହାର ବ୍ୟବହାର ପାଇଁ ସବୁସ୍ତରରେ ସେତିକି ସଚେତନତା ସୃଷ୍ଟି କରିପାରିନାହୁଁ । କୋଇଲା ଏବଂ ଅନ୍ୟାନ୍ୟ ଜୀବାଶ୍ମ ଇନ୍ଧନ ଜାଳିବା ଦ୍ୱାରା ନିର୍ଗମନ ପରିସ୍ଥିତିକୁ ଆହୁରି ଖରାପ କରୁଛି । କୋଇଲାର ବିଶ୍ୱରେ ପ୍ରମୁଖ ଗ୍ରାହକମାନଙ୍କ ମଧ୍ୟରୁ ଭାରତ ଏହି ପ୍ରଦୂଷଣକାରୀ ଇନ୍ଧନକୁ ପର୍ଯ୍ୟାୟ କ୍ରମେ ହ୍ରାସ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଏବଂ ଏହା ଉପରେ ଆମର ନିର୍ଭରଶୀଳତା ହ୍ରାସ କରିବାକୁ ପଡିବ । ବର୍ତ୍ତମାନ ଆମକୁ ଏହିଭଳି ହିଟ୍‌ୱେଭ ଓ 'ଚରମ ପାଣିପାଗ ଅବସ୍ଥା'ରୁ ରକ୍ଷା ପାଇବା ପାଇଁ ପବନ ଏବଂ ସୌର ପରି ସ୍ଥାୟୀ ଉତ୍ସରୁ ଶକ୍ତି ଉତ୍ପାଦନକୁ ବଢାଇବାକୁ ପଡିବ । ସ୍ୱଚ୍ଛ ଶକ୍ତିକୁ ପରିବର୍ତ୍ତନ କରିବାକୁ ଦେଶ R&D ରେ ବିପୁଳ ପରିମାଣର ପୁଞ୍ଜି ବିନିଯୋଗ କରିବା ଆବଶ୍ୟକ ଏବଂ ଭିତ୍ତିଭୂମି, ପରିବହନ, ଶିଳ୍ପ ଉତ୍ପାଦନ ଏବଂ ବନବିଭାଗ ପରି କ୍ଷେତ୍ର ପାଇଁ ପରିବେଶ ଅନୁକୂଳ ଯୋଜନା ପ୍ରସ୍ତୁତ କରିବାକୁ ପଡିବ । ଦେଶର ଖାଦ୍ୟ ନିରାପତ୍ତା ମଧ୍ୟ ବିପଦରେ ପଡିପାରେ ଯଦି ଶୀଘ୍ର ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦକୁ ନ୍ୟାୟପୂର୍ଣ୍ଣ ଭାବରେ ବ୍ୟବହାର ନ କରାଯାଏ । ପାଣିପାଗ ଏବଂ ତାପମାତ୍ରା ବୃଦ୍ଧିକୁ ଆଜି ହିଁ ସାମୂହିକ ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି , କାରଣ ପରିସ୍ଥିତି ସାଙ୍ଘାତିକ ହେବାରେ ଲାଗିଛି । ସମସ୍ତ ରାଜ୍ୟ ହିଟ୍ ଆକ୍ସନ୍ ପ୍ଲାନ୍ (HAPs) ଏକ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ସୃଷ୍ଟି କରିବା, ସ୍ୱାସ୍ଥ୍ୟସେବା ବିଶେଷଜ୍ଞମାନଙ୍କର ଦକ୍ଷତା ବୃଦ୍ଧି, କର୍ମକ୍ଷେତ୍ରରେ ଅନୁକୂଳ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିବାର ଅନୁମାନ କରାଯାଉଛି । କିନ୍ତୁ ବନ୍ୟା, ବାତ୍ୟା ପରି ଏହି ତାପମାତ୍ରା ବୃଦ୍ଧି ଓ ହିଟ୍‌ୱେଭରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଆହୁରି ନିୟନ୍ତ୍ରିତ କାର୍ଯ୍ୟକ୍ରମ କରାଯିବା ଜରୁରୀ ।

ବିଶ୍ୱାସହିଁ ସବୁଠୁଁ ବଡ

ପ୍ରଦୀପ୍ତ କୁମାର ମିଶ୍ର

ବିଶ୍ୱାସ ଏକ ଅନନ୍ୟ ସୁନ୍ଦର ପ୍ରତିଶବ୍ଦ ଯାହାର ଅର୍ଥ ବ୍ୟାପକ କିନ୍ତୁ ଏକ ଶାନ୍ତିବାଚକ ତତ୍ତ୍ୱ ବୋଲି ଗ୍ରହଣ କରାଯାଇପାରେ । ବିଶ୍ୱାସର ଅନ୍ୟ ଅର୍ଥ ଭରସା ଯାହା ପାଇଁ ସବୁବେଳେ ତୃତୀୟ ଓ ଦ୍ୱିତୀୟ ପୁରୁଷର ଆର୍ବିଭାବ ଏକାନ୍ତ ଜରୁରୀ । ଏହାକୁ କେତେକ ଆବେଗ ବୋଲି ମଧ୍ୟ ଗ୍ରହଣ କରିଛନ୍ତି । ତେବେ ଶ୍ରଦ୍ଧା, ସ୍ନେହ, ପ୍ରେମ, ଘୃଣା ଆଦି ଠାରୁ ଏହା ବହୁତ ସ୍ୱତନ୍ତ୍ର । ବିଶ୍ୱାସ ବଞ୍ଚିବାର ଏକ ରାହା, ବଞ୍ଚିବାର ଅନ୍ୟନାମ ବୋଲି କୁହାଯାଇଛି । ଏହାର ଗୂଢ଼ଅର୍ଥ ବଡ଼ ବ୍ୟାପକ ଏହାକୁ ଚିନ୍ତାରେ ବୁଝାଯାଇପାରେନା ବରଂ ମାନସିକ ପରୀକ୍ଷାରେ ଗ୍ରହଣ କରାଯାଇପାରେ । ବିଶ୍ୱାସରୁ ସଂସାର ଆତଯାତ ବୋଲି ଅନେକଙ୍କଠାରୁ ଶୁଣିବାକୁ ମିଳେ । କିନ୍ତୁ ଏହା ଏକ ବ୍ୟାପକ ଭାବଧାରା, ଏକ ସ୍ପଷ୍ଟ ଅନୁଚିନ୍ତନ । ବିଶ୍ୱାସ ଦ୍ୱାରା ମିଛ ବେଳେବେଳେ ସତ୍ୟହୁଏ ବେଳେବେଳେ ସତ୍ୟ ମିଥ୍ୟା ହୋଇ ଲଜ୍ଜିତ ହୁଏ । କେବଳ ଏହାକୁ ସ୍ଥାପନ କରିବା ବ୍ୟକ୍ତିବାଦ ଉପରେ ନିର୍ଭର କରେ । ବ୍ୟକ୍ତିବାଦ ହିଁ ଏହାକୁ ସ୍ପଷ୍ଟ ମୂଳୁଦୁଆ ପକାଇବାରେ ସମର୍ଥ ହୋଇଥାଏ ।

ଭୂତର ବିଶ୍ୱାସ ପ୍ରେତ ଧାରଣାରେ ବିଶ୍ୱାସ ଆଣି ଆଜି ପର୍ଯ୍ୟନ୍ତ ଏହି ତତ୍ତ୍ୱ ବଞ୍ଚିରହିଛି ସମସ୍ତଙ୍କ ମନରେ । ଗ୍ରହ ଚାଳନା ଗ୍ରହ ଜନିତ ମଣିଷର ଭୋଗାଭୋଗ ଆଦି ବିଶ୍ୱାସ ଯେ କେତେଜଣଙ୍କୁ ଅବସାଦକୁ ଠେଲିଦିଏ ଏକଥା ନକହିବା ବରଂ ଭଲ । ଏହି ଶୂନ୍ୟ ଫଳକୁ ଆଶା ନିରାଶାର ମାଧ୍ୟମକରି ମଣିଷ ତାର ବହୁମୂଲ୍ୟ ସମୟ ନଷ୍ଟକରେ । ସବୁଠାରୁ ବଡ ବିଶ୍ୱାସହିଁ ଈଶ୍ୱର ବିଶ୍ୱାସ ଯାହା ମଣିଷକୁ ଏକ ସୁସ୍ଥ ଅନୁଗାମୀ କରିବାରେ ସାହାଯ୍ୟ କରିଥାଏ । ଈଶ୍ୱରଙ୍କ ସଂଜ୍ଞା ସେ ନିର୍ଦ୍ଦିଷ୍ଟ କରେ କେତେବେଳେ ଈଶ୍ୱରଙ୍କୁ ତା ନିଜମଧ୍ୟରେ ଅନୁଭବ କରେ କେତେବେଳେ ତ ସେ ଈଶ୍ୱରଙ୍କୁ ପ୍ରକୃତି ମଧ୍ୟରେ ଅନୁଭବ କରେ । ସେଥିରୁ ସେ ପ୍ରାପ୍ତକରେ ସୁନ୍ଦର ଅନୁଭୂତି ଗୋଟିଏ ଅଦ୍ଭୁତ ଦର୍ଶନ ଗଢିତୋଳେ ନିଜ ମଧ୍ୟରେ । ସେହି ଦର୍ଶନ ତାକୁ ଦେଇଥାଏ ସୁନ୍ଦର ଅନୁଭୂତି ।

କଥାରେ ଅଛି ପୃଥିବୀ ଆକାଶକୁ ବିଶ୍ୱାସ କରେ ପୁଣି ଆକାଶ ସୂର୍ଯ୍ୟ ଚନ୍ଦ୍ରକୁ ବିଶ୍ୱାସ କରେ । କିନ୍ତୁ ଏହି ଜନକଥା ସତ୍ୟ ଯେ ବିରାଟ ମହାଜଗତିକ ଶକ୍ତି ଦ୍ୱାରା ଏହି ଚଳମାନ ଗ୍ରହ ନକ୍ଷତ୍ରମାନେ ଆତଯାତ ହୋଇଥାନ୍ତି, ଏଥିରେ ସାମାନ୍ୟତମ ତ୍ରୁଟି ବିଚ୍ୟୁତି ଦେଖାଯାଇନଥାଏ । କିନ୍ତୁ ପୌରାଣିକ ବିଶ୍ୱାସରେ ଚନ୍ଦ୍ର ପୃଥିବୀ ସୂର୍ଯ୍ୟ ଏକ ପରିବାରର । ସେମାନେ ପରସ୍ପରକୁ ବହୁତ ଭଲପାଇଥାନ୍ତି । ବେଳେବେଳେ କୌଣସି କାରଣ ବଶତଃ ଅସତ୍ କାମକରି ବେଳେବେଳେ ଅଭିଶପ୍ତ ହୋଇ ଆଭିଶାପକୁ ବହନ କରି ସାରାଜୀବନ ଗତିଶୀଳ ହୋଇଥାନ୍ତି । କିନ୍ତୁ ଏହା ବିଜ୍ଞାନ କହେ ମହାଜାଗତିକ ଆକର୍ଷଣ ଓ ବିକର୍ଷଣରେ ତିଷ୍ଠି ରହିଛି ଏ ସୌରଜଗତ ଏ ତାରକା ମଣ୍ଡଳ ।

କିନ୍ତୁ ଏହି ଧରିତ୍ରୀରେ ବିଶ୍ୱାସ ଏକ ଅନନ୍ୟ ଧାରଣା,ଏହାଦ୍ୱାରା ବଞ୍ଚି ରହିଥାଏ ବିରାଟ ପରିବାର ସମାଜ ଜନସମାଜ । ବିଶ୍ୱାସ ହିଁ ସୃଷ୍ଟିକରେ ଶିକ୍ଷା, ଶିକ୍ଷା ହିଁ ଦେଇଥାଏ ଅପୂର୍ବ ସଚେତନତା, ଏହାର ସାମୁହିକ କ୍ରିୟା ଦ୍ୱାରା ସୃଷ୍ଟି ହୁଏ ଚେତନା । ଚେତନା ହିଁ ସଭ୍ୟତାର ମୂଳମନ୍ତ୍ର । ଚେତନା ହିଁ ସଂସ୍କୃତି,ଚେତନା ହିଁ ସମାଜର ଆତ୍ମା । ବିଶ୍ୱାସ ଏକ ଅଦୃଶ୍ୟ ଭାବନା ହେଲେ ଏହି ଅଦୃଶ୍ୟତାରେ ଭରି ରହିଛି ଆନନ୍ଦର ଅମୋଘ ସ୍ରୋତ । ଯେଉଁଠାରେ ଏହି ପ୍ରବହମାନ ସ୍ରୋତ ଅଟକିଯାଇଛି ସେହିଠାରେ ଆରମ୍ଭ ହୋଇଛି ରକ୍ତପାତ, ସମାଜର ଏକ ବିରାଟ ଅବକ୍ଷୟ । ବାପାମାଆ, ପୁଅଝିଅ ଓ ପରିବାର ଅନ୍ୟ ସମସ୍ତ ଏକବିଶ୍ୱାସର ଅଣୁ ବନ୍ଧନରେ ବିଦ୍ୟମାନ । ଶିକ୍ଷା ସଚେତନତା ସଂସ୍କାର ଏସବୁ ବିଶ୍ୱାସର ଅନ୍ୟନାମ, ଏହି ଅଦୃଶ୍ୟତାରେ ବିରାଟ ମାନ ସମାଜ ପରିଚାଳିତ । ବିଶ୍ୱାସ ଦ୍ୱାରା ପ୍ରସ୍ତର ଓ ମଣିଷ ମଧ୍ୟରେ ସୃଷ୍ଟି ହୋଇଥାଏ ଅନନ୍ୟ ସମ୍ପର୍କ ଯେଉଁ ସମ୍ପର୍କ କେଉଁ ଅନାଦିକାଳରୁ ସନାତନ ବୋଲି ପ୍ରତିପାଦନ କରେ । ଏହାଦ୍ୱାରା ପାରିବାରିକ ସମ୍ପର୍କ ସୃଷ୍ଟି ହୁଏ ଏହାର ସୋହାର୍ଦ୍ଦ୍ୟ ପୂର୍ଣ୍ଣ ସ୍ଥିତି ଉପଯୁକ୍ତ ସମାଜପାଇଁ ପ୍ରେରିତ ହୋଇଥାଏ । ବିଶ୍ୱାସହିଁ ସ୍ନେହଶ୍ରଦ୍ଧାର ଜନକ, ବିଶ୍ୱାସ ଦ୍ୱାରା ସୃଷ୍ଟି କରାଯାଇପାରେ ଏକ ବିରାଟ ଆହ୍ୱାନ, ଯେଉଁ ଆହ୍ୱାନ ଏକ ପରିବର୍ତ୍ତନକୁ ବାଟ କଢାଏ । ଶାସକ ଉପରେ ନାଗରିକ ବିଶ୍ୱାସ ରଖେ, ଶାସକ ତାର ଯନ୍ତ୍ରୀ ତନ୍ତ୍ରୀ ମନ୍ତ୍ରୀ ଏମାନଙ୍କ ଉପରେ ବିଶ୍ୱାସ ରଖିଥାଏ, ଯେଉଁଠି ଗୋଟିଏ ବି କମ୍ ହୋଇଯାଏ ସେତେବେଳେ ଆରମ୍ଭ ହୁଏ ଅଶାନ୍ତି, ଯାହା ବିଦ୍ରୋହର ଜନକ । ମାଆର ମମତା ବିଶ୍ୱାସର ଏକ ସୁଦୃଢ଼ ଉଦାହରଣ । ଯାହାଦ୍ୱାରା ସନ୍ତାନ ତାର ପଦାଙ୍କ ଅନୁସରଣ କରେ । ସେହି ସ୍ଥିତି ହିଁ ପ୍ରଦାନ କରିଥାଏ ଏକ ସୁଦୃଢ଼ ନାଗରିକ ।

ପିଲାବେଳେ ଆମେ ଏକ ଗଳ୍ପ ସମସ୍ତେ ଶୁଣିଛନ୍ତି ଯାହା ଶସେମିରା କଥା, ଗୋଟିଏ ବାଘର ଭୟରେ ଭାଲୁ ଓ ମଣିଷ ଗୋଟିଏ ଗଛ ଉପରେ ଚଢ଼ିଗଲେ । ପ୍ରହର ପ୍ରହର ଅନିଦ୍ରା ରହି ଜଗିବାକୁ କଥା ରହିଲାରୁ ଭାଲୁ ବାଘ କଥାରେ ପ୍ରଭାବିତ ହୋଇନଥିଲା, ମଣିଷର ସୁରକ୍ଷା ଦେଇଥିଲା, ହେଲେ ମଣିଷ ବାଘ କଥାରେ ପ୍ରଭାବିତ ହୋଇ ଭାଲୁ ସହ ବିଶ୍ୱାସଘାତ କରିଥିଲା । ଏହି ଗଳ୍ପରେ ବିଶ୍ୱାସଘାତର କଥା ଆସେ, ଯଦି ବିଶ୍ୱାସକୁ ଗତିଶୀଳ କରାଇପାରିବା ତେବେ ସମ୍ପର୍କ ବହୁଦିନ ରହିପାରିବ । ସବୁଠାରୁ ବଡ଼ ବିଶ୍ୱାସର କଥା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରେକର୍ଡ...

ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ୩୫୦ଟଙ୍କାରୁ ମଜୁରୀ ୪୫୦ଟଙ୍କାକୁ ବୃଦ୍ଧି କରିଛନ୍ତି । ଆହୁରି ବହୁତ କିଛି କରିବାକୁ ବାକି ଅଛି । ଏଥର ସରକାରକୁ ଆସିଲେ ସେ ସବୁ ପୂରଣ କରାଯିବ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ ।

ଏ ଅବସରରେ ରାଜ୍ୟରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସାଙ୍ଗକୁ ଶ୍ରମିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନେଇଥିବା ବିଭିନ୍ନ ପଦକ୍ଷେପର ସମ୍ପର୍କରେ ସୂଚନା ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ । ସେ କହିଥିଲେ ଯେ, ଇଗରଡ଼ ହେଉଛି ଗରୀବ ଲୋକଙ୍କ ବଡ ସ୍ୱପ୍ନ । ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଏଭଳି ଯୋଜନାର ପରିକଳ୍ପନା ଛ ଗ୍ରାମାଞ୍ଚଳରେ ରହୁଥିବା ୯୦ ପ୍ରତିଶତ ଲୋକ ଇଗରଡ଼କାର୍ଡ ପାଇଛନ୍ତି । ଫଳରେ ବସ୍ତିରେ ରହୁଥିବା ଲୋକ ମଧ୍ୟ ବଡ ବଡ ବେସରକାରୀ ହସପିଟାଲରେ ଚିକିତ୍ସା କରିବାକୁ ସାହସ କରିପାରୁଛି । ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରି ଲୋକଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନବୀନ ପଟ୍ଟନାୟକ ।

ଦେଶରେ ଏକମାତ୍ର ରାଜ୍ୟ ହେଉଛି ଓଡିଶା ଯେଉଁଠି ସରକାର କଣ୍ଟ୍ରାକ୍ଟରେ ନେଇ ଆନ୍ତର୍ଜାତିକ ବିମାନ ସେବା ଲୋକଙ୍କୁ ଯୋଗାଇଦେଇଛନ୍ତି । କେବଳ ସେତିକି ନୁହେଁ ଦୁବାଇ ଓ ସାଉଦୀ ଭଳି ବାହାର ଦେଶରେ ଥିବା ଶ୍ରମିକ କିଭଳି କମ ପଇସାରେ ଘରକୁ ଯା ଆସ କରିପାରିବେ ସେଥିପାଇଁ ବିମାନ ଭଡା ମଧ୍ୟ କମ ରଖାଯାଇଛି । ଭଡା କମ ଯୋଗୁଁ ଆଜି ଶ୍ରମିକଟି ୫ ବର୍ଷରେ ଥରେ ଘରକୁ ଆସିବା ବଦଳରେ ବର୍ଷକୁ ଥରେ ଘରକୁ ଆସିପାରୁଛି । କେବଳ ସେତିକି ନୁହେଁ ଗ୍ରାମାଞ୍ଚଳରୁ ଶ୍ରମିକଙ୍କ ଯାତାୟତ ସୁବିଧା ପାଇଁ ରାଜ୍ୟସରକାର ଲକ୍ଷ୍ମୀ ବସ ଯୋଜନା କରିଛନ୍ତି । ଏବେ ୮୦ପ୍ରତିଶତ ପଞ୍ଚାୟତରେ ଏହି ସୁବିଧା ମିଳୁଛି ।

ଦୁଇବର୍ଷ କୋଭିଡ ସତ୍ତ୍ୱେ ରାଜ୍ୟର ବିକାଶ ଶିଖର ଛୁଇଁଛି । ୨୦୧୯ରୁ ୨୦୨୪ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ରାଜ୍ୟରେ ଏବେ ୧୦ହଜାରରୁ ଅଧିକ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି । ପ୍ରତି ପଞ୍ଚାୟରେ ଥିବା ସ୍କୁଲର ରୂପାନ୍ତରଣ କରାଯାଇଛି । ସ୍କୁଲରୁ ବ୍ଲାକ ବୋର୍ଡ ହଟାଇ ପିଲାଙ୍କୁ ସ୍ମାର୍ଟ ବୋର୍ଡ ଦିଆଯାଇଛି । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ନେଲାବେଳକୁ ମହାନଦୀ ଉପରେ ମାତ୍ର ଗୋଟିଏ ପୋଲ ଥିଲା । ଏବେ ୬ରୁ ୭ଟି ପୋଲ ନିର୍ମାଣ ହେଲାଣି । କୋରାପୁଟ, ମୟୂରଭଂଜ, ଫୁଲବାଣୀ ଭଳି ସ୍ଥାନରେ ମେଡିକାଲ କଲେଜ ସ୍ଥାପନ ହେଲାଣି । କଟକର ରୂପରେଖ ବଦଳିଯାଇଛି । କଟକକୁ ଦେଖିଲେ ସ୍ୱପ୍ନଭଳି ଲାଗୁଛି । ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ଏଭଳି ହୋଇଛି ଯ, ନିଜେ ସମ୍ବଲପୁରବାସୀ ତାକୁ ବିଶ୍ୱାସ କରିପାରୁନାହାନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେମିତି ହୋଇଛି ବୋଲି ପ୍ରଶ୍ନ କରିବା ସହ କେହି କେବେ ଏଭଳି ହୋଇପାରିବ ବୋଲି ଭାବିଥିଲା କି ବୋଲି ପ୍ରଶ୍ନ କରିଥିଲେ ପାଣ୍ଡିଆନ । ତେବେ ଏ ସବୁ ଶ୍ରମିକମାନଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ ।

ବିଜୁ ଶ୍ରମିକ ସାମୁଖ୍ୟର ଏହି ରାଜ୍ୟସ୍ତରୀୟ କନଭେନସନରେ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରିତୀରଂଜନ ଘଡେଇ, ଭୁବନେଶ୍ୱର (ଉତ୍ତର)ବିଧାୟକ ସୁଶାନ୍ତ ରାଉତ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ତଥା କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜୁ ଶ୍ରମିକ ସାମୁଖ୍ୟର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା କନଭେନସନରେ ଯୋଗ ଦେଇଥିଲେ ।

ଘଡଘଡି...

ସୂଚନା ଦିଆଯାଇଛି । ୟେଲୋ ୱାର୍ଣ୍ଣିଂ ଜାରି କରି ଆଗାମୀ ୩ ଘଣ୍ଟା ପର୍ଯ୍ୟନ୍ତ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛିଛ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଏହି ୬ ଜିଲ୍ଲା ଗୁଡ଼ିକ ମଧ୍ୟରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, କଟକ, ଗଞ୍ଜାମ ଏବଂ ନୟାଗଡ଼ ରହିଛି । ଆଗାମୀ ୩ ଘଣ୍ଟା ମଧ୍ୟରେ ଏହିସବୁ ଜିଲ୍ଲା ଗୁଡ଼ିକରେ ବର୍ଷା ସହ ବଜ୍ରପାତ ବିପଦ ଥିବା ପୂର୍ବାନୁମାନ କରାଯାଇଛି ।ତେଣୁ ଏନେଇ ସଭିଏଁ ସତର୍କ ରୁହନ୍ତୁ ବୋଲି ପରାମର୍ଶ ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଏହା ପୂର୍ବରୁ ଗତକାଲି ରାତିରେ ଓ ଆଜି ପୂର୍ବାହ୍ଣରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ସହିତ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇଛି ।

ଦକ୍ଷିଣ...

ବିଷୟରେ ବିସ୍ତୃତ ବିବରଣୀ ଦିଆଯାଇ ନାହିଁଛି ନିରୀହ ଶିଶୁଙ୍କ ପାଇଁ ମାନବିକତା ଦୃଷ୍ଟିରୁ ଗାଜାରେ ଇସ୍ରାଏଲ-ହାମାସ ସଂଘର୍ଷ ବନ୍ଦ କରିବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନାକ ଆହ୍ୱାନ ଦେଇଛନ୍ତ । ଇସ୍ରାଏଲ-ହମାସ ସଂଘର୍ଷର ୬ ମାସ ପୂର୍ତ୍ତି ଅବସରରେ ଗାଜା ପାଇଁ ସାମୁଦ୍ରିକ ସହାୟତା କରିତର ପ୍ରତିଷ୍ଠା ପାଇଁ ବ୍ରିଟେନ ରବିବାର ସାମରିକ ଏବଂ ବେସାମରିକ ସହାୟତାର ଏକ ନୂତନ ପ୍ୟାକେଜ୍ ଘୋଷଣା କରିଛି ।

ଚଡକ...

ପଣ୍ଡା ଜୀଉଙ୍କ ଠାରୁ ଆଜ୍ଞାମାଳ ନେଇ ଶ୍ରେଷ୍ଠଭକ୍ତ, ପାଟଭକ୍ତ ହରିଶ୍ଚନ୍ଦ୍ର ସାହୁ, ଦେଉଳିଆର ଅଜିତ ପାତ୍ରଙ୍କ ସମେତ ଶ୍ରୀବକେଡ଼ି, ବାଦ୍ୟକାରମାନେ କୌଳିକ ରୀତିନୀତି ଅନୁଯାୟୀ ମନ୍ଦିର ପରିକ୍ରମା ପରେ ଜୀଉଙ୍କ ଅର୍ଘ୍ୟପିଣ୍ଡରେ ଅର୍ଘ୍ୟଦାନ କରୁଛନ୍ତି । ସୋମବାରଦିନ ମହାଦେବଙ୍କ ପ୍ରସିଦ୍ଧ କାମିନୀ ଠାକୁରାଣୀଙ୍କ ବିବାହ ନିମନ୍ତେ କନ୍ୟା ସ୍ୱୀକୃତି ପାଇଁ ବିଶେଷ ପୂଜାପାଠର ବ୍ୟବସ୍ଥା ସେବାୟତମାନଙ୍କ ଦ୍ୱାରା ଆୟୋଜନ କରାଯାଇଛି । ଜଗନ୍ନାଥପୁର ଓ ବାଡ଼ ସରିଷା ଠାରେ ଟ୍ରାଫିକ ନିୟନ୍ତ୍ରଣ କରାଯିବା ସହ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ କରାଯାଇଥିବା ଜଳେଶ୍ୱର ଏସ୍‌ଡିପିଓ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି । ଅପର ପକ୍ଷରେ ଟ୍ରଷ୍ଟବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ଗିରି, ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ, ତାଳସାରି ମେରାଇନ ଥାନା ଅଧିକାରୀ ଚମ୍ପାବତୀ ସୋରେନଙ୍କ ସମେତ ବହୁ ଉଚ୍ଚ ପୁଲିସ ଅଧିକାରୀ ଉପସ୍ଥିତ ହୋଇ ପ୍ରସିଦ୍ଧ ମେଳାସ୍ଥଳରେ ସତର୍କ ଦୃଷ୍ଟି ରଖିଛନ୍ତି ।

ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଅସୁରାଳି (ସବ୍ୟୁ):ଭଦ୍ରକ ବ୍ଲକ ଅନ୍ତର୍ଗତ ଆନନ୍ଦ ବଜାର ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଶିକ୍ଷାନୁଷ୍ଠାନର ଶିକ୍ଷକ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ନୂତନ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପାରମ୍ପରିକ ଭାବେ ସ୍ୱାଗତ ଜଣାଇଥିଲେ। ସିଆରସିସି ସେକ୍ ମହମ୍ମଦ ଶଇଫୁଦ୍ଦିନ,ସମାଜସେବୀ କେଶବ ଚନ୍ଦ୍ର ଦାଶ,ମହେଶ୍ୱର ସାହୁ,ବଳରାମ ସାହୁ,ସତ୍ୟ ସୁନ୍ଦର ସ୍ୱାଇଁ,ପ୍ରଣବ ଲେଙ୍କା,କିରଣ କୁମାର ସାହୁ,ମନୋଜ କୁମାର ସାଏନ୍ତ,ରାମଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ମହିଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ସେମିନାର

ଭଦ୍ରକ, (ସବ୍ୟୁ) : ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ସେମିନାର ଆୟୋଜନ କରାଯାଇଥିଲା। 'ଦ ଇମ୍ପୋଟାନ୍ସ ଅଫ୍ ବାୟୋଡାଇଭର୍ସିଟି ଇନ୍ ଇକୋସିଷ୍ଟମ୍' ଶୀର୍ଷକ ଏହି ସେମିନାରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁପ୍ରୀତି କର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ବିଷୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ତଥା ବକ୍ତା ଭାବେ ସିମୁଳିଆ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ତଥା ଉଦ୍ଭିଦ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ମାଷ୍ଟର ଆପୋଲୋ ଯୋଗ ଦେଇ ବିଷୟ ସମ୍ପର୍କରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ନିଜର ସ୍ୱତନ୍ତ୍ର ଓ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ।। ଯୁକ୍ତ ୩ ତୃତୀୟ ବର୍ଷ ସମ୍ମାନ ଛାତ୍ରୀ ଭାସ୍ୱତୀ ଶ୍ରେୟା ଦାସ ଏହାକୁ ସଂଚାଳନା କରିଥିଲେ। ପ୍ରାୟ ୮୦ରରୁ ଅଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

ହମ୍ପସ ନେଲା ଅଙ୍ଗନୱାଡି କର୍ମୀଙ୍କ ଜୀବନ

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡା ଗ୍ରାମ ଦୁଇ ନମ୍ବର ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଭାଗ୍ୟବତୀ ନାଏକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଶନିବାର ଦିନ ୧୧ ଘଣ୍ଟା ସମୟରେ ନିଜ କାକାଙ୍କ ଦଶାହ କାର୍ଯ୍ୟରେ ଯୋଗଦାନ କରିବାକୁ ସିଙ୍ଗାର ଯାଉଥିଲେ। ଯିବା ବାଟ ପେଣ୍ଡେନ – ସିଙ୍ଗାର ରାସ୍ତା ଉପରେ ଉଚ୍ଚ ହମ୍ପସ ଦେଖି ଗାଡ଼ି ହଠାତ ବ୍ରେକ ଦେବା ପରେ ପଛରେ ବସିଥିବା ଅଙ୍ଗନୱାଡି କର୍ମୀ ଭାଗ୍ୟବତୀ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ଚିକିତ୍ସା ପାଇଁ ଭବାନିପାଟଣା ହସପିଟାଲ ନେଇଥିଲେ । ପରେ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରିଥଲେ । ବୁର୍ଲା ନେବା ବାଟରେ ଉକ୍ତ ଭାଗ୍ୟବତୀଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତୁ ଶରୀରକୁ ନିଜ ଗାଁ ମଶାଣିରେ ଶବ ସତ୍କାର କରିଥିବା ବେଳେ ତାଙ୍କ ବଡପୁଅ ମୁଖାଗ୍ନି ଦେଇଥିଲେ । ଏହି ଦୁର୍ଘଟଣା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ଖବର ପାଇ ସିନାପାଲି ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ଶୋକ ପ୍ରକାଶ ପାଇଛି ।

ପୁରୁଣାପଡାରେ କାମନା ଦଣ୍ଡ

ଭବାନୀପାଟଣା,(ସବ୍ୟୁ): କାମନା ଦଣ୍ଡ ଯାତ୍ରା ଉତ୍ସାହର ସହ ଗତ ୫ ଦିନ ବ୍ୟାପୀ ପୁରୁଣାପଡାରେ ପାଳିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାରୁ ଦୀର୍ଘ ବର୍ଷ ହେବ କଳାହାଣ୍ଡି ଜିଲ୍ଲାର କେତେକ ଅଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ବିଶେଷ ଏବେ ବି ଗଞ୍ଜାମ ଜିଲ୍ଲାର ରୀତିନୀତିକୁ ପାରମ୍ପରିକ ଭାବେ ପାଳନ କରି ଆସୁଛନ୍ତି। ଏହାର ଏକ ନିଛକ ଉଦାହରଣ ମଦନ ରାମପୁର ଅଞ୍ଚଳରେ ବିଷୁବ ସଂକ୍ରାନ୍ତିର ୧୩ ଦିନ ପୂର୍ବରୁ କାମନା ଦଣ୍ଡ ଯାତ୍ରା ଅନୁଷ୍ଠିତ ହୁଏ। ୧୩ ଭୋଲ୍ଲାଙ୍କ ୧୩ ଦିନ ଯାକ ମାନସିକଧାରୀଙ୍କ ଦୁଆର ସମ୍ମୁଖରେ ଧୂଳି ଦଣ୍ଡ, ପରେ ଜଳାଶୟରେ ପାଣି ଦଣ୍ଡ ଓ ସନ୍ଧ୍ୟାରେ ଅଗ୍ନୀ ଦଣ୍ଡ ସହ ଦାତାଙ୍କ ଘର ସମ୍ମୁଖରେ ଶିବ ଶିବାଙ୍କୁ ସ୍ଥାପନ କରି ସାରା ରାତ୍ର ଦଣ୍ଡ ନାଟ ପରିବେଷଣ କରାଯାଏ। ଏହି କ୍ରମରେ ମଦନ ରାମପୁର ତଳସାଗର ପଡାର ଦଣ୍ଡ ନୃତ୍ୟ ଦଳ ଦୀର୍ଘ ୬୦ କିମି ଖାଲି ପାଦରେ ଯାତ୍ରା କରି ଗତ ୨ ତାରିଖରେ ଭବାନୀପାଟଣା ସହରର ପୁରୁଣା ପଡାରେ ପହଞ୍ଚି ଥିଲେ । ଦୀର୍ଘ ୫ଦିନ ହେବ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା। ଦଣ୍ଡ ନୃତ୍ୟର ଗୁରୁ ପଦ୍ମ ଲୋଚନ ମହାଖୁଡଙ୍କ ନେତୃତ୍ୱରେ ଏହି ଦଣ୍ଡ ନୃତ୍ୟ ପରିବେଷିତ ହୋଇଥିଲା। ସ୍କୁଲ ଛକ ଠାରେ ଅନୁଷ୍ଠିତ କର୍ମରେ ଅଶ୍ୱିନୀ ପ୍ରଧାନ କର୍ତ୍ତା ଭାବେ ଥିବାବେଳେ କମ୍ବୁପାଣି ପରିଛା, ଭଗବାନ ବିଶୋଇ, ଗଜେନ୍ଦ୍ର ଡାଙ୍ଗୁଆ, ଇନ୍ଦ୍ରମଣି ଡାଙ୍ଗୁଆ, ସୀତାକାନ୍ତ ପ୍ରଧାନ, ଜୟରାମ ପ୍ରଧାନ, ଜୟ ଚନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

ଟାଟା ଷ୍ଟିଲ୍ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

କେନ୍ଦୁଝର/ଯୋଡ଼ା, (ସ୍ୱପ୍ନ/ ସବ୍ୟୁ) : ଟାଟା ଷ୍ଟିଲ୍ ପକ୍ଷରୁ ଯୋଡା ଠାରେ ରବିବାର ଦିନ ବିଶ୍ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ହସ୍ପିଟାଲ ଦ୍ୱାରା ଯୋଡା ଇଷ୍ଟ, ଖଣ୍ଡବନ୍ଧ, ବିଚାକୁଣ୍ଡି, ରେସିଡେନସିଆଲ୍ ବାଳକ/ ବାଳିକା ବିଦ୍ୟାଳୟ ଏବଂ ଲେବର କଲୋନୀ ଠାରେ ସଚେତନତା କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା । କମ୍ପାନୀ ଅଧିକାରୀ ମାନଙ୍କ ବ୍ୟତୀତ ପ୍ରାୟ ୨୦୦ ରୁ ଅଧିକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ଏହି ଅବସରରେ ସକାଳେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ।ଏଥିସହିତ ଲୋକମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଦୈନନ୍ଦିନ ଜୀବନରେ କିପରି ରୋଗଠାରୁ ଦୁରେଇ ରହି ହେବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ହସ୍ପିଟାଲ ପକ୍ଷରୁ ଚିଫ ମେଡିକାଲ ଅଫିସର ଡକ୍ଟର ସୁଚିସ୍ମିତା ଦାସ, ଡକ୍ଟର ଦେବାଶିଷ ଶତପଥୀ, ଡକ୍ଟର ରାଜା ସରିଫ, ଡକ୍ଟର ଫଜଲୁର ଖାନ, ଡକ୍ଟର ରାହୁଲ ରମମ ସିଂହ ଏବଂ ଡକ୍ଟର ରାକେଶ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମ ଗୁଡିକୁ ପରିଚାଳନା କରିଥିଲେ ।

ପାରିବାରିକ ସମସ୍ୟାର ସମାଧାନ କଲା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ

ଭଦ୍ରକ,(ସବ୍ୟୁ):ପାରିବାରିକ ଜୀବନରେ ସାମାନ୍ୟ ମନୋମାଳିନ୍ୟ ବେଳେ ବେଳେ ଏତେ ଆଗକୁ ଚାଲିଯାଇଥାଏଯେ ଶେଷରେ ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଯାଏ। କିନ୍ତୁ ସେହି ମନୋମାଳିନ୍ୟକୁ ଯଦି କୌଣସି ପ୍ରକାରେ ସହଜରେ ସମାଧାନ କରିହୁଏ, ତେବେ ଦାମ୍ପତ୍ୟ ଜୀବନ ପୁନଃ ସୁଖମୟ ହୋଇଥାଏ। ଏମିତି ଏକ ଉଦାହରଣ ହେଉଛି ନଳାଙ୍ଗ ଠାରେ ଜିଲ୍ଲା କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର ସମ୍ମୁଖ ଭାଗ କାର୍ଯ୍ୟାଳୟ। ଯେଉଁଠାରେ ମାର୍ଚ୍ଚମାସ ତା. ୧୩.୦୩.୨୦୨୪ ରିଖରେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ଚରମ୍ପା (ଗୁଣ୍ଡୁଣିଆ ବଜାର) ଗ୍ରାମର ଗୌରୀ ନାୟକ ତାଙ୍କ ପୁଅ ଏବଂ ବୋହୂ ବିରୋଧରେ ଏକ ଅଭିଯୋଗ ଆଣିଥିଲେ। ପୁଅ ଏବଂ ବୋହୂ ତାଙ୍କ କଥା ମାନୁନାହାନ୍ତି ଏବଂ ତାଙ୍କ ସହ ଦୁର୍ବ୍ୟବହାର କରୁଛନ୍ତି। ଗୌରୀ ନାୟକଙ୍କ ଦରଖାସ୍ତକୁ ଆଧାର କରି ଆଇନ୍ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟର ସମ୍ମୁଖ ଭାଗ ରିଟେନର ଶ୍ରୀ ଗିରିଜାଶଙ୍କର ଦାସ ଗୌରୀ ନାୟକ ତଥା ତାଙ୍କ ପୁଅ ଏବଂ ବୋହୂଙ୍କୁ ସମ୍ମୁଖଭାଗ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସମସ୍ୟାର ସମାଧାନ ନିମିତ୍ତ ନୋଟିସ୍ କରାଯାଇଥିଲା। ଉଭୟ ପକ୍ଷକୁ ୨ଟି ତାରିଖରେ ବୃହତ ବୁଝାଶୁଝା ପରେ ତା. ୦୪.୦୪.୨୦୨୪ ରିଖରେ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଉପସ୍ଥିତିରେ ଆପୋଷ ସମାଧାନ କରାଯାଇଥିଲା। ଏଣିକି ଗୌରୀ ନାୟକ ନିଜ ପୁଅ ଏବଂ ବୋହୂ ସାଥିରେ ଭଲରେ ଏବଂ ଖୁସିରେ ଜୀବନ ବିତାଇବାକୁ ପରାମର୍ଶ ଦିଆଯାଇଥିଲା। ଆପୋଷ ସମାଧାନ ଜରିଆରେ ଥାନା କିମ୍ବା କୋର୍ଟକୁ ନ ଯାଇ ମାମଲାର ତ୍ୱରିତ ଫଇସଲା କରିବାରେ ସମ୍ମୁଖଭାଗ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଏହା ଅନ୍ୟତମ ସଫଳତା ବୋଲି କୁହାଯାଇଛି ।

ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ଉପକଣ୍ଠ ଗେଲପୁର ଠାରେ ଥିବା ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗରୁବାର ଦିନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜୟନ୍ତ କୁମାର ସେନାପତି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଇଂ.ଯୁଗଳ କିଶୋର ଅଗ୍ରୱାଲା,ସମ୍ମାନୀତ ଅତିଥି ଭାବେ ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ସହ-ଅଧିକାରୀ ସୁଭାଷ ଚନ୍ଦ୍ର ନାୟକ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଡାକ୍ତର ଶରତ କୁମାର ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟର ଭବିଷ୍ୟତ ଉପରେ ଅତିଥିମାନଙ୍କୁ ଅବଗତ କରିଥିଲେ। ତତ୍‌ପରେ ବିଦ୍ୟାଳୟ ସହିତ ଜଡ଼ିତ ଥିବା ଭଦ୍ରକର ମାନ୍ୟଗଣ୍ୟ ବ୍ୟକ୍ତି ଯଥା – ରୋଟାରିଆନ୍ ସୀତାକାନ୍ତ ଦାସ,ଶିଳ୍ପପତି ଶେଖର ମହାପାତ୍ର,ଅବସରପ୍ରାପ୍ତ ପ୍ରଫେସର କମଳାକାନ୍ତ ସ୍ୱାଇଁ,ଭାସ୍କର ଚନ୍ଦ୍ର ମଲ୍ଲିକ ପ୍ରମୁଖଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନୀତ କରାଯାଇଥିଲା। ଉକ୍ତ ଅବସରରେ ବିଦ୍ୟାଳୟକୁ ଗଢ଼ି ଉଠାଇଥିବା ମୁଖ୍ୟ ଅତିଥି ଇଂ.ଯୁଗଳ କିଶୋର ଅଗ୍ରୱାଲାଙ୍

ଭୁବନେଶ୍ୱରରେ ରବିବାର ସନ୍ଧ୍ୟାରେ କାଳବୈଶାଖୀର ଦୃଶ୍ୟ

ବିଜେଡ଼ିରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା

ଭୁବନେଶ୍ୱର (ସବ୍ୟୁଜ): ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଓ ପିସିସି ଉପସଭାପତି ଗଣେଶ୍ୱର ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ରବିବାର ଶଙ୍କଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ଜେନା, ଡକ୍ଟର ପାତ୍ର ଓ ଶ୍ରୀ ବେହେରା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଜେନା, ଡକ୍ଟର ପାତ୍ର ଓ ଶ୍ରୀ ବେହେରା କହିଥିଲେ।

ବିଜେଡ଼ିରେ ସାମିଲ୍ ହୋଇଥିବା ଗଣେଶ୍ୱର ବେହେରା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ସମସ୍ତଙ୍କ ପାଇଁ ନିରବଚ୍ଛିନ୍ନ ଯୋଜନା କରିଚାଲିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶା ଓ କେନ୍ଦ୍ରାପଡ଼ାର ବିକାଶ ପାଇଁ କାମକରିବି । ପ୍ରତିଭାଧାରୀଙ୍କୁ ସବୁବେଳେ ଗ୍ରହଣ କରିଥାନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ଟାଉନ କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ଜିଲ୍ଲାଛାତ୍ର କଂଗ୍ରେସ ସଭାପତି ପରଫେଜ ଅଖତାର, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜିନତ ପ୍ରିୟଦର୍ଶିନୀ ରାଉତ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ପୂର୍ବତନ ସରପଞ୍ଚ ପ୍ରଭାତ କୁମର ଉଠାଣସିଂହ, ଜୋନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଜେନା, ଜିଲ୍ଲାକଂଗ୍ରେସ ଉପସଭାପତି ସମରେନ୍ଦ୍ର ପୃଷ୍ଟି, ହିମାଂଶୁ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଆଶୀଷ ମେକାପ, ମୀରମୁଶୀର, ଅଭିଶେକ ବିଶ୍ୱାଳ, କଂଗ୍ରେସ ଜୋନ ସଭାପତି ପୀତବାସ ବେହେରା, ଜ୍ୟୋତି ରଂଜନ ପ୍ରଧାନ, ଅଜୟ ପ୍ରଧାନ, ଜିଲ୍ଲା ଓବିସି କଂଗ୍ରେସ ସଭାପତି ଲକ୍ଷ୍ମୀଧର ପଲାଇ, ସରପଞ୍ଚ ସୁଭାନିସାହୁ ଚିତ୍ତରଂଜନ ଜେନା, ଅନନ୍ତ କୁମାର ମଲ୍ଲିକ, ସମିତିସଭ୍ୟ ଚନ୍ଦ୍ରମଣୀ ବେହେରା, ଶିବା ଶେଖର ସାହାନୀ, କଂଗ୍ରେସ ନେତା ସନ୍ତୋଷ ପାଣିଗ୍ରାହୀ, ମହମ୍ମଦ ଅମୀର, କଳାକାର ମଲ୍ଲିକ, ବସନ୍ତରାଉତ, ରୁଦ୍ରନାରାୟଣ ଦାସ, ଧନେଶ୍ୱର ପ୍ରଧାନ, ବୈକୁଣ୍ଠ ନାଥ ସେନାପତି, ଏକାଦଶୀ ମଲ୍ଲିକ, ଗଦାଧର ମଲ୍ଲିକ, ଦୀପକ କୁମାର ମଲ୍ଲିକ, ହୃଦାନନ୍ଦ ନାୟକ, ଆନନ୍ଦ ପ୍ରସାଦ ଦାସ, ବାବାଜୀ ମଲ୍ଲିକ ଓ ବସନ୍ତ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ମହାନଗର ନିଗମ ସମ୍ମିଳନୀ କକ୍ଷ ଠାରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଳା ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ପୋଷ୍ଟାଲ ବେଲଟ୍, ଭୋଟ ଗ୍ରହଣ କେନ୍ଦ୍ରର ବିଭିନ୍ନ ସୁବିଧା, ମତଦାନ ସୁବିଧା କେନ୍ଦ୍ର, ଇଭିଏମ୍ ପରିଚାଳନା, ଭୋଟ କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା, ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ, ପୋଲିଂ ଟିମ୍ ମଧ୍ୟରେ ସମନ୍ୱୟ, ନିର୍ବାଚନ ଖର୍ଚ୍ଚ ତଦାରଖ ଆଦି ବିଷୟରେ ଆଲୋଚନା ହୋଇଥିଲା । ନିର୍ବାଚନ ସମୟରେ କୌଣସି ପରିଚାଳନାଗତ ତ୍ରୁଟିର ପ୍ରତିକାର, ମିଥ୍ୟା ଖବରର ଯାଞ୍ଚ, ନାଗରିକମାନଙ୍କ ସହ ସୁସମ୍ପର୍କ ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ମୁକେଶ କୁମାର ଭାମୁ, ମହାନଗର ନିଗମ କମିଶନର ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ସୁଚାରୁ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

ରେଙ୍ଗାଲି ବିଧାନସଭା : ଫାଇଟ୍ ବରାବର୍

ନାଉରୀ ଗଡରେ ସୁଦର୍ଶନ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି । ସେଥିମଧ୍ୟରୁ ରେଙ୍ଗାଲି ଅନୁସୂଚିତ ଜାତି ବର୍ଗ ପାଇଁ ଏକମାତ୍ର ସଂରକ୍ଷିତ ଆସନ । ଏହା ଅଧିନରେ ଅନେକ ଶିଳ୍ପାନୁଷ୍ଠାନ ରହିଛି। ଶିଳ୍ପ ବହୁଳ ଏହି ଅଞ୍ଚଳ ଭୌଗଳିକ ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ। ଏହାପରେ ୨୦୧୪ରେ ବିଜେଡିର ରମେଶ ପଟୁଆ ଓ ୨୦୧୯ରେ ବିଜେପିର ନାଉରୀ ନାୟକ ବିଜୟ ଲାଭ କରିଥିଲେ । ଏହି ବିଧାନସଭା ଆସନଟି ଶିଳ୍ପବହୁଳ ଅଞ୍ଚଳ ହୋଇଥିବା ବେଳେ ୩ପ୍ରମୁଖ ଦଳଙ୍କ ବିଶେଷ ନଜର ରହିଛି । ତିନୋଟି ନିର୍ବାଚନରେ କଂଗ୍ରେସ, ବିଜେଡ଼ି ଓ ବିଜେପି ପ୍ରାର୍ଥୀ ଥରେ ଲେଖାଏଁ ବିଜୟୀ ହୋଇଛନ୍ତି। ଏଥିରୁ ସ୍ପଷ୍ଟ ଯେ, ରେଙ୍ଗାଲିର ଭୋଟର ମାନେ ନୂଆଁ ମୁହଁକୁ ବିଧାନସଭାକୁ ନିର୍ବାଚିତ କରିଛନ୍ତି।



ଚଳିତ ସାଧାରଣ ନିର୍ବାଚନରେ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ବିଧାୟକ ନାଉରୀ ନାୟକଙ୍କୁ ପୁଣି ଥରେ ପ୍ରାର୍ଥୀ କରାଯାଇଛି । ୨୦୧୯ ନିର୍ବାଚନରେ ୧ଲକ୍ଷ୫୫ହଜାର୭୪୯ ଜଣ ଭୋଟର ମତଦାନ କରିଥିଲେ । ସେଥିମଧ୍ୟରୁ ବିଜେପି ପ୍ରାର୍ଥୀ ନାଉରୀ ନାୟକ ୭୪ହଜାର୭୭ଖଣ୍ଡ ଭୋଟ, ବିଜେଡିର ରୀନା ତନ୍ତୀ ୬୭ହଜାର୩୩୪ ଭୋଟ ପାଇଥିଲେ। ସେହିପରି କଂଗ୍ରେସର ବାଳକୃଷ୍ଣ ରୋହିଦାସ ୯ହଜାର୭୯୯ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ବିଧାୟକ ନାଉରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ି ପ୍ରାର୍ଥୀନୀ ରୀନାଙ୍କ ଠାରୁ ୬୭୪୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। କଳାମାଟି, ବସନ୍ତପୁର ଓ କର୍ଡୋଲା ଆଦି ପଞ୍ଚାୟତର ବିପୁଳ ଭୋଟ ବିଧାୟକ ନାଉରୀଙ୍କୁ ବିଜୟ କରିଥିଲା । ଏହା ତାଙ୍କର ଗଡ ଥିବାବେଳେ ଚଳିତ ନିର୍ବାଚନରେ ବିଜେଡି ତାଙ୍କ ଗଡ ଭାଙ୍ଗିବା ପାଇଁ ରଣନୀତି ପ୍ରସ୍ତୁତ କରିଛି । ଧନକଉଡା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ସୁଦର୍ଶନ ହରିପାଲଙ୍କୁ ବିଜେଡ଼ି ପ୍ରାର୍ଥୀ କରିଛି । ରେଙ୍ଗାଲିରେ ବିଜେଡ଼ି ପକ୍ଷରୁ ବିଧାୟକ ପ୍ରାର୍ଥୀ ପାଇଁ ଅନେକ ଆଶାୟୀ ଥିଲେ। ଦଳର ନେତୃବୃନ୍ଦ ବହୁ ଆଲୋଚନା ପରେ ସୁଦର୍ଶନଙ୍କୁ ପ୍ରାର୍ଥୀ କରିଛନ୍ତି।

ବିଧାୟକ ନାଉରୀ ନାୟକଙ୍କ ବିରୋଧରେ ଶାସକ ଦଳ ଏହି ଅପ୍ରତ୍ୟାଶିତ ପ୍ରାର୍ଥୀ ଚୟନ କରିବା ପରେ ରେଙ୍ଗାଲିର ରାଜନୈତିକ ସ୍ଥିତି ରୋଚକ ମୋଡ଼ରେ ପହଞ୍ଚିଛି। ନାଉରୀଙ୍କ ଗଡରେ ସୁଦର୍ଶନ ପ୍ରାର୍ଥୀ ହେବା ପରେ ସମସ୍ତ ନଜର ଏହି ନିର୍ବାଚନ ମଣ୍ଡଳୀ ଉପରେ ରହିଛି । ଧନକଉଡା ଜୋନ୍-୨ ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ କଣ୍ଟାପାଲି, ବୈଜାମୁଣ୍ଡା, ଚାଉଁରପୁର ଓ ସେନାପାଲି ଏବଂ କଳାମାଟି, ବସନ୍ତପୁର, କର୍ଡୋଲା ଓ କୁଦ୍ ଗୁଣ୍ଡେରପୁର ପଞ୍ଚାୟତକୁ ନେଇ ଗଠିତ । ତେବେ ଏହି ଅଞ୍ଚଳରୁ ବିଜେଡି ପ୍ରାର୍ଥୀ ଚୟନ କରିବା ପରେ ବିଜେପି ପାଇଁ ଚିନ୍ତାର କାରଣ ପାଲଟିଛି । ଅନ୍ୟପଟେ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ । ଅନ୍ୟପଟେ ସମ୍ବଲପୁର ଲୋକସଭା ପାଇଁ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡ଼ି ପକ୍ଷରୁ ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରାର୍ଥୀ କରାଯାଇଛି। ବିଧାନସଭା ପ୍ରାର୍ଥୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାକୁ ଦୃଷ୍ଟିରେ ରଖି ଉଭୟ ବିଜେପି ଓ ବିଜେଡ଼ି ବହୁ ବିଚାର ଆଲୋଚନା ପରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ କରୁଥିବା ଜଣାପଡ଼ିଛି। ତେବେ ବିରୋଧି ଦଳ ନେତା ଜୟନାରାୟଣ ମିଶ୍ର , ବିଜେଡ଼ି ବିଧାୟକ ସୁଶାନ୍ତ ସିଂ ଓ ରୋହିତ ପୂଜାରୀ, ଯୁବ ନେତା ବିଶାଲ ଦାସ ନିର୍ବାଚନ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଅନୁମାନ କରାଯାଉଛି।

ଭୁବନେଶ୍ୱର ରନ୍‌ୱେ ୱିକ୍

ଆକର୍ଷଣୀୟ ଡ଼ିଜାଇନ୍‌ର ପୋଷାକ ପରିବେଷଣ କଲେ ବଛା ବଛା ଡ଼ିଜାଇନର୍

ଭୁବନେଶ୍ୱର (ସବ୍ୟୁ): ନୂତନ ଡ଼ିଜାଇନ୍‌ର ପୋଷାକ ପରିଧାନ କରିବା ସହ ଆକର୍ଷଣୀୟ ଦେଖାଯିବା ପାଇଁ ସମସ୍ତେ ଚାହାଁନ୍ତି । ସବୁବର୍ଗର ପିଢୀଙ୍କୁ ନଜରରେ ରଖି ଆଡ଼ିକ୍ସନ୍ ଫ୍ୟାସନ୍ ମ୍ୟାନେଜମେଣ୍ଟ ପକ୍ଷରୁ ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ଦଶମ ସଂସ୍କରଣ ସ୍ଥାନୀୟ ଏକ ତାରକା ହୋଟେଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦେଶର ନାମିଦାମୀ ବଛା ବଛା ଡ଼ିଜାଇନର୍ ନିଜର ଆକର୍ଷଣୀୟ ଡ଼ିଜାଇନ୍ ସବୁ ପରିବେଷଣ କରିଥିଲେ। ଚଳିତ ବର୍ଷ ସୋ ର ମୁଖ୍ୟ ଆକର୍ଷଣ ଥିଲେ ଫେମିନା ମିସ୍ ଇଣ୍ଡିଆ ୨୦୨୩ ନନ୍ଦିନୀ ଗୁପ୍ତା ଯେକି ଅତୁଲ୍ୟ କାରିଗରୀ ର ସୋ ଷ୍ଟପର୍ ଥିଲେ । ଏହି ଫ୍ୟାସନ୍ ସୋ ରେ ସାକ୍ଷୀ ହ୍ୟାଣ୍ଡଲୁମ୍‌ର ପ୍ରଦୀପ ସାହାରୀ ସମ୍ବଲପୁରୀ ଇକଟା ଡ଼ିଜାଇନ୍ ପ୍ରଦର୍ଶିତ କରିଥିବା ବେଳେ ଡ଼ିଜାଇନ୍ ଡ଼ାପର ଡ଼େଲ୍ଲି ଡ଼ିଜାଇନ୍‌ର ଦେବାଙ୍ଗିନୀ ବେହେରାଙ୍କ ଦ୍ୱାରା ପ୍ରଦର୍ଶିତ ଡ଼ିଜାଇନ୍‌ରେ ଛୋଟ ପିଲାମାନଙ୍କର ମାଧ୍ୟମରେ ଲେସ୍, କୋକେଟ୍, ମୋତି, ରତ୍ନ ପଥର ଏବଂ ଆହୁରି ଅନେକ ଡ଼େଣ୍ଟି ବିଟ୍ ବହନ କରୁଥିବା ଚମତ୍କାର ସଂଗ୍ରହ ପ୍ରଦର୍ଶିତ କରାଯାଇଥିଲା । ଲେବେଲ୍ ଲୋପାମୁଦ୍ରାଙ୍କ ଦ୍ୱାରା ପ୍ରଦର୍ଶିତ ଡ଼ିଜାଇନ୍ ଫେବ୍ରିକ୍ ଉପରେ ଆଧାରିତ ଥିଲା। ସରିନାଙ୍କ ଦ୍ୱାରା ଦୁ ଆଜ୍ କ୍ରିଏସନ୍ କକ୍‌ଟେଲ୍

କଲେକ୍ସନ ପ୍ରଦର୍ଶିତ କରାଯାଇଥିବା ବେଳେ ଲୋପାମୁଦ୍ରା ଭଙ୍କ ଦ୍ୱାରା ଲେବେଲ୍ ବାହାର ଡ଼ିଜାଇନ୍, ଦେବସ୍ମିତାଙ୍କ ଦ୍ୱାରା ସୋଲ୍ ବାଏ ଇଣ୍ଡିଆନ୍, ସାମ୍ ଓ ସହେଲିସ୍ ଡ଼ାଜାଇନ୍‌ରେ ହ୍ୟାଣ୍ଡିକ୍ରାଫ୍ଟ ଫ୍ରେଣ୍ଡସ୍ କଲ୍‌ର୍ ଏବଂ ଫ୍ୟୁଜନ୍ ୱେୟାର ଷ୍ଟାଇଲ୍‌ର ଝଲକ ଦେଖିବାକୁ ମିଳିଥିଲା । ସେହିପରି ଆଇଏନ୍‌ଆଇଏଫ୍‌ଡ଼ିର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ମହିଳା ଏବଂ ପୁରୁଷ ପ୍ରିଟ୍‌ର ମିଶ୍ରିତ ବ୍ୟାଗ୍ ସଂଗ୍ରହ ପ୍ରଦର୍ଶିତ କରାଯାଇଥିଲା । ଡ଼ିଜାଇନ୍‌ର୍ ଅମ୍ରିତା ସାବତ୍‌ଙ୍କ ଦ୍ୱାରା ପ୍ରଦର୍ଶିତ ଡ଼ିଜାଇନ୍ ଉତ୍କଳ ଅମ୍ରିତାରେ ଓଡ଼ିଶା ହ୍ୟାଣ୍ଡଲୁମ୍‌ର ଝଲକ ଓ ଅର୍ଣ୍ଣପୂର୍ଣ୍ଣା ଫାଇନାନ୍ସ ପ୍ରାଇଭେଟ୍ ଲିମିଡ଼େଟ୍ ସହଯୋଗରେ ହୋଇଥିବା ଅତୁଲ୍ୟ କାରିଗରୀ ଇଣ୍ଡିଆ ପ୍ରସ୍ତୁତ ଡ଼ିଜାଇନ୍ ପ୍ରଦର୍ଶିତ କରାଯାଇଥିଲା । ଏଲ୍ଲିଜେ କଲେକ୍ସନ ଦ୍ୱାରା ପ୍ରସ୍ତୁତ ଫ୍ୟାସନେବଲ ଜୁଏଲରୀ ମଡ଼େଲ୍‌ଙ୍କ ସୁନ୍ଦରତାକୁ ଅଧିକ ଆକର୍ଷଣୀୟ କରିବା ସହ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ଏହି ସୋ ରେ ବହୁ ମାନ୍ୟଗଣ୍ୟ ଅତିଥିଙ୍କ ସହ ଆଡ଼ିକ୍ସନ୍ ଫ୍ୟାସନ୍ ମ୍ୟାନେଜ୍‌ମେଣ୍ଟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଷ୍ଟାର ହେଲଥ ଇନସ୍ୟୁରାନ୍ସ ସହିତ ଫୋନପେର ସହଭାଗୀତା

ଭୁବନେଶ୍ୱର (ସବ୍ୟୁ) : ଗ୍ରାହକଙ୍କୁ ମାସିକ ଏବଂ ବାର୍ଷିକ ପେମେଂଟ ବିକଳ୍ପ ସହିତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବା ପାଇଁ ଫୋନପେ ପକ୍ଷରୁ ଭାରତର ସର୍ବବୃହତ ଖୁଚୁରା ସ୍ୱାସ୍ଥ୍ୟ ବୀମା କମ୍ପାନୀ, ଷ୍ଟାର୍ ହେଲଥ ଆଣ୍ଡ ଆଲାଏଡ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଷ୍ଟାର୍ ହେଲଥ ଇନସ୍ୟୁରାନ୍ସ) ସହ ସହଭାଗିତା ଘୋଷଣା କରାଯାଇଛି। ଏହି ସହଭାଗିତା ଦ୍ୱାରା ଫୋନପେ ଉପଭୋକ୍ତାମାନେ ଏବେ ଫୋନପେ ଆପରେ 'ଷ୍ଟାର୍ କମ୍ପ୍ରେହେନ୍ସିଭ୍ ଇନସ୍ୟୁରାନ୍ସ ପଲିସି'ର ଲାଭ ଉଠାଇପାରିବେ, ଯାହାର କଭରେଜ୍ ୧ କୋଟି ଟଙ୍କା ପର୍ଯ୍ୟ' ରହିବ। ପୂର୍ବରୁ ଏହାର ମୋଟର ବୀମା ପ୍ରଡକ୍ଟ ସହିତ ବଜାରକୁ ବ୍ୟାହତ କରିଥିବା ଫୋନପେ ଏହି ଶୁଭାରମ୍ଭ ସହିତ ସ୍ୱାସ୍ଥ୍ୟ ବୀମା ବର୍ଗରେ ଏହାର ଉପଭୋକ୍ତାମାନଙ୍କ ପାଇଁ ଉପଲବ୍ଧ ବିକଳ୍ପଗୁଡ଼ିକୁ ଆହୁରି ବିସ୍ତାର କରିଛି। ଉପଭୋକ୍ତାମାନେ ୟୁପିଆଇ ଅଟୋପେ ମାଣ୍ଡେଟ୍ ସହିତ ସେମାନଙ୍କର ପ୍ରିମିୟମ୍ ପେଠ କରିବାକୁ ଚୟନ କରିପାରିବେ ଏବଂ ଅତିରିକ୍ତ ସୁବିଧା ଉପଭୋଗ କରିପାରିବେ।

ବଡଚଣା ପୋଲିସ ହାତରେ ୩ ଆନ୍ତଃଜିଲ୍ଲା ଲୁଟେରା

ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୂପା ଅଳଙ୍କାର ଜବତ

ଚଣ୍ଡିଖୋଲ (ସବ୍ୟୁ): ଯାଜପୁର ଜିଲ୍ଲା ସମେତ ପଡୋଶୀ ଜିଲ୍ଲା ଗୁଡିକରେ ଲୁଟପାଟ ଓ ଚୋରି ଡକାୟତି କାଣ୍ଡ ଘଟାଇ ପୋଲିସ ପାଇଁ ମୋଷ୍ଟ ଉଆଣ୍ଟେଡ ହୋଇଥିବା ଏକ ଲୁଟେରା ଗ୍ୟାଙ୍ଗର ୩ ଜଣଙ୍କୁ ବଡଚଣା ଥାନା ପୋଲିସ ଗିରଫ କରିବାକୁ ସକ୍ଷମ ହୋଇଛି । ଗିରଫ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୂପା ଅଳଙ୍କାର ସମେତ ଅନ୍ୟାନ୍ୟ ଚୋରି ସାମଗ୍ରୀ ଜବତ ହୋଇଛି । ଉଦ୍ଧାର ହୋଇଥିବା ସମସ୍ତ ଅଳଙ୍କାର ଗତ କିଛି ଦିନ ତଳେ ଚଣ୍ଡିଖୋଲ ଫାଣ୍ଡି ଅଞ୍ଚଳର ୩ ଜଣଙ୍କ ଘରୁ ଚୋରି ଯାଇଥିବା ସାମଗ୍ରୀ ବୋଲି ପୋଲିସ ସୂଚନା ଦେଇଛି! ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ବାବୁଲା ପ୍ରଧାନ (୬୦) ସାଗର ଦାସ (୪୮) ଓ ରମେଶ ଦାସ (୫୫) । ଏମାନେ ସମସ୍ତେ କେଳା ସମ୍ପ୍ରଦାୟର ବୋଲି ଜଣାପଡିଛି । ପୋଲିସ ସୂଚନା ମୁତାବକ ବଡ଼ଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ବିବେକାନନ୍ଦ କମ୍ପ୍ଲେକ୍ସ, କୁନ୍ଦଳ ଗ୍ରାମ ଓ ଶାନ୍ତିପୁର ଗ୍ରାମର ତିନି ପରିବାରଙ୍କ ଘରେ ପଶି ଏମାନେ ନଗଦ ଟଙ୍କା

ସହିତ ସୁନା ଓ ରୂପା ଅଳଙ୍କାର ଚୋରି କରି ଫେରାର ହୋଇଯାଇଥିଲେ । ଏହି ପରିବାର ପକ୍ଷରୁ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଥାନା କେଶ ନମ୍ବର ୨୨/୨୪,୨୯/୨୪ ଓ ୭୨/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା । ତେବେ ଲୁଟେରା ମାନେ ଶୁକ୍ରବାର ସକାଳେ ଚୋରି ସାମଗ୍ରୀକୁ ବିକ୍ରି କରିବା ପାଇଁ ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାରକୁ ଯାଉଥିବା ନେଇ ଖବର ପାଇ ଥାନାଧିକାରୀ ଶରତଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜେ ଆବେଦିନ ସଦଳବଳେ ଜାରକା ବଜାରରେ ପହଞ୍ଚି ଏମାନଙ୍କୁ ଗିରଫ କରି ବଡ଼ଚଣା ଥାନାକୁ ଆଣିଥିଲେ । ଚୋରି ସମ୍ବନ୍ଧରେ ଏମାନଙ୍କୁ ପଚରାଉଚୁରା ସମୟରେ ସେମାନେ ଘରେପଶି ଏହି ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏମାନଙ୍କ ପାଖରୁ ଚୋରି ଯାଇଥିବା ୩ ଟି ସୁନା ଚେନ, ୬ଟି ସୁନା ମୁଦି, ୪ଟି ସୁନା ଲକେଟ ଓ ଦୁଇ ହଳ ରୂପା ପାଉ

କଂଗ୍ରେସ ପାଖରେ ନାହିଁ ନିର୍ବାଚନୀ ଖର୍ଚ୍ଚ: ବାଲ୍ଟି ଧରି ସାହାଯ୍ୟ ମାଗୁଛନ୍ତି ପ୍ରାର୍ଥୀ

ନୂଆଦିଲ୍ଲୀ : ଲୋକସଭା ନିର୍ବାଚନ ୨୦୨୪ ପୂର୍ବରୁ କଂଗ୍ରେସ ଦାବି କରିଛି କି, କେନ୍ଦ୍ର ସରକାର ଷଡଯନ୍ତ୍ର କରି ଦଳର ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଛି । ଏହାପରେ କେରଳ କଂଗ୍ରେସ ତରଫରୁ ନିର୍ବାଚନ ଖର୍ଚ୍ଚ ପାଇଁ ଏକ ନୂଆ ତରିକାରେ ଟଙ୍କା ଏକାଠି କରିବାରେ ଲାଗିଛି । କେରଳ କଂଗ୍ରେସର ନେତାମାନେ ବାଲଟି ଧରି ସଡକ ଉପରେ କ୍ରାଉଡ ଫଣ୍ଡି କରୁଛନ୍ତି । ଏହାର ନେତୃତ୍ୱ କେରଳ କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ଏମଏମ ହସନ ନେଇଛନ୍ତି ।

ଏକଭିଡିଓରେ ଏମଏମ ହୋସେନ ଥିରୁଅନନ୍ତପୁରମ ଠାରେ ଏକ ଦୋକାନରେ ବାଲ୍ଟି ଧରି ସାହାଯ୍ୟ ମାଗୁଥିବା ଦେଖିବାକୁ ମିଳିଛି । ଲୋକସଭା ନିର୍ବାଚନ ପୂର୍ବରୁ ରାଜ୍ୟରେ ପ୍ରଚାର ପାଇଁ ଟଙ୍କା ଦରକାର ଯାହାକି ଆମକୁ ଲଢିବା ପାଇଁ ସହାୟତା ହେବ । ଏଥିସହ ସିଏ ଆରୋପ ମଧ୍ୟ ଲଗାଇଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସର ଆକାଉଣ୍ଟକୁ ଫ୍ରିଜ କରିଦେଇଥିବାରୁ ଆମକୁ ପ୍ରଚାର ଓ ଲଢିବା ପାଇଁ ଅର୍ଥ ଦରକାର । ତେଣୁ ଆମେ ସାଧାରଣ ଜନତାଙ୍କ ପାଖକୁ ଯିବା ପାଇଁ ପଦକ୍ଷପେ ନେଇଛୁ । ସୁଚନା ଅନୁଯାୟୀ କଂଗ୍ରେସ ପାର୍ଟି ୧୬ ଫେବୃୟାରୀ ଦିନ କହିଥିଲେ ଲୋକସଭା ନିର୍ବାଚନର କିଛି ମାସ ପୂର୍ବରୁ ୨୧୦ କୋଟି ଟଙ୍କା ର ଆକାଉଣ୍ଟକୁ ଫ୍ରିଜ କରିଦିଆଯାଇଛି । କିନ୍ତୁ ସୁଚନା ମୁତାବକ ୨୧ ଫେବୃୟାରୀ ଦିନ ଆକାଉଣ୍ଟକିଛି ଅଂଶରେ ଚଲାଇବା ପାଇଁ ଅନୁମୋଦନ କରାଯାଇଥିଲା ।

କାଶ୍ମୀରରେ ମୁଫତିଙ୍କୁ ଟକ୍କର ଦେବେ ଗୁଲାମ ନବି ଆଜାଦ୍

ଜମ୍ମୁ: କାଶ୍ମୀର ତିନୋଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କଲା ପିଡିପି । କାଶ୍ମୀରର ଅନନ୍ତନାଗ-ରଜୌରୀ, ଶ୍ରୀନଗର ଏବଂ ବାରାମୁଲା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ଦଳ । ତେବେ ଅନନ୍ତନାଗ-ରଜୌରୀ ଆସନରୁ ଦଳର ମୁଖ୍ୟ ମେହବୁବା ମୁଫତିଙ୍କୁ ପ୍ରାର୍ଥୀ କରିଛି ପିଡିପି । ଯେଉଁଠି କି ସେ ପୂର୍ବ ମୁଖ୍ୟମନ୍ତ୍ରୀ ଗୁଲାମ ନବି ଆଜାଦଙ୍କ ସହ ମୁହାଁମୁହିଁ ହେବେ । ସେହିପରି ଶ୍ରୀନଗରରେ ଦଳ ଯୁବ ନେତା ମହମ୍ମଦ ୱହିଦ୍ ପାରା ଏବଂ ବାରାମୁଲା ଆସନରେ ଫୟାଜ୍ ମିରଙ୍କୁ ପ୍ରାର୍ଥୀ କରିଛି ପିପୁଲ୍ସ ଡେମୋକ୍ରେଟିକ୍ ପାର୍ଟି (ପିଡିପି) ।

ମେହବୁବା ମୁଫତି ପୂର୍ବରୁ ମଧ୍ୟ ଅନନ୍ତନାଗ ଆସନରୁ ସାଂସଦ ରହିସାରିଛନ୍ତି । ତା ସହିତ

ଜାମ୍ମୁକାଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବି ଆଜାଦ୍ ମଧ୍ୟ ଏହି ଆସନରୁ ସାଂସଦ ରହିସାରିଛନ୍ତି । ତେଣୁ ଏହି ଆସନରେ ଏଥର ଏକ ରୋଚକ ଲଢେଇ ଦେଖିବାକୁ ମିଳିପାରେ । ମେହବୁବା ମୁଫତି କହିଛନ୍ତି ଯେ, ନ୍ୟାସନାଲ କନଫରେନ୍ସ ବିନା କୌଣସି ଚର୍ଚ୍ଚା ଆଲୋଚନାରେ ପ୍ରାର୍ଥୀ ଘୋଷଣା କରିଥିବାରୁ, ସେ ଦୁଃଖିତ । ଏହାଦ୍ୱାରା ପିଡିପିର କାର୍ଯ୍ୟକର୍ତ୍ତାମାନେ ନିରାଶ ଅଛନ୍ତି । ତେବେ ଆମେ ଆମର ଶକ୍ତି ନ୍ୟାସନାଲ କନଫରେନ୍ସକୁ ଦେଖାଇବୁ । ଜାମ୍ମୁକାଶ୍ମୀରର ମୁଦ୍ଦା ଉଠାଇ ଲୋକଙ୍କ ପାଖକୁ ଯିବୁ ବୋଲି ମୁଫତି କହିଛନ୍ତି । ସୂଚନାଯୋଗ୍ୟ ଯେ, ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି ରବିବାର କାଶ୍ମୀରର ତିନୋଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ।

ସଇତାନ ସ୍ୱାମୀ: ସ୍ତ୍ରୀକୁ କାଟି କଲା ୨୨୪ ଖଣ୍ଡ

ନୂଆଦିଲ୍ଲୀ: ଭାରତ ପରେ ଏବେ ବ୍ରିଟେନରୁ ମଧ୍ୟ ଏକ ଛାତିଥରା ଖବର ଆସିଛି । ୨୮ ବର୍ଷୀୟ ନିକୋଲସ ମେଟସନ ନିଜ ପତ୍ନୀକୁ ହତ୍ୟା କରିବା ପରେ ୨୨୪ ଖଣ୍ଡ କରି କାଟିଦେଇଛନ୍ତି । ଏହି ଖଣ୍ଡଗୁଡିକୁ ବ୍ୟାଗରେ ଭର୍ତ୍ତି କରି ନଦୀରେ ଫୋପାଡି ଦେଇଥିଲା ।

୨୦୨୩ ମାର୍ଚ୍ଚ ୨୫ ତାରିଖରେ ୨୬ ବର୍ଷୀୟା ହୋଲି ବ୍ରେମିଲ ନିଖୋଜ ଥିଲେ । ନିଖୋଜ ହେବାର ୮ ଦିନ ପରେ ତାଙ୍କ ଶବ ବସିଂଧମ, ଲିକନଶାୟର ନିକଟରେ ଥିବା ବିଥମ୍ ନଦୀରୁ ମିଳିଥିଲା । ହେଲେ ବ୍ରେମିଲାଙ୍କ ହତ୍ୟାର ଗୋଟିଏ ବର୍ଷ ପରେ ବିନା କୌଣସି ଚାପରେ ତାଙ୍କ ସ୍ୱାମୀ ନିକୋଲସ ସମସ୍ତ ଦୋଷ ସ୍ୱୀକାର କରିଛନ୍ତି । ଲିଂକନଶାୟର ପୋଲିସର କହିବା ମୁତାବକ ପ୍ରଥମେ ନିକୋଲସ ଏହି ହତ୍ୟା ବାବଦରେ ନିଜର ଦୋଷ ସ୍ୱୀକାର କରି ନଥିଲେ । ହେଲେ ଗୋଟିଏ ବର୍ଷ ପରେ ଅଚାନକ ସେ ଏହି ହତ୍ୟା ବାବଦରେ ସମସ୍ତ କଥା କହିଛନ୍ତି ।



ଏହି ମାମଲାରେ ପୋଲିସ ମଧ୍ୟ ଅନ୍ୟଜଣେ ବ୍ୟକ୍ତି ଜୋଶୁଆକୁ ଗିରଫ କରିଛି । ପୋଲିସର କହିବା ମୁତାବକ ଜୋଶୁଆ ଶବକୁ ନଦୀରେ ଫିଙ୍ଗିବାରେ ନିକୋଲସଙ୍କୁ ସହାୟତା କରିଥିଲା । ଏକ ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ମୁତାବକ ନିକୋଲସ ତାଙ୍କ ପତ୍ନୀକୁ ହତ୍ୟା କରିବା ପରେ ଶବକୁ ଛୁରୀରେ ୨୨୪ ଖଣ୍ଡ କରି କାଟିଥିଲା । ଏହାପରେ ସହଯୋଗୀଙ୍କ ସହାୟତାରେ ଶବକୁ ବ୍ୟାଗ ଭିତରେ ପୁରାଇ ନଦୀରେ ଫିଙ୍ଗି ଦେଇଥିଲା ।

କୋର୍ଟରେ ଶୁଣାଣି ବେଳେ ନିକୋଲସଙ୍କ ମା' ଓ ଭଉଣୀ କହିଛନ୍ତି କି ନିକୋଲସ ଜଣେ ରାକ୍ଷସ ପ୍ରବୃତିର ଯୁବକ । ଏହାସହ ସେମାନେ କହିଛନ୍ତି କି, ନିକୋଲସ ଜୋର ଜବରଦସ୍ତ ବ୍ରେମିଲଙ୍କୁ ବିବାହ କରିଥିଲେ । ଏହି କାରଣରୁ ବିବାହର ୧୬ ମାସ ପରେ ଉଭୟଙ୍କ ମଧ୍ୟରେ ଛାଡପତ୍ର ହୋଇଯାଇଥିଲା ।

ଇସ୍ରାଏଲରେ ଭାରତୀୟ ଶ୍ରମିକଙ୍କ ସୁରକ୍ଷା ଚିନ୍ତା

ନୂଆଦିଲ୍ଲୀ : ପ୍ରଥମ ବ୍ୟାଚ୍ ଶ୍ରମିକମାନେ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ସରକାରଙ୍କ ଚୁକ୍ତିନାମା ଅନୁସାରେ ଭାରତ ଛାଡିଛନ୍ତି । ହମାସ ସହିତ ଚାଲିଥିବା ଯୁଦ୍ଧ ଭିତରେ ଇସ୍ରାଏଲକୁ ଯାଉଥିବା ଭାରତୀୟ ଶ୍ରମିକମାନଙ୍କ ସୁରକ୍ଷା ଏକ ବଡ ଚିନ୍ତାର ବିଷୟ ପାଲଟିଛି, ଯାହା ବିଷୟରେ ଭାରତ ସରକାର ଇସ୍ରାଏଲ ସହ କଥା ବର୍ତ୍ତା କରିଛନ୍ତି । ଗୁରୁବାର ଦିନ ବୈଦେଶିକ ମନ୍ତ୍ରାଳୟ କହିଛି ଯେ ଭାରତୀୟ ଶ୍ରମିକମାନଙ୍କୁ ସୁରକ୍ଷା ଦେବା ପାଇଁ ଇସ୍ରାଏଲର କର୍ତ୍ତୃପକ୍ଷମାନଙ୍କୁ ଯଥାସମ୍ଭବ ଉଦ୍ୟମ କରିବା ପାଇଁ କୁହାଯାଇଛି ।

ସପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ବିଦେଶକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରନ୍ଧିର ଜୟସ୍ୱାଲ କହିଛନ୍ତି ଯେ, ଆମ ପାଇଁ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ଶ୍ରମିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନିଶ୍ଚିତ କରିବାକୁ ଆମେ ଇସ୍ରାଏଲ କର୍ତ୍ତୃପକ୍ଷଙ୍କୁ ଯଥା ଶୀଘ୍ର ଉଦ୍ୟମ କରିବା ପାଇଁ ଅନୁରୋଧ କରିଛୁ ।

ଇସ୍ରାଏଲରେ ଭାରତୀୟ

ସୈନ୍ୟମାନଙ୍କ ସଂଖ୍ୟା ପ୍ରଦାନ କରି ମୁଖପାତ୍ର ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରାୟ ୧୮,୦୦୦ ଭାରତୀୟ ଶ୍ରମିକ ଇସ୍ରାଏଲରେ ଏବେ ଅଛନ୍ତି । ପ୍ରତ୍ୟେକ ଶ୍ରମିକମାନଙ୍କ ସୁରକ୍ଷା ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ସେଥି ପାଇଁ ଇସ୍ରାଏଲରେ ଥିବା ଭାରତୀୟ ଦୂତାବାସ ନିୟମିତ ଭାବରେ ସେମାନଙ୍କ ସହିତ ଯୋଗାଯୋଗରେ ଅଛନ୍ତି ।

ଇସ୍ରାଏଲର ସୀମାନ୍ତ ଅଞ୍ଚଳରେ ରହୁଥିବା ଭାରତୀୟ ନାଗରିକମାନଙ୍କ ବିଷୟରେ ଜୟସ୍ୱାଲ କହିଛନ୍ତି କି, ଭାରତର ସରକାର ଇସ୍ରାଏଲ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ସୁରକ୍ଷାକୁ ଗୁରୁତ୍ୱସହ ନେବାକୁ ଏବଂ ସାହାଯ୍ୟ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବା ପାଇଁ ଅନୁରୋଧ କରିଛନ୍ତି ।

ହମାସ ସହ ଯୁଦ୍ଧ ହେବା ପୂର୍ବରୁ ସବୁ ସଂଖ୍ୟକ କର୍ମଚାରୀ ଇସ୍ରାଏଲରେ ପାଲେଷ୍ଟାଇନ ନିର୍ମାଣ କାର୍ଯ୍ୟ କରୁଥିଲେ । କିନ୍ତୁ ଯୁଦ୍ଧ ହେବା ପରେ ଇସ୍ରାଏଲ ପାଲେଷ୍ଟାଇନ ଶ୍ରମିକମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇଥିଲା । ଏହି କାରଣ ପାଇଁ ଶ୍ରମିକ ମାନଙ୍କ ଅଭାବ ଦେଖିବା ପାଇଁ ମିଳିଥିଲା । ଏହି ଅଭାବକୁ ଦୃଷ୍ଟିରେ ରଖି ଇସ୍ରାଏଲ ଭାରତ ଦେଶରୁ ଶ୍ରମିକ ନିଯୁକ୍ତି କରୁଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଧ୍ୟ ଭାରତରୁ ଶ୍ରମିକ ପଠାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଥିଲେ ।

୨୦୧୮ ମସିହାରେ ଦୁଇ ଦେଶ ଭିତରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ ଭାରତର ଶ୍ରମିକମାନେ ଇସ୍ରାଏଲକୁ ଯାଉଛନ୍ତି । ଭାରତର ଶ୍ରମିକମାନେ ସେଠାରେ କାଠ ତିଆରି, ଟାଇଲ୍ ଓ ବାର୍ ଭେଣ୍ଡିଂ ଭଳି କାମ କରିବା ପାଇଁ ଯାଉଛନ୍ତି ।

ହେଲେ ଯୁଦ୍ଧ ପରେ ଇସ୍ରାଏଲରେ ନିର୍ମାଣ ଶ୍ରମିକମାନଙ୍କ ଅଭାବ ଦେଖିବା ପାଇଁ ମିଳିଥିଲା । ଯାହାକୁ ଆଖିଆଗରେ ରଖି ୨୦୨୩ ନଭେମ୍ବରରେ ଭାରତ ଓ ଇସ୍ରାଏଲ ନିର୍ମାଣ ଏବଂ ଘରୋଇ କାର୍ଯ୍ୟରେ ଭାରତୀୟ ଶ୍ରମିକମାନଙ୍କ ପାଇଁ ଅସ୍ଥାୟୀ ରୋଜଗାର ସୁବିଧା ଉପରେ ଚୁକ୍ତି ସାକ୍ଷାର କରିଥିଲା । କୁହାଯାଏ ଯେ ଇସ୍ରାଏଲରେ ଭାରତର ଶ୍ରମିକମାନଙ୍କ ମାସିକ ଦରମା ୧ ଲକ୍ଷ ୩୭ ହଜାରରୁ ଅଧିକା ମିଳିବ ।

'ଟୁକଡେ-ଟୁକଡେ ଗ୍ୟାଙ୍ଗ'ର ଭାଷା: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଉପରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଦେଇଥିବା ମନ୍ତବ୍ୟ ଉପରେ ପ୍ରବଳ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଟୁକଡେ-ଟୁକଡେ ଗ୍ୟାଙ୍ଗର ଭାଷା କହି କଂଗ୍ରେସକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ।

ରାଜସ୍ଥାନର ଜୟପୁରରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଖଡଗେ କହିଥିଲେ, ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ଆସି ଜମ୍ମୁ କଶ୍ମୀର କଥା କହୁଛନ୍ତି । ରାଜସ୍ଥାନ ସହ ଧାରା ୩୭୦ ଉଚ୍ଛେଦର କି ସମ୍ପର୍କ ଅଛି? ଏହି ସମୟରେ ଖଡଗେ ଧାରା ୩୭୦କୁ ୩୭୧ କହିଥିଲେ । ପରେ ଭୁଲବଶତଃ ପାଟିରୁ ସ୍ଲିପ୍ କରିଯାଇଥିଲା ବୋଲି ଦଳ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଥିଲା ।

ସେ ଯାହା ବି ହେଉ, ଖଡଗେଙ୍କ ଏହି ମନ୍ତବ୍ୟକୁ ନେଇ ଆଜି ପ୍ରଧାନମନ୍ତ୍ରୀ ପ୍ରବଳ ବର୍ଷିଛନ୍ତି । ବିହାରର ନୱଦାର ଏକ ରାଲିକୁ ସମ୍ବୋଧିତ କରିବା ସମୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସେ କାହିଁକି ଜମ୍ମୁ କଶ୍ମୀର ପ୍ରସଙ୍ଗକୁ ପ୍ରାସଙ୍ଗିକ ନୁହେଁ ବୋଲି ଭାବୁଛନ୍ତି । ସେ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ, ଏହା ଏକ ଛୋଟିଆ ପଦ ନୁହେଁ, ତଥାପି ରାଜସ୍ଥାନରେ କଶ୍ମୀର ବିଷୟରେ କଥା ହେବାର କାରଣ କ'ଣ ବୋଲି ପଚାରୁଛନ୍ତି । ମୁଁ ଏହା ଶୁଣି ଲଜ୍ଜିତ ଅନୁଭବ କରୁଛି ।

ଜମ୍ମୁ କଶ୍ମୀର କଣ ଭାରତର ନୁହେଁ କି? କଂଗ୍ରେସ ଧ୍ୟାନର ସହ ଶୁଣିବା ଉଚିତ୍ ବିହାରର ଅନେକ ସାହସୀ ଯୋଦ୍ଧା ଦେଶ ମାତୃଭୂମି ପାଇଁ ବଳିଦାନ ଦେଇଛନ୍ତି । ଜମ୍ମୁ କଶ୍ମୀରକୁ ରକ୍ଷା କରିବା ପାଇଁ ଭାରତ ପତାକାକୁ ଦେହରେ ଘୋଡାଇ ଫେରିଛନ୍ତି(ଶହୀଦ ହୋଇଛନ୍ତି) । ସେହିପରି ରାଜସ୍ଥାନରେ ମଧ୍ୟ ଅନେକ ଯୋଦ୍ଧା ବଳିଦାନ ଦେଇଛନ୍ତି । ହେଲେ ସେମାନେ କହୁଛନ୍ତି ଦେଶର ଗୋଟିଏ କୋଣ ସହ ଅନ୍ୟ କୋଣର ପ୍ରାସଙ୍ଗିକତା କ'ଣ ?

ପ୍ରକାଶ ଥାଉକି, ବିହାରରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି । ଏଥିପାଇଁ ଜୋରସୋରରେ ପ୍ରଚାର ପ୍ରସାର ଚାଲିଛି । ପ୍ରଥମ ପର୍ଯ୍ୟାୟରେ ନୱଡା, ଗୟା, ଔରଙ୍ଗାବାଦ ଏବଂ ଜାମୁଇ ଲୋକସଭା ଆସନରେ ଭୋଟିଂ ହେବ ।

ରାହୁଲଙ୍କୁ ପ୍ରଶାନ୍ତ କିଶୋରଙ୍କ ପରାମର୍ଶ, ରାଜନୀତିରୁ ବ୍ରେକ ନିଅନ୍ତୁ

ନୂଆଦିଲ୍ଲୀ: ରାଜନୀତିର ଚାଣକ୍ୟ କୁହାଯାଉଥିବା ପ୍ରଶାନ୍ତ କିଶୋର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଇଣ୍ଡିଆ ମେଣ୍ଟର ରଣନୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଲୋକସଭା ନିର୍ବାଚନର ପ୍ରସ୍ତୁତି ମଧ୍ୟରେ ସେ ଦାବି କରିଛନ୍ତି କି ବିଜେପି ଦକ୍ଷିଣ ରାଜ୍ୟରେ ଭଲ ପ୍ରଦର୍ଶନ କରିବ ଓ ଅଧିକ ଆସନରେ ବିଜୟୀ ହେବ ।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରି କହିଛନ୍ତି, ଆପଣଙ୍କ ଲଢେଇ ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ଅଛି, କିନ୍ତୁ ଆପଣ ମଣିପୁର ଏବଂ ମେଘାଳୟ ପରିଦର୍ଶନ କରୁଛନ୍ତି । ଏଥିରେ ଆପଣଙ୍କୁ କିପରି ସଫଳତା ମିଳିବ । ଯଦି ଆପଣ ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ବିଜୟ ଲାଭ କରନ୍ତି ନାହିଁ, ତେବେ ୱାୟାନାଡରୁ ଜିତିବାରେ କୌଣସି ଲାଭ ହେବ ନାହିଁ । ଆମେଠୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନକରିବା ନିଷ୍ପତ୍ତି ଭୁଲ ପ୍ରମାଣିତ ହେବ, ଏହା ଏକ ଭୁଲ ବାର୍ତ୍ତା ପଠାଇବ ।

ରାହୁଲ ଗାନ୍ଧୀ ଗତ ୧୦ ବର୍ଷ ଧରି ଦଳ ପାଇଁ ଫଳାଫଳ ଆଣିବାରେ ଅସମର୍ଥ ପ୍ରମାଣିତ ହୋଇଛନ୍ତି । ଏହା ସତ୍ତ୍ୱେ ସେ ଅନ୍ୟମାନଙ୍କୁ ସୁଯୋଗ ଦେଉ ନାହାଁନ୍ତି କିମ୍ବା ସେ ନଜେ ହଟି ଯାଉଛନ୍ତି । ଯେତେବେଳେ ଆପଣ ୧୦ ବର୍ଷ ଧରି ସମାନ କାର୍ଯ୍ୟ କରୁଛନ୍ତି ଏବଂ ଏଥିରେ କୌଣସି ସଫଳତା ପାଇନାହାଁନ୍ତି, ତେବେ ବିଶ୍ରାମ ନେବାରେ କୌଣସି କ୍ଷତି ନାହିଁ । ସେମାନେ ଆଗାମୀ ୫ବର୍ଷ ପାଇଁ ଅନ୍ୟକୁ ଏହି କାମ କରିବାକୁ ଦିଅନ୍ତୁ ।

ନିର୍ବାଚନ ପୂର୍ବରୁ ଷ୍ଟେସନରୁ ମିଳିଲା ୪ କୋଟି

ନୂଆଦିଲ୍ଲୀ: ନିର୍ବାଚନ ପୂର୍ବରୁ ରେଳୱେ ଷ୍ଟେସନରୁ ମିଳିଲା ପୁଳା ପୁଳା ଟଙ୍କା । ତାମିଲନାଡୁର ରାଜଧାନୀ ଚେନ୍ନାଇର ତାମ୍ବରମ୍ ରେଲୱେ ଷ୍ଟେସନରୁ ନଗଦ ୪ କୋଟି ଟଙ୍କା ଜବତ ହୋଇଛି । ୬ଟି ବ୍ୟାଗରେ ଏହି ଟଙ୍କା ନେଇ ଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ୩ ଜଣଙ୍କୁ ଅଟକ ରଖିଛି । ଅଟକ ୩ ଜଣଙ୍କ ମଧ୍ୟରେ ଜଣେ ବିଜେପି କର୍ମୀ ମଧ୍ୟ ଅଛନ୍ତି । ଅଟକ ବିଜେପି କର୍ମୀ ଜଣକ ହେଲେ ସତୀଶ । ସେ ଏକ ଘରୋଇ ହୋଟେଲର ମ୍ୟାନେଜର ଭାବେ ମଧ୍ୟ କାମ କରନ୍ତି । ଅନ୍ୟ ଦୁଇ ଜଣେ ହେଲେ ତାଙ୍କ ଭାଇ ନବୀନ ଓ ଡ୍ରାଇଭର ପେରୁମଲ । ଏମାନେ ସମସ୍ତେ ଟ୍ରେନ୍ ଯୋଗେ ଥିରୁନେଲଭେଲି ଯାଉଥିବା ବେଳେ ପୁଲିସର ଏକ ଟିମ୍ ଚାଉ କରି ଏମାନଙ୍କୁ ଅଟକ ରଖିଛି । ସୂତ୍ରରୁ ପ୍ରକାଶ ଯେ ଥିରୁନେଲଭେଲିରୁ ବିଜେପି ଲୋକସଭା ପ୍ରାର୍ଥୀ ନୈନାୟର ନାଗେନ୍ଦ୍ରନଙ୍କ ଟିମ୍ର ନିର୍ଦ୍ଦେଶ ଅନୁଯାୟୀ ସାତୀଶ କାର୍ଯ୍ୟ କରିଥିବା ସ୍ୱୀକାର କରିଛନ୍ତି । ଆୟକର ବିଭାଗକୁ ଏହି ମାମଲା ହସ୍ତାନ୍ତର କରାଯାଇଛି । ଅଧିକ ତଦନ୍ତ ପାଇଁ ଆୟକର ବିଭାଗ ପକ୍ଷରୁ ଯାଞ୍ଚ ଜାରି ରହିଛି । କହିରଖୁ ଯେ, ତାମିଲନାଡୁରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୩୯ଟି ଆସନରେ ଭୋଟ ଗ୍ରହଣ ହେବ ।

ନିର୍ବାଚନ ସମୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ସତର୍କସୂଚନା

ନୂଆଦିଲ୍ଲୀ: ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ମୁଖ୍ୟ ମୃତ୍ୟୁଞ୍ଜୟ ମହାପାତ୍ର ରବିବାର ସତର୍କ କରାଇ ଦେଇଛନ୍ତି ଯେ ଲୋକସଭା ନିର୍ବାଚନ ସମୟରେ ଦେଶରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବାର ସମ୍ଭାବନା ରହିଛି । ନିର୍ବାଚନ ଭଳି ବଡ଼ ଧରଣର କାର୍ଯ୍ୟକ୍ରମର ଯୋଜନା କରିବା ସମୟରେ ପାଣିପାଗ ଓ ଜଳବାୟୁ ପରିସ୍ଥିତିକୁ ବିଚାରକୁ ନେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

୧୮ତମ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏପ୍ରିଲ ୧୯ରୁ ଜୁନ୍ ପହିଲା ପର୍ଯ୍ୟନ୍ତ ସାତଟି ପର୍ଯ୍ୟାୟରେ ନିର୍ବାଚନ ହେବ ଏବଂ ଗ୍ରୀଷ୍ମ ଋତୁ ମଝିରେ ଜୁନ୍ ୪ ତାରିଖରେ ଭୋଟ୍ ଗଣତି ହେବ ବୋଲି ନିର୍ବାଚନ ଆୟୋଗ ମାର୍ଚ୍ଚ ୧୬ ତାରିଖରେ ଘୋଷଣା କରିଥିଲେ ।

ଅନେକ ଦିନର ପ୍ରବଳ ଗ୍ରୀଷ୍ମ ପ୍ରବାହ ପରେ ରବିବାର ଓଡ଼ିଶାରେ ସାମାନ୍ୟ ଆଶ୍ୱସ୍ତି ଅନୁଭୂତ ହେଉଥିବା ବେଳେ ଶୁକ୍ରବାର ଭୁବନେଶ୍ୱରର ତାପମାତ୍ରା ୪୩.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା । ତେବେ ଆଗାମୀ ସପ୍ତାହରେ ଗୁଜରାଟ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଅଧିକ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଥିବାରୁ ଏହି ଆଶ୍ୱସ୍ତି ଅଳ୍ପକାଳୀନ ରହିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି । ନିର୍ବାଚନ ବେଳେ ଧାଡ଼ିରେ ଠିଆ ହୋଇଥିବା ଲୋକମାନେ ସୂର୍ଯ୍ୟକିରଣରୁ ରକ୍ଷା ପାଇବା ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଓ ଛାୟା ପାଇବା ଉଚିତ ବୋଲି ମୃତ୍ୟୁଞ୍ଜୟ ମହାପାତ୍ର ପରାମର୍ଶ ଦେଇଛନ୍ତି। ଏସବୁ ସତର୍କତା ସତ୍ତ୍ୱେ ଆଇଏମଡି ଜନସମାବେଶ ଓ ମତଦାନର ସମୟ ପରିବର୍ତ୍ତନ ପାଇଁ ସୁପାରିସ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର : ୨୫ % ପିଲା ମାତୃଭାଷା ପଢି ଜାଣନ୍ତି ନାହିଁ

ନୂଆଦିଲ୍ଲୀ : ଛାତ୍ର ଛାତ୍ରୀ ହେଉଛନ୍ତି ଗୋଟିଏ

ପରାଜୟ ପରେ ପ୍ରଥମ ବିଜୟ

ଆଇପିଏଲ୍ ମହାସମର

ୱାଙ୍ଖଡେ,୭।୪(ଏଜେନ୍ସି): ୫ଥର ଆଇପିଏଲ୍ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ଏଥର ସଂସ୍କରଣରେ ଭଲ ନାହିଁ । କ୍ରମାଗତ ୩ଟି ମ୍ୟାଚ ହାରିବା ପରେ ମୁମ୍ବାଇ ଇଣ୍ଡିଆନ୍ସ ଶେଷରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି । ରବିବାର ୱାଙ୍ଖଡେରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୨୯ ରନ୍‌ରେ ହରାଇ ସିଜନର ପ୍ରଥମ ବିଜୟ ଲାଭ କରିଛି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ମୁମ୍ବାଇ । ମୁମ୍ବାଇ ବିଜୟର କର୍ଣ୍ଣଧାର ସାଜିଥିବା ରୋମାରିଓ ସେଫର୍ଡ ୧୦ ବଲରୁ ବିସ୍ଫୋରକ ୩୯ ରନ୍ ତଥା ଗୋଟିଏ ୱିକେଟ୍ ଅକ୍ତିଆର କରି ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ ହୋଇଛନ୍ତି । ତେଣୁ ବିଜୟଧାରାକୁ ଫେରିଥିବାରୁ ଦଳ ତଥା ଅଧିନାୟକ ହାର୍ଦ୍ଦିକ ଯେଉଁ ତୀବ୍ର ସମାଲୋଚିତ ହେଉଥିଲେ ସେଥିରେ ବ୍ରେକ ଲାଗିଛି । ହାର୍ଦ୍ଦିକ ପାଣ୍ଡ୍ୟା ସୋମନାଥ ମନ୍ଦିରରେ ଶିବଙ୍କ ଶରଣାପନ୍ନ ହେବା ଓ ଦଳକୁ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରତ୍ୟାବର୍ତ୍ତନ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି ।

ଏହି ମ୍ୟାଚରେ ମୁମ୍ବାଇ ୨୦ ଓଭରରେ ୫ ୱିକେଟ୍ ହରାଇ ୨୩୪ ରନ୍ କରିଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୫ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ ଟସ୍ ଜିତି ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ ।

ଆଜିର ମ୍ୟାଚ

ଚେନ୍ନାଇ-କୋଲକାତା
ସମୟ: ରାତି ୭.୩୦
ସ୍ଥାନ: ଚେନ୍ନାଇ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ଘରୋଇ ମାହୋଲରେ ମୁମ୍ବାଇ ଜବରଦସ୍ତ ପ୍ରଦର୍ଶନ ଦେଖାଇଥିଲା । ରୋହିତ ଶର୍ମା ଓ ଇଶାନ୍ କିଷାନ ପ୍ରଥମ ୱିକେଟ୍ ପାଇଁ ୬.୬ ଓଭରରେ ୮୦ ରନ୍ ସଂଗ୍ରହ କରିଥିଲେ । ରୋହିତ ୨୭ ବଲ୍‌ରୁ ୬ଟି ଚୌକା ଓ ୩ଟି ଛକା ସହାୟତାରେ ୪୯ ରନ୍ କରି ଅକ୍ଷର ପଟେଲଙ୍କ ବୋଲ୍ଡ ହୋଇଥିଲେ । ଓପନିଂ ଯୋଡି ଭାଙ୍ଗିବା ପରେ ନଂ.୩ ବ୍ୟାଟିଂ କରିବାକୁ ଆସିଥିବା ସୂର୍ଯ୍ୟକୁମାର ରନ୍ ଖାତା ଖୋଲିପାରିନଥିଲେ । ସେ ୨ଟି ବଲ୍‌ର ସମ୍ମୁଖୀନ ହୋଇ ନୋର୍ଟେଜଙ୍କ ଶିକାର ହୋଇଥିଲେ । ୧୦.୨ ଓଭରରେ ଦଳୀୟ ସ୍କୋର ୧୧୧ ରନ୍ ଥିବା ବେଳେ ଇଶାନ କିଷାନ ୨୩ ବଲ୍‌ରୁ ୪୨ ରନ୍ କରି ଅକ୍ଷର ପଟେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବିଶେଷ କିଛି ଚମତ୍କାର ଦେଖାଇନଥିଲେ । ସେ ୨୩ ବଲ୍‌ର ସମ୍ମୁଖୀନ ହୋଇ ୩୯ ରନ୍ ସଂଗ୍ରହ କରିଥିଲେ । ହାର୍ଦ୍ଦିକଙ୍କ ଠାରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ସେ ଆକ୍ରମଣାତ୍ମକ ବଦଳରେ ସେ ରକ୍ଷଣାତ୍ମକ ଖେଳିଥିଲେ । ତାଙ୍କ ପରେ ତିଲକ ବର୍ମା ୬ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ଶେଷ ଭାଗରେ ମୁମ୍ବାଇର ଟିମ୍ ଡେଭିଡ ଓ ରୋମାରିଓ ସେଫର୍ଡଙ୍କ ପ୍ରଦର୍ଶନ ପ୍ରଶଂସାଠୁ ଅଧିକ ଥିଲା । ଦୁହେଁ ମୋଟ୍ ୩୧ ବଲ୍‌ର ସମ୍ମୁଖୀନ ହୋଇ ୮୪ ରନ୍ ସଂଗ୍ରହ କରିଥିଲେ । ଶେଷ ୫ ଓଭରରେ ଏହି ରନ୍ ସଂଗ୍ରହ ହେବାରୁ ମୁମ୍ବାଇ ୨୦ ଓଭରରେ ୨୩୪/୫ ରନ୍‌ରେ ପହଞ୍ଚି ଯାଇଥିଲା । ଟିମ୍ ଡେଭିଡ ୨୧ ବଲ୍‌ରୁ ୨ଟି ଚୌକା ଓ ୪ଟି ଛକା ସହାୟତାରେ ୪୫ ରନ୍ ଓ ରୋମାରିଓ ୧୦ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୩୯ ରନ୍ ସଂଗ୍ରହ କରିଥିଲେ । ବୋଲିଂରେ ଦିଲ୍ଲୀର ଅକ୍ଷର ପଟେଲ ଓ ଅନରିଚ ନୋର୍ଟେଜ ଦୁଇଟି କରି ଓ ଖଲିଲ ଅହମ୍ମଦ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଦିଲ୍ଲୀ କ୍ୟାପିଟାଲ୍ସ ୨୩୫ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରିଥିଲା । ପୃଥ୍ୱୀ ଶ'ଙ୍କ ସହ ଡେଭିଡ ୱାର୍ଣ୍ଣର ପାଳି ଆରମ୍ଭ କରିଥିଲେ । ୱାର୍ଣ୍ଣର ୮ ବଲରୁ ୧୦ ରନ୍ କରି ସେଫର୍ଡଙ୍କ ଶିକାର ହୋଇଥିଲେ । ଦଳୀୟ ସ୍କୋର ୨୨ ରନ୍ ବେଳେ ଦିଲ୍ଲୀର ଓପନିଂ ଯୋଡି ଭାଙ୍ଗି ଥିଲା । ଭଲ ଫର୍ମରେ ନଥିବା ପୃଥ୍ୱୀ ଶ' ଅର୍ଦ୍ଧଶତକୀୟ ଇନିଂସ ଖେଳି ଲୟକୁ ଫେରିଛନ୍ତି । ସେ ୪୦ ବଲ୍‌ରୁ ୮ଟି ଚୌକା ଓ ୩ଟି ଛକା ସହାୟତାରେ ୬୬ ରନ୍ କରିଥିଲେ । ତାଙ୍କ ବ୍ୟତୀତ ଅଭିଶେକ ପୋରେଲ ୩୧ ବଲ୍‌ରୁ ୪୧ ରନ୍ ତଥା ଡ୍ରିଷ୍ଟାନ ଷ୍ଟବସ୍ ୨୫ ବଲ୍‌ରୁ ଅପରାଜିତ ୭୧ ରନ୍ କରି ଦଳକୁ ବିଜୟର ନିକଟତର କରାଇଥିଲେ । ଷ୍ଟବସ୍ ୩ଟି ଚୌକା ଓ ୭ଟି ଛକା ମାରିଥିଲେ । କିନ୍ତୁ ପରବର୍ତ୍ତୀ ବ୍ୟାଟର ରିଷଭ ପନ୍ତ, ଅକ୍ଷର ପଟେଲ, ଲଲିତ ଯାଦବ, କୁମାର କୁସଙ୍ଗ୍ର ପ୍ରଦର୍ଶନ ନିରାଶାଜନକ ଥିବାରୁ ଦଳ ବିଜୟ ଠାରୁ ୨୯ ରନ୍ ପଛରେ ରହିଯାଇଥିଲା । ବୋଲିଂରେ ମୁମ୍ବାଇର ଗେରାଲ୍ଡ କୌଟେଜ୍ ୪ଟି, ଯଶପ୍ରୀତ ବୁମରା ୨ଟି ଓ ରୋମାରିଓ ସେଫର୍ଡ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ । ପୂର୍ବ ମ୍ୟାଚ ଗୁଡିକରେ ବୋଲିଂକୁ ଅଧିକ ଫୋକସ କରୁଥିବା ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଦିଲ୍ଲୀ ବିପକ୍ଷ ମ୍ୟାଚରେ ଆଦୌ ବୋଲିଂ କରିନଥିଲେ । ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ବିଜୟ ସହ ୪ ମ୍ୟାଚରୁ ୨ ପଏଣ୍ଟ ହାସଲ କରି ଟେବୁଲର ଅଷ୍ଟମ ସ୍ଥାନକୁ ଉଠିଛି । ସେହିଭଳି ଦିଲ୍ଲୀ କ୍ୟାପିଟାଲ୍ସ ୫ ମ୍ୟାଚରୁ ୪ଟି ପରାଜୟ ସହ ଦଶମ ସ୍ଥାନକୁ ଖସିଛି ।

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୪	୪	୦	୮
କୋଲକାତା	୩	୩	୦	୬
ଲକ୍ଷ୍ନୌ	୪	୩	୧	୬
ଚେନ୍ନାଇ	୪	୨	୨	୪
ସନ୍‌ରାଇଜର୍ସ	୪	୨	୨	୪
ପଞ୍ଜାବ	୪	୨	୨	୪
ଗୁଜରାଟ	୫	୨	୩	୪
ମୁମ୍ବାଇ	୪	୧	୩	୨
ବେଙ୍ଗାଲୁରୁ	୫	୧	୪	୨
ଦିଲ୍ଲୀ	୫	୧	୪	୨

ଆଇପିଏଲ୍ ମହାସମର: ଲକ୍ଷ୍ନୌର ତୃତୀୟ ବିଜୟ

ଲକ୍ଷ୍ନୌ,୭।୪(ଏଜେନ୍ସି): ଆଇପିଏଲ୍‌ର ୨୧ତମ ମ୍ୟାଚରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ ୩୩ ରନ୍ ବ୍ୟବଧାନରେ ଗୁଜରାଟ ଟାଇଟନ୍ସକୁ ହରାଇଛି । ଚଳିତ ଆଇପିଏଲ୍‌ରେ ଏହା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌ର ତୃତୀୟ ବିଜୟ । ୪ ମ୍ୟାଚରୁ ୬ ପଏଣ୍ଟ ସହ ଲକ୍ଷ୍ନୌ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି । ଏହି ମ୍ୟାଚରେ ଲକ୍ଷ୍ନୌ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା । ଜବାବରେ ଗୁଜରାଟ ୧୮.୫ ଓଭରରେ ୧୩୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲେ ।

ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍ ଅଧିନାୟକ ଲୋକେଶ ରାହୁଲ ୩୩, ମାର୍କସ ଷ୍ଟୋଇନିସ୍ ୫୮, ନିକୋଲାସ୍ ପୁରନ୍ ୩୨ ଓ ଆୟୁଷ ବଦୋନୀ ୨୦ ରନ୍ କରିଥିଲେ । ଗୁଜରାଟର ଉମେଶ ଯାଦବ ଓ ଦର୍ଶନ ନାଲକଣ୍ଡେ ଦୁଇଟି ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ । ୧୬୪ ରନ୍ ବିଜୟଲକ୍ଷ୍ୟକୁ ପିଛା କରିଥିବା ଗୁଜରାଟ ଟାଇଟନ୍ସ ପକ୍ଷରୁ ସାଇ ସୁଦର୍ଶନ ୩୧, ଶୁଭମନ ଗିଲ ୧୯, ବିଜୟ ଶଙ୍କର ୧୭, ଦର୍ଶନ ନାଲକଣ୍ଡେ ୧୨, ରାହୁଲ ତେୱାତିଆ ୩୦ ରନ୍ କରିଥିଲେ । ଫଳରେ ଗୁଜରାଟ ୧୮.୫ ଓଭରରେ ୧୩୦ ରନ୍ କରି ଅଲ୍‌ଆଉଟ୍ ହୋଇଥିଲେ । ଲକ୍ଷ୍ନୌର ୟସ ଠାକୁରଙ୍କୁ ସର୍ବାଧିକ ୫ ୱିକେଟ୍, କ୍ରୁନାଲ ପାଣ୍ଡ୍ୟା ୩ଟି, ରବି ବିଷ୍ଣୋଇ ଓ ନବୀନ ଉଲ୍-ହକ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

ଆନ୍ତଃ ବିଦ୍ୟାଳୟ କ୍ରିକେଟ: ଟିମ-ଏ ଚାମ୍ପିଅନ

ବାରିପଦା,୭।୪(ସବ୍ୟ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆଡୁଲ୍‌ୟରେ ତଥା ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୫ ଟି ଦଳକୁ ନେଇ ୧୧ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟିମଏଟିମବିକୁ ୯ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଟିମ-ବି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଚନ୍ଦନ ସିଂ ୧୦୨ ରନ କରିଥିବା ବେଳେ ବିପକ୍ଷ ଦଳର ରୋଶନ ଚୌଧୁରୀ ୩ ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଟିମ-ଏ ୧୨.୧ ଓଭରରେ ଏକ ମାତ୍ର ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ରୋଶନ ଚୌଧୁରୀ ୮୯ ଓ ଜିଏନ ବିଶ୍ୱପ୍ରକାଶ ସାହୁ ୫୮ରନ କରିଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୧୭ ରନ ଓ ୫ ଟି ଉଇକେଟ ଅକ୍ତିଆର କରିଥିବା ଚନ୍ଦନ ସିଂଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମେନ ଓ ଶ୍ରେଷ୍ଠ ଖେଳାଳି ଭାବେ, ହ୍ୟାଟ୍ରିକ ସହ ୧୧ ଟି ଉଇକେଟ ଅକ୍ତିଆର କରିଥିବା ପ୍ରିୟଙ୍କ ପଟ୍ଟନାୟକ ଶ୍ରେଷ୍ଠ ବୋଲର ଭାବେ ଏବଂ ଫାଇନାଲ ମ୍ୟାଚରେ ୮୯ ରନ କରିବା ସହ ୩ ଟି ଉଇକେଟ ଅକ୍ତିଆର କରିଥିବା ରୋଶନ ଚୌଧୁରୀ ମ୍ୟାନ ଅଫ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ଦୀପକ ଦେହୁରୀ ଓ ଦିବ୍ୟରଞ୍ଜନ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ସିହ୍ନଓ, କୁମାର ରଞ୍ଜନ ପଣ୍ଡା, ଅନନ୍ଦା ଦାଶ, ଲୋହିତ ଦାସ, ଗଦାଧର ବେହେରା, ସତ୍ୟାନନ୍ଦ ଶେଜପଡା, ଅଶୋକ ରାଉତ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠି, ରବୀନ୍ଦ୍ର କୁମାର ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଚମ୍ପିୟାନ ଓ ରନର୍ସ ଅପ ଟ୍ରଫି ସହ କୃତୀ ଖେଳାଳି ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ରାଜ୍ୟ ସ୍କୁଲ ଓପନ ଚେସ୍: ମାନସିଜ ବିଜେତା

ଭୁବନେଶ୍ୱର,୭।୪(ସବ୍ୟ): କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ତୃତୀୟ କେଡି ପିଲାଇ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲର ମାନସିଜ ସାମଲ ଚାମ୍ପିଅନ୍ ହୋଇଛନ୍ତି । ସାଇ ଇଣ୍ଟରନ୍ୟାସନାଲ ସ୍କୁଲର ସାହାନା ଲେଙ୍କା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓମ୍ ସ୍ୱରୂପ ପାଢ଼ୀ, ରୁଦ୍ର ପ୍ରତାପ ମିଶ୍ର, ଆୟଭନାଥ ମହାନ୍ତି, ଶ୍ରୀମାନ ଦାସ, ଆର୍ଯ୍ୟନ୍ସ ମିଶ୍ର, ସାଇ ରଞ୍ଜନ ମିଶ୍ର, ଅନୁଭବ ଦାସ ଯଥାକ୍ରମେ ୩ରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି । ସେହିଭଳି ବିଭିନ୍ନ ବୟସ ବର୍ଗ ଯଥା ୮,୧୦, ୧୨, ୧୪ ଓ ବାଳିକା ବର୍ଗରେ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଏସ୍‌ଡିଏମ୍ ସଫ୍ଟଓୟାର ସଲ୍ୟୁଏସନ୍‌ର ପରିଚାଳନା ନିର୍ଦ୍ଦେଶକ ଦୀପକ ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉପସ୍ଥିତ ଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଆଇପିଏଲ୍‌ରେ ଆଇପିଏସ୍ ଅଫିସରଙ୍କ ପୁଅ

ନୂଆଦିଲ୍ଲୀ,୭।୪(ଏଜେନ୍ସି): ଅନ୍ତର୍ଜାତୀୟ ମ୍ୟାଚ ଖେଳିନାହାନ୍ତି, ତଥାପି ଆଇପିଏଲ୍‌ରେ ଜମାଣିଆ ଖେଳି ସମସ୍ତଙ୍କ ହୃଦୟ ଜିତୁଛନ୍ତି । ଯେଉଁ ଖେଳାଳିଙ୍କୁ ଦିନେ ପଞ୍ଜାବ କିଙ୍ଗ୍ସ କିଣିବାକୁ ଚାହୁଁନଥିଲେ, ଏବେ ସେହି ଟିମ୍ ପକ୍ଷରୁ ଗୁଜରାଟ ଟାଇଟନ୍ସକୁ ଧୂଳି ଚଟାଇଛନ୍ତି ୩୨ ବର୍ଷୀୟ ଖେଳାଳି ଶଶାଙ୍କ ସିଂ । ଶେଷ ଓଭରରେ ଗୁଜରାଟ ମୁହଁରୁ ମ୍ୟାଚ ଛଡାଇ ଆଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଛନ୍ତି ଶଶାଙ୍କ । ଗୁଜରାଟ ବିପକ୍ଷରେ ସେ ୨୯ ବର୍ଷରୁ ୬୧ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ତାଙ୍କର ଏହି ଇନିଂସ ଯୋଗୁଁ ଦଳ ବିଜୟୀ ହୋଇଥିଲା । ୨୦୨୪ ଖେଳାଳି ନିଲାମ୍‌ରେ ଶଶାଙ୍କଙ୍କୁ ମାତ୍ର ୨୦ ଲକ୍ଷ ଟଙ୍କା ବେସ ପ୍ରାଇସ୍‌ରେ କିଣିଥିଲା ପଞ୍ଜାବ ।

ନିଲାମ୍‌ରେ ପ୍ରୀତି ଟିଣ୍ଟା ଯେଉଁ ଶଶାଙ୍କଙ୍କୁ କିଣିବାକୁ ଚାହୁଁ ଥିଲେ ବାସ୍ତବରେ ସେ ସେହି ଶଶାଙ୍କ ନଥିଲେ । ତେଣୁ ପ୍ରୀତି ତାଙ୍କୁ ରିଟର୍ଣ୍ଣ କରିବାକୁ ଚାହୁଁଥିଲେ । କିନ୍ତୁ ଆଇପିଏଲ୍ ନିୟମ୍ କାରଣରୁ ଏପରି ହୋଇନଥିଲା । ଏହି ଶଶାଙ୍କ ସିଂ କିଏ । ୩୨ ବର୍ଷୀୟ ଶଶାଙ୍କ ଛତିଶଗଡ଼ ଭିଲାଇରେ ଜନ୍ମ ହୋଇଥିଲେ । ଶଶାଙ୍କଙ୍କ ବାପା ହେଉଛନ୍ତି ଶୈଳେଶ ସିଂ । ସେ ଜଣେ ଆଇପିଏସ୍ ଅଫିସର । ବାପା ଆଇପିଏସ୍ ହୋଇଥିବାରୁ ଶଶାଙ୍କ ବିଭିନ୍ନ ସହରରେ ରହିବାର ସୁବିଧା ପାଇଥିଲେ । ଭୋପାଳରେ ପୋଷ୍ଟିଂ ହେବା ସମୟରେ ଶୈଳେଶ ପୁଅର ପ୍ରତିଭା ସମ୍ପର୍କରେ ଜାଣିଥିଲେ । ଏହାପରେ କ୍ରିକେଟ୍ କୋଚିଂ ପାଇଁ ଶଶାଙ୍କଙ୍କୁ କ୍ରିକେଟ୍ ଏକାଡେମୀକୁ ପଠାଇଥିଲେ । ୨୦୧୫ରେ ମୁମ୍ବାଇ ପାଇଁ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଏବଂ ବିଜୟ ହଜାରେ ଟ୍ରଫିରେ ଶଶାଙ୍କ ପ୍ରଥମଥର ନିଜର ଦକ୍ଷତା ଦେଖାଇଥିଲେ । ବ୍ୟାଟିଂ ସହ ଅଫସ୍ପିନ୍ ବୋଲିଂ କରନ୍ତି ଶଶାଙ୍କ । ସେ ମୁମ୍ବାଇ ପାଇଁ ୪ଟି ସିଜନରେ ୧୫ଟି ଟି-୨୦ ଏବଂ ୩ଟି ଲିଷ୍ଟ ଏ' ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ । ଏଥିରେ ସେ ନିରାଶ ହୋଇ ଛତିଶଗଡ଼ ଚାଲିଆସିଥିଲେ । ଛତିଶଗଡ଼ରେ ଶଶାଙ୍କଙ୍କୁ ଅଧିକ ସୁଯୋଗ ମିଳିଥିଲା । ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ । ୨୦୨୩ ବିଜୟ ହଜାରେ ଟ୍ରଫିରେ ୫ ୱିକେଟ୍ ନେବା ସହ ୧୫୦ରୁ ଅଧିକ ରନ୍ କରିଥିଲେ । ଏପରି କରିବାର ସେ ପ୍ରଥମ ଭାରତୀୟ ବନିଛନ୍ତି । ୩୦ଟି ଲିଷ୍ଟ ଏ' ମ୍ୟାଚ ଖେଳି ୯୮୬ ରନ୍ ତଥା ୨୧ଟି ପ୍ରଥମ ଶ୍ରେଣୀ ମ୍ୟାଚରେ ୮୫୮ ରନ୍ କରିଛନ୍ତି । ଶଶାଙ୍କ ୨୦୧୭ ଆଇପିଏଲ୍‌ରେ ଦିଲ୍ଲୀ ଟିମ୍, ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ରାଜସ୍ଥାନ ରୟାଲ୍ସରେ ଥିଲେ । ଉଭୟ ଟିମ୍ ଖେଳିବାକୁ ସୁଯୋଗ ଦେଇନଥିଲେ । ୨୦୨୨ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ସହ ରହିଥିଲେ । ଲକି ଫର୍ଗୁସନ୍‌ଙ୍କ ବିପକ୍ଷରେ ହ୍ୟାଟ୍ରିକ୍ ଛକା ମାରିଥିଲେ । ତେଣୁ ଚଳିତ ସିଜନ୍‌ରେ ପଞ୍ଜାବ ଏହି ଅଣ କ୍ୟାପ୍ ଖେଳାଳିଙ୍କୁ କେମିତି ପ୍ରୟୋଗ କରିବ ସେ ଉପରେ ସଭିଙ୍କ ନଜର ରହିବ ।

ହକି: ପୁଣି ଅଷ୍ଟ୍ରେଲିଆଠୁ ହାରିଲା ଭାରତ

ନୂଆଦିଲ୍ଲୀ,୭।୪(ଏଜେନ୍ସି): ପ୍ରଥମ ମ୍ୟାଚର ପ୍ରଦର୍ଶନ ତୁଳନାରେ ଦ୍ୱିତୀୟ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇଥିଲା । ତଥାପି ଭାରତୀୟ ଦଳ ଏହି ମ୍ୟାଚକୁ ୨-୪ ବ୍ୟବଧାନରେ ହାରି ଯାଇଛି । ପର୍ଥରେ ରବିବାର ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ପୁଣି ଜମାଣିଆ ପ୍ରଦର୍ଶନ ଦେଖାଇ ଭ୍ରମଣକାରୀ ଭାରତକୁ ନାକେଦମ କରିଥିଲା । ଏହି ବିଜୟ ସହ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହାଲସ କରିଛି । ଗତ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ୫-୧ ବ୍ୟବଧାନରେ ଭାରତକୁ ଧରାଶାୟୀ କରିଥିଲା ।

ପ୍ରଥମାର୍ଦ୍ଧ ବେଳକୁ ଭାରତ ୨-୧ ବ୍ୟବଧାନରେ ଅଗ୍ରଣୀ ହାସଲ କରିଥିଲା । ଲାଗୁଥିଲା ଦଳ ଏହି ମ୍ୟାଚକୁ ସହଜରେ ଜ